# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 319 | ଭାଗ ୩୨ | ସଂଖ୍ୟା ୩୧୯ | Bhubaneswar | Wednesday 12 February 2025 | Page 8 Rs. 4.00 | ● ଭୁବନେଶ୍ୱର ବୁଧବାର ୧୨ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା





ଆଜି ଅହମଦାବାଦରେ ଭାରତ-ଇଂଲଣ୍ଡ ତୃତୀୟ ଦିନିକିଆ ପୃଷ୍ଠା ୭


# ବିବାହ ବିଚ୍ଛେଦ ରୋକିବ ପିଏମ୍‌ସିସି



- ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜାତୀୟ ମହିଳା କମିଶନ୍ ଅଧ୍ୟକ୍ଷା
- ମହିଳାଙ୍କ ପାଇଁ ହେବ ସ୍ୱତନ୍ତ୍ର ଗ୍ରାମସଭା
- ଦୁଷ୍କର୍ମକାରୀଙ୍କ ବିରୋଧରେ କଠୋର ହେବେ ସରକାର

**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ବର୍ତ୍ତମାନ ସମାଜରେ ବଢୁଥିବା ବିବାହ ବିଚ୍ଛେଦ ମାମଲାକୁ ନିୟନ୍ତ୍ରଣ କରିବାକୁ ରାଜ୍ୟରେ ପ୍ରାକ ବିବାହ ପରାମର୍ଶ କେନ୍ଦ୍ର (ପିଏମ୍‌ସିସି) ଖୋଲାଯିବ। ଆଜି ଏ ସମ୍ପର୍କରେ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ବିଜୟା ରାହତକର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହ ଆଲୋଚନା କରିଛନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଏଥିରେ ମୁଖ୍ୟମନ୍ତ୍ରୀ ସହମତି ପ୍ରଦାନ କରି କହିଥିଲେ, ପରାମର୍ଶ କେନ୍ଦ୍ର ମାଧ୍ୟମରେ ବିବାହ ପୂର୍ବରୁ ସାଂସାରିକ ଜୀବନ ସମ୍ବନ୍ଧରେ ଉପଯୁକ୍ତ ପରାମର୍ଶ ମିଳିଲେ ବିଚ୍ଛେଦ ହାର ନିଶ୍ଚୟ କମିବ ଏବଂ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ। ଏଥିସହିତ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଗ୍ରାମସଭା, ବାଲ୍ୟ ବିବାହ ଏବଂ ମହିଳା ହିଂସାକୁ ରୋକିବା, କାର୍ଯ୍ୟ **କ୍ଷେତ୍ରରେ ମହିଳାଙ୍କ ଉପରେ ହେଉଥିବା** ଯୌନ ନିର୍ଯାତନା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ମହିଳା କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ସର୍ବବୃହତ ଯୋଜନା ସୁଭଦ୍ରା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଅବଗତ ହୋଇ ଅଧ୍ୟକ୍ଷା ଖୁସି ବ୍ୟକ୍ତ କରିଥିଲେ। ଏଥି ସହିତ ଓଡିଶାରେ ମହିଳା ଉଦ୍ୟୋଗୀ ଓ ମହିଳା ଚାଷୀଙ୍କ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ।

ରାଜ୍ୟ ମହିଳା କମିଶନର ୩୨ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା। ଏହି ଅବସରରେ ରାଜ୍ୟରେ ମହିଳାମାନଙ୍କ ବିକାଶ ଓ ମହିଳାମାନଙ୍କ ଦ୍ୱାରା ବିକାଶକୁ ହାସଲ କରିବା ନିମନ୍ତେ ମହିଳାମାନେ ନିଜ ନ୍ୟାୟିକ ଅଧିକାର ପ୍ରତି ସଚେତନ ହେବା ନିହାତି ଆବଶ୍ୟକ ବୋଲି କହିଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଦୃଢ଼ ମତ ରଖିଛନ୍ତି। ଆଜିର ମହିଳା ସମାଜର ବିଭିନ୍ନ କ୍ଷେତ୍ରରେ ନିଜର ଶକ୍ତି ଓ ସାମର୍ଥ୍ୟ ପ୍ରତିପାଦନ କରିଛନ୍ତି। ସେମାନଙ୍କ ଅଧିକାରକୁ ସୁନିଶ୍ଚିତ କରି ନ୍ୟାୟିକ ସୁରକ୍ଷା ପ୍ରଦାନ କରିବା ସରକାରଙ୍କ ସହ ସମାଜର କର୍ତ୍ତବ୍ୟ ହେବା ଉଚିତ। ତୃଣମୂଳସ୍ତରରେ ମହିଳାମାନଙ୍କ ସାମାଜିକ, ଅର୍ଥନୈତିକ ବିକାଶ ସହ ସେମାନଙ୍କ ନ୍ୟାୟିକ ଅଧିକାରକୁ ➩ପୃଷ୍ଠା-୬

## ମହିଳା କମିଶନଙ୍କୁ ପୁଲିସ କ୍ଷମତା



ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ): ନାଁକୁ ମାତ୍ର ମହିଳା କମିଶନ, କିନ୍ତୁ କ୍ଷମତା କିଛି ନାହିଁ। ଏବେ କିନ୍ତୁ ରାଜ୍ୟ ସରକାର ଏହାର ଆବଶ୍ୟକତାକୁ ଉପଲବ୍ଧି କରି ମହିଳା କମିଶନଙ୍କ ଅଧିକାର ଏବଂ କ୍ଷମତା ବଢ଼ାଇବାକୁ ଯାଉଛନ୍ତି। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଆଜି ସୂଚନା ଦେଇଛନ୍ତି। ସେ ସିଧାସଳଖ କହିଛନ୍ତି ଯେ ମହିଳା କମିଶନ ସବୁବେଳେ କ୍ଷମତାହୀନ ହୋଇ ରହିଆସିଛନ୍ତି। କିନ୍ତୁ ତାଙ୍କର ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା କଥା। ସେ ଅନେକ ପ୍ରସଙ୍ଗରେ ନିଜେ ବିଚାର କରି ଦଣ୍ଡ ବିଧାନ କରିବା କଥା। ସେ ନିଜ ଅଧିକାର ବଳରେ ସମନ୍ କରିବା, ଡାକିବା ଏବଂ ଦଣ୍ଡିତ ମଧ୍ୟ କରିପାରିବା କଥା। ହେଲେ ମହିଳା କମିଶନ କେବେ ବି କାହାକୁ ଦଣ୍ଡିତ କରିନାହାନ୍ତି। କମିଶନ୍ ଗଠନ ପରଠାରୁ ତାଙ୍କୁ କଦାପି ସେ ଅଧିକାର ଦିଆଯାଇନାହିଁ। ଗତ ୩୨ ବର୍ଷ ହେଲାଣି ମହିଳା କମିଶନ ➩ପୃଷ୍ଠା-୬

ଏଆଇ ଆକ୍ସନ୍ ଶିଖର ସମ୍ମିଳନୀରେ ମୋଦିଙ୍କ ଉଦ୍‌ବୋଧନ

# ଏଆଇ ପରିଚାଳନାରେ ବିଶ୍ୱର ସହଯୋଗ ଲୋଡ଼ିଲେ



ପ୍ୟାରିସ,୧୧।୨: ଫ୍ରାନ୍ସ ଗସ୍ତରେ ଯାଇଥିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସେଠାକାର ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ସହ ମିଳିତ ଭାବେ ବହୁପ୍ରତୀକ୍ଷିତ ଏଆଇ ଆକ୍ସନ ଶିଖର ସମ୍ମିଳନୀରେ ଅଧ୍ୟକ୍ଷତା କରିଛନ୍ତି। ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ କୃତ୍ରିମ ବୁଦ୍ଧିମତା (ଏଆଇ) ଅନ୍ୟାନ୍ୟ ଟେକ୍ନୋଲୋଜିଠାରୁ ସମ୍ପୂର୍ଣ୍ଣ ଭିନ୍ନ ଓ ଏଥିପାଇଁ ସତର୍କ ରହିବାର ଆବଶ୍ୟକତା ରହିଛି। ଏଆଇର ବିକାଶ ➩ପୃଷ୍ଠା-୬

ଓଡ଼ିଶା କଂଗ୍ରେସର ନୂଆ ମୁଖିଆ

# ଭକ୍ତଙ୍କ ହାତରେ ଭାଗ୍ୟ



**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ଲମ୍ବା ପ୍ରତୀକ୍ଷାର ଅନ୍ତ ଘଟାଇ କଂଗ୍ରେସ ହାଇକମାଣ୍ଡ ଆଜି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଦଳର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କୁ ଓଡ଼ିଶା କଂଗ୍ରେସର ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି। ଆଜି ଏଆଇସିସି ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଗତ ସାଧାରଣ ନିର୍ବାଚନରେ ରାଜ୍ୟରେ ଦଳର ଶୋଚନୀୟ ପରାଜୟ ପରେ ପୂର୍ବତନ ସଭାପତି ଶରତ ନାୟକ ସଭାପତି ପଦରୁ ଇସ୍ତଫା ଦେଇଥିଲେ। ସେବେଠାରୁ ଏହି ପଦବୀ ଦୀର୍ଘ ୮ ମାସ ଧରି ଖାଲି ପଡ଼ିବା ପରେ ଏବେ ଦଳ ଭକ୍ତଙ୍କ ଦକ୍ଷତା ଉପରେ ଆସ୍ଥା ପ୍ରକଟ ➩ପୃଷ୍ଠା-୬

ଭିନ୍ନ ମୋହନ

# ତୁମେ ତୁମ ପଞ୍ଚାୟତର ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଶାସନ ଭାର ଗ୍ରହଣ କରିବା ଦିନରୁ ବିରୋଧୀ ସୋସିଆଲ ମିଡିଆରେ ତାଙ୍କ ଅପପ୍ରଚାରରେ ମାତିଛନ୍ତି' ଏସବୁ ଅପପ୍ରଚାର 'ଅଙ୍ଗୁର ଖାଇ ନ ଜାଣିଲେ ଖଟା' ପରି । ବିଜେଡି କ୍ଷମତାରୁ ଯିବା ପରେ କିଛି କୁଚକ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ବଦନାମ କରିବାକୁ ଲାଗିଛନ୍ତି। ହେଲେ ଏବେ ଜଣେ ମହିଳା ସରପଞ୍ଚ ସୋସିଆଲ ମିଡିଆରେ ନିଜର ଏକ ପୋଷ୍ଟ ଜରିଆରେ ଅପପ୍ରଚାରକାରୀଙ୍କୁ ଶକ୍ତ ଚାପୁଡ଼ା ମାରିଛନ୍ତି। ଏକ ସରକାରୀ କାର୍ଯ୍ୟକ୍ରମରେ ଜଣେ ମହିଳା ସରପଞ୍ଚ ମୁଖ୍ୟମନ୍ତ୍ରୀଙ୍କ ସହ ଫଟୋ ଉଠାଇଛନ୍ତି। ଆଉ ସେ ➩ପୃଷ୍ଠା-୬

ଆଉ ପର୍ବପର୍ବାଣୀକୁ ନେଇ ରହିବନି ଦ୍ୱନ୍ଦ୍ୱ, ପଞ୍ଜିକା ସମନ୍ୱୟ ବୈଠକରେ ନିଷ୍ପତ୍ତି

# ବିଭ୍ରାନ୍ତିକର ତଥ୍ୟ ଦେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ



- ଶ୍ରୀମନ୍ଦିର ବିଧି ଅନୁଯାୟୀ ତିଆରି ହେବ ପାଞ୍ଜି
- ପାଞ୍ଜି ଅନୁସାରେ ସଂଶୋଧନ ହେବ ସରକାରୀ କ୍ୟାଲେଣ୍ଡର

**ପୁରୀ,୧୧।୨(ସଂଚାର ବ୍ୟୁରୋ):** ଆଉ ପର୍ବପର୍ବାଣୀକୁ ନେଇ ଦେଖାଦେବନାହିଁ ଦ୍ୱନ୍ଦ୍ୱ। ଗୋଟିଏ ତିଥି ବା ଗୋଟିଏ ଦିନରେ ଶ୍ରୀମନ୍ଦିର ବିଧିବିଧାନ ଅନୁସାରେ ପଡ଼ିବ ପର୍ବପର୍ବାଣୀ। ସେଥିପାଇଁ ଆଜି ୫ ପଞ୍ଜିକାକୁ ସ୍ୱୀକୃତି ଦେଇଛି ଶ୍ରୀମନ୍ଦିର ପ୍ରଶାସନ। ଏଥିସହ ପଞ୍ଜିକାରେ ବିଭ୍ରାନ୍ତିକର ତଥ୍ୟ ଦେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାଇ ଦିଆଯାଇଛି। ଗୋଟିଏ ଦିନ ଓ ଗୋଟିଏ ତିଥିରେ ସମସ୍ତେ ପାଳନ୍ତୁ ନିର୍ଦ୍ଦିଷ୍ଟ ପର୍ବପର୍ବାଣୀ। ଗୋଟିଏ ପର୍ବ ପାଇଁ ପାଞ୍ଜିରେ ନ ରହୁ ୨ଟି ଭିନ୍ନ ଭିନ୍ନ ତାରିଖ। ଖାସ୍ କରି ଶ୍ରୀମନ୍ଦିରରେ ପାଳନ ହେଉଥିବା ପର୍ବ ଓ ଉତ୍ସବଗୁଡ଼ିକରେ ଯେପରି କୌଣସି ଦ୍ୱନ୍ଦ୍ୱ ନ ରହେ, ସେଥିପାଇଁ ପଞ୍ଜିକାଗୁଡ଼ିକୁ ନିର୍ଭୁଲ୍ ଓ ତ୍ରୁଟିଶୂନ୍ୟ କରିବାକୁ ବଡ଼ ପଦକ୍ଷେପ ନେଇଛି ପ୍ରଶାସନ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଞ୍ଜିକା ସମନ୍ୱୟ ବୈଠକରେ ୫ଟି ପାଞ୍ଜିକୁ ମିଳିଛି ସ୍ୱୀକୃତି।

ଆଜି ଶ୍ରୀମନ୍ଦିରରେ ପ୍ରଚଳିତ ବିଭିନ୍ନ ପର୍ବୋତ୍ସବର ତିଥି ଓ ତାରିଖକୁ ନେଇ ଓଡ଼ିଆ ପଞ୍ଜିକାଗୁଡ଼ିକରେ ଯେପରି କୌଣସି ତ୍ରୁଟି କି ତାରତମ୍ୟ ନ ରହେ, ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଥିଲା ଗୁରୁତ୍ୱପୂର୍ଣ୍ଣ ପଞ୍ଜିକା ସମନ୍ୱୟ ବୈଠକ। ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଦାଖଲ ୫ଟି ପଞ୍ଜିକାର ପାଣ୍ଡୁଲିପିକୁ ମିଳିଛି ସ୍ୱୀକୃତି। ସେଗୁଡ଼ିକ ହେଲା ଶ୍ରୀ ରାଧାରମଣ ବିଶୁଦ୍ଧ ଖଡ଼ିରତ୍ନ ପଞ୍ଜିକା, ଓଡ଼ିଶା କୋହିନୂର ପ୍ରେସ୍ ପଞ୍ଜିକା, ଅରୁଣୋଦୟ ପ୍ରେସ୍ ଖଡ଼ିରତ୍ନ ପଞ୍ଜିକା, ଜି.ଏନ୍. ତ୍ରିପାଠୀ ଉତ୍କଳ ଜାତୀୟ ଖଡ଼ିରତ୍ନ ପଞ୍ଜିକା ଏବଂ ଭାଗ୍ୟଦୀପ ପଞ୍ଜିକା। ଏହି ୫ଟି ପାଞ୍ଜିର ପଞ୍ଜିକାର ଓ ପ୍ରକାଶକମାନେ ନିଜର ପାଣ୍ଡୁଲିପି ଦାଖଲ କରିବା ସହ ଶ୍ରୀମନ୍ଦିରରେ ପ୍ରଚଳିତ ନୀତିକାନ୍ତିରେ ସମନ୍ୱୟ ରଖିବାକୁ ସହମତି ପ୍ରକାଶ କରିଥିଲେ। ଏଥିରେ କୌଣସି ତ୍ରୁଟି ରହିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। ଶ୍ରୀମନ୍ଦିରର ନୀତିକାନ୍ତି ପାଇଁ ମୁକ୍ତି ମଣ୍ଡପ ଅନୁମୋଦିତ ପଞ୍ଜିକାକୁ ଗ୍ରହଣ କରାଯାଏ। ତେଣୁ କ୍ୟାଲେଣ୍ଡର ବଦଳରେ ଏହି ୫ଟି ପଞ୍ଜିକାକୁ ଶ୍ରୀମନ୍ଦିର ନୀତିକାନ୍ତି ସମ୍ପର୍କରେ ବ୍ୟବହାର କରିବାକୁ ଅନୁରୋଧ କରିଛନ୍ତି ପୂଜାପଣ୍ଡା ସେବାୟତ। ପଣା ସଂକ୍ରାନ୍ତିରୁ ଦୀପାବଳି, ବିଜୟା ଦଶମୀରୁ ବସନ୍ତ ପଞ୍ଚମୀ। ଚଳିତ ବର୍ଷ ଭିନ୍ନ ଭିନ୍ନ ପଞ୍ଜିକାରେ ଏସବୁର ଭିନ୍ନ ଭିନ୍ନ ତାରିଖକୁ ନେଇ ଦେଖାଦେଇଥିଲା ଦ୍ୱନ୍ଦ୍ୱ। କେତେକ ପାଞ୍ଜିରେ ତିଥି ଓ ତାରିଖ ତାଳମେଳ ରହୁନଥିବାରୁ ସାଧାରଣରେ ପ୍ରକାଶ ପାଇଥିଲା ଅସନ୍ତୋଷ। ତେବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨୦୨୫-୨୬ ବର୍ଷର ସମସ୍ତ ପଞ୍ଜିକାରେ ଶ୍ରୀମନ୍ଦିରରେ ପାଳନ ହେଉଥିବା ପର୍ବପର୍ବାଣୀ ସମ୍ପର୍କିତ ତଥ୍ୟରେ ସମନ୍ୱୟ ରଖିବାକୁ ନିବେଦନ କରାଯାଇଛି। ଅନୁମୋଦିତ ଚିଠା ଅନୁସାରେ ପଞ୍ଜିକାରେ ସଂଶୋଧନ କରିବାକୁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଛି।

ଚଳିତବର୍ଷ ଅକ୍ଟୋବର ୨୦ ତାରିଖରେ ଦୀପାବଳି ଅମାବାସ୍ୟା ଓ ପର୍ୟାଶ୍ରାଦ୍ଧକୁ ନେଇ ପୁଣି ଦ୍ୱନ୍ଦ୍ୱ ଦେଖାଦେବାର ଆଶଙ୍କା ଥିବାରୁ ଘରେ ➩ପୃଷ୍ଠା-୬

# ନବମ ଓ ଦଶମ ପିଲାଙ୍କୁ ମିଳିବ ମଧ୍ୟାହ୍ନଭୋଜନ

**କଟକ,୧୧।୨(ସଂଚାର ବ୍ୟୁରୋ):** ଏଣିକି ରାଜ୍ୟର ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟ ମିଳିବ ମଧ୍ୟାହ୍ନଭୋଜନ। ଏନେଇ ମଙ୍ଗଳବାର କଟକରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି । ପୂର୍ବରୁ ଅଷ୍ଟମ ଶ୍ରେଣୀ ଯାଏ କେବଳ ମଧ୍ୟାହ୍ନ ଭୋଜନ ମିଳୁଥିବା ବେଳେ ଏଥିରେ ଏବେ ଏହି ଦୁଇ ଶ୍ରେଣୀ ଛାତ୍ରଛାତ୍ରୀମାନେ ସାମିଲ୍ ହେବେ। ବିଦ୍ୟାଳୟରେ ପିଲାମାନଙ୍କ ଉପସ୍ଥାନ ବୃଦ୍ଧି କରିବା ସହ ଛାତ୍ରଛାତ୍ରୀମାନେ ଯେଭଳି ପାଠରେ ଅଧିକ ଧ୍ୟାନ ଦେଇପାରିବେ ଏବଂ କୌଣସି ଛାତ୍ରଛାତ୍ରୀ ଯେପରି ଭୋକରେ ନ ରହିବେ, ସେଥିସକାଶେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



## କାନ ଡେରିଥା

କଂଗ୍ରେସ ପାଇଲା ଓଡିଶା ମୁଖିଆ
ଏବେ ସଂଗଠିତ ହେବ
କଙ୍କଡା ଭଳିଆ ଭିଡା ଭିଡି ହେଲେ
ପୂର୍ବ ପରିସ୍ଥିତି ହେବ
ନିର୍ବାଚନ ଯେ ଆସିବ...
କଂଗ୍ରେସ ଦଳରେ ସବୁ ଯେ ସମ୍ଭବ
କର୍ମୀ ଟେ କାହୁଁ ବୁଝିବା।

■ ଦେବାଶିଷ

ବନ୍ଦ ହେବନି ମମତା ଯୋଜନା

# ଏକାଠି ଚାଲିବ ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା

- ପୁଅ ପାଇଁ ମିଳିବ ୧୦ ହଜାର, ଝିଅ ପାଇଁ ଅଧିକ ୨ ହଜାର
- ବଢ଼ିଲା ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ପ୍ରୋତ୍ସାହନ ରାଶି





ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ): ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମମତା ଯୋଜନା ସହିତ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ କରାଯିବ। ଏଥିରେ କନ୍ୟା ସନ୍ତାନ ଜନ୍ମ ପାଇଁ ଗର୍ଭବତୀମାନଙ୍କୁ ବର୍ଷକୁ ଅଧିକ ୨ ହଜାର ଟଙ୍କା ପ୍ରଦାନ କରାଯିବ। ଗର୍ଭବତୀ, ପ୍ରସୂତି ମହିଳାଙ୍କ ଉତ୍ତମ ସ୍ୱାସ୍ଥ୍ୟ ତଥା କନ୍ୟା ସନ୍ତାନ ଜନ୍ମକୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ଯୋଜନାରେ ପୁତ୍ର ସନ୍ତାନ ଜନ୍ମ ➩ପୃଷ୍ଠା-୬

# ଖୁବ୍‌ଶୀଘ୍ର ଜୟଦେବ ବିହାର-ନନ୍ଦନକାନନ ଫ୍ଲାଏଓଭର



**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ଭୁବନେଶ୍ୱରର ଜୟଦେବ ବିହାରରୁ ନନ୍ଦନକାନନକୁ ସଂଯୋଗ କରୁଥିବା 'ବ୍ୟସ୍ତବହୁଳ' ରୁଟ୍ ଉପରେ ପ୍ରସ୍ତାବିତ ଫ୍ଲାଏଓଭର ଖୁବ୍‌ଶୀଘ୍ର ନିର୍ମାଣ କରାଯିବ ବୋଲି ମଙ୍ଗଳବାର ରାଜ୍ୟ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ରାଜ୍ୟ ସରକାର ପ୍ରକଳ୍ପକୁ ଅନୁମୋଦନ କରିବା ପରେ ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏହି ପ୍ରକଳ୍ପର ବୈଷୟିକ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସେ କହିଛନ୍ତି। ପ୍ରକଳ୍ପ ବିଷୟରେ ବିସ୍ତୃତ ➩ପୃଷ୍ଠା-୬







# ବିଜେବି କଲେଜ ଜମି ଜବରଦଖଲ: ମିଲ୍ସ ରେଡ୍ଡୀ @୭୦



- ଜାଣି ଅଜଣା ବିଏମ୍‌ସି
- ଜମି ପାଇବାକୁ କଲେଜ କର୍ତ୍ତୃପକ୍ଷଙ୍କ ସଜବାଜ

ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ): ନିଜ ଜମିକୁ ଖୋଜୁଥିବା ବିଜେବି କଲେଜ କର୍ତ୍ତୃପକ୍ଷ ପ୍ରଥମେ କ୍ରିକେଟ୍ ଓ ପରେ ବିବାହ ମଣ୍ଡପ ଦଖଲରେ ଥିବା ଦେଖିବାକୁ ପାଇଥିବା ବେଳେ ଏବେ କଲେଜ ଜମିରେ ବେଧଡ଼କ ଭାବେ ହୋଟେଲ ବେପାର ଚାଲିଥିବା ଜାଣିବାକୁ ପାଇଛନ୍ତି। ଦୀର୍ଘଦିନ ହେଲା ବିଜେବି କଲେଜ ଜମିରେ ହୋଟେଲ ଖୋଲାଯିବା ସହିତ ସେଠାରେ ୭୦ଟଙ୍କିଆ ମିଲ୍ ବିକ୍ରି ହେଉଥିବା କଲେଜ କର୍ତ୍ତୃପକ୍ଷଙ୍କ ନଜରକୁ ଆସିଛି। ବିଜେବି କଲେଜ କର୍ତ୍ତୃପକ୍ଷ ନିଜ ଛାତ୍ରଛାତ୍ରୀଙ୍କ ପାଇଁ କୋଠା ନିର୍ମାଣ କରିବାକୁ ବାହାରିବା ବେଳେ ଏବେ ଆଳୁ ଖୋଳୁ ଖୋଳୁ ମହାଦେବ ମିଳିବା ଭଳି ଅବସ୍ଥା ସୃଷ୍ଟି ହୋଇଛି। କାରଣ ଦୀର୍ଘଦିନ ହେଲା ଜମି ନଥିବା ଦର୍ଶାଇ ବିଜେବି କଲେଜ କର୍ତ୍ତୃପକ୍ଷ ଘର ତିଆରି କରିପାରୁନଥିଲେ। ହେଲେ ପିଲାଙ୍କ ଚାପ ବଢ଼ିବାରୁ କଲେଜ କର୍ତ୍ତୃପକ୍ଷ ସରକାରଙ୍କୁ ଜମି ଯୋଗାଇ ଦେବା ପାଇଁ ଚିଠି ଲେଖିଥିଲେ। ହେଲେ ସରକାର ଜମି ଯୋଗାଇବେ କ'ଣ, କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କଲେ ଯେ କଲେଜକୁ ୨୭ ଏକର ଜମି ଯୋଗାଇ ଦିଆଯାଇଥିଲା। ଘର ତିଆରି ପରେ ସେଥିରୁ ଅନେକ ଜମି ବଳକା ରହିଛି। ବଳକା ➩ପୃଷ୍ଠା-୬

# ଶ୍ରମିକ ସଚେତନତା ରଥର ଶୁଭାରମ୍ଭ



**କେନ୍ଦ୍ରାପଡ଼ା,୧୧।୨ (ସଂଚାର ବ୍ୟୁରୋ):** ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ତରଫରୁ ମଙ୍ଗଳବାର ଶ୍ରମିକ ସଚେତନତା ରଥ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏହି ଶ୍ରମିକ ସଚେତନତା ରଥକୁ ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ଶୁଭାରମ୍ଭ କରିଛନ୍ତି । ଏହି ଶ୍ରମିକ ସଚେତନତା ରଥ ଦୀର୍ଘ ଏକ ମାସ ଧରି ଜିଲ୍ଲାର କୋଣ ଅନୁକୋଣ ପରିଭ୍ରମଣ କରି ସରକାରଙ୍କ ତରଫରୁ ଶ୍ରମିକମାନଙ୍କୁ ଦିଆଯାଉଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା, ପ୍ରବାସୀ ଶ୍ରମିକ ଆଇନ ଓ ଶିଶୁ ଶ୍ରମିକ ନିରୋଧ ଆଇନ ବିଷୟରେ ସଚେତନତା ସୃଷ୍ଟି କରିବ। ଶ୍ରମିକ ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମ ରେ ଅନନ୍ତ ପଦ୍ମନାଭ ମହାମାନସିଂହ, ଜିଲ୍ଲା ଶ୍ରମ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରଦୀପ କୁମାର ମହାନ୍ତି, ସହକାରୀ ଶ୍ରମ ଅଧିକାରୀ କନିଷ୍କ ନାରାୟଣ, ଆଶୁତୋଷ ପଟେଲ, ଜ୍ୟୋତି ରଞ୍ଜନ ପରିଡା,ଏସ ଡି କିରଣ କୁମାର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କେନ୍ଦ୍ରାପଡ଼ା, ଶିଶୁ ସୁରକ୍ଷା ସ୍ୱେଚ୍ଛାସେବୀ, ଡିଇଓ ବିଶ୍ୱଜିତ ସାହୁ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ୟୁନିଅନ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ସ୍ନେହ ପକ୍ଷରୁ ବିଶ୍ୱ ଉନାନୀ ଦିବସ ପାଳିତ




**ଗରଦପୁର,୧୧।୨ (ସଂଚାର ବ୍ୟୁରୋ):** ଅଗ୍ରଣୀ ସାମାଜିକ ସଂଗଠନ ସ୍ନେହ ପକ୍ଷରୁ ଗରଦପୁର ବ୍ଲକ କଳାବୁଦା ଉତ୍ତେରଶ୍ୱର ମହିଦେବ ପ୍ରାଗଣରେ ପାଳିତ ହୋଇଯାଇଛି। ସଂଗଠନର ସଯୋଜକ ରମାକାନ୍ତ ସ୍ୱାଇଁଙ୍କ ସଯୋଜନାରେ ପ୍ରାକ୍ତନ ବରିଷ୍ଠ ଆୟୁର୍ବେଦ ଚିକିତ୍ସକ ଡା ତ୍ରୈଲୋଚନ ଛାଟୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦିନକୁ ଦିନ ଯେତେବେଳେ ଆୟୁର୍ବେଦ ବା ଜଡିବୁଟି ଓଷଧ ବୁଡିଯାଉଥିବା ବେଳେ ଉକ୍ତ ପାରମ୍ପରା ଓଷଧ ସେବନ ପାଇ ପରାମର୍ଶ ଦେଇଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧ୍ୟାପକ ରଞ୍ଜନ କୁମାର ଦାସ ଓ ପଣ୍ଡିତ ପ୍ରଫୁଲ କୁମାର ପଣ୍ଡା ଯୋଗ ଦେଇ ଉନାନୀ ବା ଆୟୁର୍ବେଦ ଚିକିତ୍ସା ପଦ୍ଧତି ଉପରେ ଆଲୋଚନା ସହ ଏକ ଆୟୁର୍ବେଦ ଚିକିତ୍ସା କ୍ୟାମ୍ପ କରିବା ପରାର୍ମଶ ଦେଇଥିଲେ । ଏହି ଅବସରେ ଅକ୍ଷୟ କୁମାର ନାୟକ, କାନୁନଗୋ ଶଶୀଭୂଷଣ ମହାନ୍ତି, ମାଧବାନନ୍ଦ ନାୟକ, ଶାରଦା ପ୍ରସାଦ ଶତପଥୀ, ରାଜକିଶୋର ବାରିକ, ଅଜୟ କୁମାର ଶତପଥୀ,କାଳନ୍ଦୀ ଚରଣ ମହରଣା,ପ୍ରଶ୍ମନ ଗ୍ରହରାଜ , ପ୍ରଭାକର ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିବା ବେଳେ ସଗଠନର ସହ ସଯୋଜକ ଦେବପ୍ରସାଦ ଲେଙ୍କା ଧନ୍ୟବାଦ ଦେଇଥିଲେ ।

# ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

**ବାଲେଶ୍ୱର,୧୧।୨ (ସଂଚାର ବ୍ୟୁରୋ):** ସଂଧ୍ୟା ପ୍ରାୟ ୭ଟା ସମୟରେ ବାଲେଶ୍ୱର ରେଲଷ୍ଟେସନ ଦୁଇ ନମ୍ବର ପ୍ଲାଟ୍‌ଫର୍ମକୁ ଲାଗିଥିବା ରେଲଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ତାଙ୍କ ବୟସ ପାଖାପାଖି ୩୫ ହେବ। ୨ ନମ୍ବର ଟ୍ରାକ୍‌ରେ ଏକ ମାଲବାହୀ ଟ୍ରେନ୍ ଅପ୍ ଲାଇନ୍‌ରେ ଅତିକ୍ରମ କରୁଥିବା ସମୟରେ ଯୁବକଜଣକ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା କୁହାଯାଉଛି। ସ୍ଥାନୀୟଲୋକେ ତାଙ୍କ ରକ୍ତ ଜୁଡୁବୁଡୁ ଶରୀର ପଡ଼ିଥିବା ଦେଖି ସରକାରୀ ରେଳ ବିଭାଗ ପୁଲିସ(ଜିଆର୍‌ପି)କୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହର ପଞ୍ଚନାମା କରାଯିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୁଲିସ କହିଛି। ପୁଲିସ ପକ୍ଷରୁ ଏନେଇ ୧୪/୨୫ରେ ଏକ ଅପମୃତ୍ୟୁ ମାମଲା ହୋଇଥିବା ଜଣାଯାଇଛି।

# ଯୋଗ୍ୟତା ଥାଇ ମଧ୍ୟ ମିଳୁନି ଅନ୍ତ୍ୟୋଦୟ ଚାଉଳ



**ମହାକାଳପଡ଼ା,୧୧।୨ (ସଂଚାର ବ୍ୟୁରୋ):** ଦୂର ହେବ ଦିବ୍ୟାଙ୍ଗ ଚନ୍ଦନଙ୍କ ବହୁଦିନର ଦୁଃଖ। ସମାଜରେ ସ୍ୱାଭିମାନର ସହିତ ବଞ୍ଚିବା ସହ ହେବେ ଆତ୍ମନିର୍ଭରଶୀଳ। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ମିଳିଥିବା ଚିଠି ଏସବୁ ପାଇଁ ବାଟ ଫିଟାଇଥିଲା। ହେଲେ ଘଟଣାକୁ ୫ ମାସ

**ପ୍ରଶାସନକୁ ପ୍ରଭାବ ପକାଇଲାନି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ନିର୍ଦ୍ଦେଶ**

**କିଏ ଶୁଣିବ ଦିବ୍ୟାଙ୍ଗ ଚନ୍ଦନଙ୍କ ଦୁଃଖ**

ବିତିଯାଇଥିଲେ ମଧ୍ୟ ଚନ୍ଦନଙ୍କ ପାଇଁ କୌଣସି ତତ୍ପରତା ଦେଖାଇ ନାହାଁନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ।

ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଅମିରାବାଦ (ବାଙ୍କି ଛନ୍ଦା) ଗ୍ରାମର ଦିବ୍ୟାଙ୍ଗ ଓ ଶିକ୍ଷିତ ଯୁବକ ଚନ୍ଦନ ପାଇଟାଳ ବହୁ ଅସୁବିଧାରେ ନିଜର ପରିବାର ଚଳାଉଛନ୍ତି। ନିଜର କୌଣସି ରୋଜଗାର ନଥିବା ବେଳେ ବାପାଙ୍କ ମାନସିକ ବିକାରଗ୍ରସ୍ତ ଓ ମାଆଙ୍କ ଅସୁସ୍ଥତା ଚନ୍ଦନ ଭତ୍ତା ଟଙ୍କାରେ କଷ୍ଟରେ ପରିବାର ଭରଣପୋଷଣ କରୁଛନ୍ତି। ସରକାରଙ୍କ ପକ୍ଷରୁ ଦିବ୍ୟାଙ୍ଗ ମାନଙ୍କ ପାଇଁ ଅନେକ ଆତ୍ମନିର୍ଭରଶୀଳ ଯୋଜନା ରହିଥିଲେ ମଧ୍ୟ ୮୦ ପ୍ରତିଶତ ଦିବ୍ୟାଙ୍ଗ ଚନ୍ଦନଙ୍କ ପାଇଁ ଏହା ଅପହଞ୍ଚ। ଘରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ଦିବ୍ୟାଙ୍ଗ ଯାନ ମଧ୍ୟ ଚନ୍ଦନଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ମିଳି ପାରିନାହିଁ। ମାଆଙ୍କ ନାମରେ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିଥିଲେ ମଧ୍ୟ ଅର୍ଥାଭାବରୁ ଘର କାର୍ଯ୍ୟ ସମ୍ପୂର୍ଣ୍ଣ କରିନପାରି ଭାଗ୍ୟକୁ ଆଦରି ଭଙ୍ଗା ଦଦରା ଚାଳ ଛପର ଘରେ ଜୀବନ କାଟୁଛନ୍ତି।

ଅନ୍ତୋଦୟ ଯୋଜନାରେ ସାମିଲ ହେବାକୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଛନ୍ତି ଚନ୍ଦନ। କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଉତ୍କଳମଣି ଯୁବକ ସଂଘ ର ସଭାପତି ଗୌତମ ବେହେରା ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖି ସରକାରଙ୍କ ପ୍ରଦତ୍ତ ଯୋଜନାରେ ଚନ୍ଦନଙ୍କୁ ସାମିଲ କରିବାକୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶ୍ରୀ ବେହେରାଙ୍କ ଚିଠିକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତର ବରିଷ୍ଠ ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ଦାସ ଚିଠି ନମ୍ବର ଏକ୍ସ ଏଲ୍ ଆଇ ୧୪୦/୨୦୨୨୧୦୮୪୪, ତା ୧୮ ସେପ୍ଟେମ୍ବର ୨୦୨୪ରେ ଜିଲ୍ଲାପାଳ କେନ୍ଦ୍ରାପଡ଼ାଙ୍କୁ ଆଇନ୍ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଚିଠି ପରେ କେନ୍ଦ୍ରାପଡା ଜିଲ୍ଲାପାଳ ଆଜନ୍ମ ଦିବ୍ୟାଙ୍ଗ ଚନ୍ଦନ ପାଇଟାଳଙ୍କୁ ସଶକ୍ତିକରଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା ସଞ୍ଚାର ହୋଇଥିଲା। ଚିଠି ହେବାକୁ ୫ ମାସ ବିତି ସାରିଲାଣି ହେଲେ ଚନ୍ଦନଙ୍କୁ ସହଯୋଗ ତ ଦୂରର କଥା ଚନ୍ଦନଙ୍କ ସହିତ ଯୋଗାଯୋଗ ମଧ୍ୟ କରାଯାଇନଥିବା ଚନ୍ଦନ ପାଇଟାଳ କହିଛନ୍ତି।

ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କୁ ସରକାର ତ୍ୱରିତ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ପ୍ରୟାସ କରୁଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଓ ମହାକାଳପଡ଼ା ବ୍ଲକ ପ୍ରଶାସନର ଚନ୍ଦନଙ୍କ ପାଇଁ ଦେଖାଇଥିବା ନିରବତା ଏବେ ବାସ୍ତବତା ଠାରୁ ଭିନ୍ନ ଚିତ୍ର ସାମ୍ନାକୁ ଆଣିଛି। ସମସ୍ତଙ୍କୁ ଗୁହାରି କରି ନିରାଶା ହେବା ପରେ ଏବେ ଗୁମୁରି ଗୁମୁରି ଆଖିରୁ ଲୁହ ଗଡାଉଛନ୍ତି ଚନ୍ଦନ।

# ସହିଦ କାଳିଆ ମହାନ୍ତ ଯୁବକ ସଂଘର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ

**ବେତନଟୀ,୧୧।୨ (ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅନ୍ତର୍ଗତ ରେଣୁଗାଁ ଠାରେ ସହିଦ କାଳିଆ ମହାନ୍ତ ଯୁବକ ସଂଘର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ପ୍ରାରମ୍ଭରେ ସହିଦ କାଳିଆ ମହାନ୍ତଙ୍କୁ ଯୁବକ ସଂଘ ତରଫରୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯିବା ସହିତ ସ୍ମୃତିଚାରଣ କରାଯାଇଥିଲା । ଯୁବକ ସଂଘର ସଦସ୍ୟ ଗତିକୃଷ୍ଣ ମହାନ୍ତଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ସଂଘର ସଭାପତି ଧର୍ମେନ୍ଦ୍ର ମହାନ୍ତ, ସମ୍ପାଦକ ତ୍ରିନାଥ ମହାନ୍ତ, କୋଷାଧ୍ୟକ୍ଷ ସଞ୍ଜିତ ମହାନ୍ତ,



୧୨ ନମ୍ବର ୱାର୍ଡର ୱାର୍ଡ ମେମ୍ବର ପ୍ରଫୁଲ୍ଲ ମହାନ୍ତ, ସଂଘର ସଦସ୍ୟ କିଶୋର ବିନ୍ଧାଣି, ତପନ କୁମାର ମହାନ୍ତ, ଚନ୍ଦନ କୁମାର ମହାନ୍ତ, ଅନିଲ ମହାନ୍ତ, ପ୍ରସନ୍ନ କୁମାର ମହାନ୍ତ, ହିମାଂଶୁ ମହାନ୍ତ ଓ ଜୟକୃଷ୍ଣ ମହାନ୍ତ ପ୍ରମୁଖ ମଞ୍ଚାସୀନ ହୋଇ ସହିଦ କାଳିଆ ମହାନ୍ତ ଯୁବକ ସଂଘ ଗଠନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ସଂଘ ଆଗାମୀ ଦିନରେ ବିଭିନ୍ନ ପ୍ରକାର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ପ୍ରକାଶ କରିଥିଲେ ।

# କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଉନ୍ନୟନ କମିଟିର ବୈଠକ

**କେନ୍ଦ୍ରାପଡ଼ା,୧୧।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ଉନ୍ନୟନ କମିଟିର ଏକ ବୈଠକ ମଙ୍ଗଳବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଜିଲ୍ଲା ପରିଷଦ ସାଧାରଣ ସଭାଗୃହଠାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଏହି ବୈଠକରେ କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ବିଭାଗୀୟ ବିକାଶମୂଳକ କାର୍ଯ୍ୟକ୍ରମର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।



ଆଲୋଚ୍ୟ ବିଷୟବସ୍ତୁ ମଧ୍ୟରେ ବିଧାୟକ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠି (ଏମଏଲଏଲାଡ୍ ଫଣ୍ଡ), ଜିଲ୍ଲା ସଂସ୍କୃତି ବିଭାଗ ଦ୍ୱାରା ପ୍ରଦତ୍ତ କଳାକାର ଭତ୍ତାର ସ୍ଥିତି, ପୂର୍ତ୍ତ ବିଭାଗ ଅଧୀନରେ ନିର୍ମାଣଧୀନ ଥିବା ରାସ୍ତା ଏବଂ ପୋଲ ଇତ୍ୟାଦି, ଜଳସମ୍ପଦ ଅଧୀନରେ କାର୍ଯ୍ୟରତ ହେଉଥିବା ନଦୀବନ୍ଧ ସଙ୍କ୍ରାନ୍ତୀୟ ତଥ୍ୟ, ଜଳ ଯୋଗାଣ ତଥା ନଳକୂପ ସ୍ଥାପନ ପାଇଁ ଥିବା ପ୍ରସ୍ତାବ ଆଦି, କାର୍ଯ୍ୟରତ ମଣ୍ଡିରେ ଖରିଫ ଧାନ ସଂଗ୍ରହ ସମ୍ବନ୍ଧୀୟ, ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ମିଶନ ଶକ୍ତି ଗୃହ ନିର୍ମାଣ, ବିଦ୍ୟୁତ୍ ସଂଯୋଗୀକରଣ, ନୂତନ ଟ୍ରାନ୍ସଫରମର ସ୍ଥାପନ ତଥା ଅନ୍ୟାନ୍ୟ ବିଭାଗୀୟ ଉନ୍ନୟନ କାର୍ଯ୍ୟ ଆଦି ସ୍ଥାନ ପାଇଥିଲା । ସମସ୍ତ ବିକାଶମୂଳକ କାର୍ଯ୍ୟର ତ୍ୱରିତ କାର୍ଯ୍ୟାନ୍ୱୟନ ନିମନ୍ତେ ବିଧାୟକ ଆଲୋକପାତ କରିଥିବା ସମୟରେ ଏହା କିପରି ସଠିକ ସମୟ ମଧ୍ୟରେ ସମ୍ପାଦନ ହେବ ଏଥି ପ୍ରତି ଧ୍ୟାନ ଦେବାପାଇଁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ୨୦ ହଜାର କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଦାବି

**କେନ୍ଦ୍ରାପଡ଼ା,୧୧।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ପ୍ରାଥମିକ କୃଷି ସମବାୟ ସମିତିରେ ଚାଷୀମାନେ ୧୫ ହଜାର କ୍ୱିଣ୍ଟାଲ ଧାନ କିଣିବା ପାଇଁ କ୍ଷମତା



ଦେବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଗତ ୨୦୨୨-୨୩ରେ ଏହି ମଣ୍ଡିକୁ ୨୦ ହଜାର କ୍ୱିଣ୍ଟାଲ ଧାନ କିଣିବା ପାଇଁ କ୍ଷମତା ଦିଆ ଯାଇଥିବା ବେଳେ, ୨୦୨୩-୨୪ ରେ ୨୫ ହଜାର କ୍ୱିଣ୍ଟାଲ ଏବଂ ଚଳିତ ବର୍ଷ ମାତ୍ର ୧୫ ହଜାର କ୍ୱିଣ୍ଟାଲ କ୍ରୟ କ୍ଷମତା ଦିଆଯାଇଛି। ଏହି ସମବାୟ ସମିତିରେ ୬୦୪ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ୩୫୨ ଜଣ ଚାଷୀ ବର୍ତ୍ତମାନ ସୁଦ୍ଧା ଧାନ ବିକ୍ରୟ କରି ସାରିଲେଣି। ସେମାନଙ୍କ ଠାରୁ ୧୪ ହଜାର କ୍ୱିଣ୍ଟାଲ ଧାନ କିଣା ସରିଲାଣି । ଏହି ସମିତିରେ ଆହୁରି ୨୫୨ ଜଣ ଚାଷୀ ସେମାନଙ୍କର ଧାନ ଦେବାକୁ ଅପେକ୍ଷାରତ ଅଛନ୍ତି । ତେଣୁ ଆହୁରି ୨୦ ହଜାର କ୍ୱିଣ୍ଟାଲ ଧାନ କିଣିବା ପାଇଁ ସମବାୟ ସମିତି କୁ ଅନୁମତି ପ୍ରଦାନ କରିବା ପାଇଁ ଚାଷୀମାନେ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି । ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଭେଟିଥିବା ଚାଷୀମାନେ ହେଲେ ସଭାପତି ପ୍ରଦ୍ୟୁମ୍ନ ଜେନାଙ୍କ ନେତୃତ୍ୱରେ ପିତାମ୍ବର ସ୍ୱାଇଁ, ବାସୁଦେବ ରାଉତ, ରବିନ୍ଦ୍ର ନାଥ ଓଝାଙ୍କ ସମେତ ଅନେକ ଚାଷୀ ଦାବି କରିଛନ୍ତି ।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟ ତିଥି ଅବସରରେ ସମର୍ପଣ ଦିବସ



**ମାର୍ଶାଘାଇ,୧୧।୨ (ସଂଚାର ବ୍ୟୁରୋ):** ମହାକାଳପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶିଳୀପୁର ପଞ୍ଚାୟତରେ ବିଜେପି ତରଫରୁ ସମର୍ପଣ ଦିବସ ପାଳିତ ହୋଇଯାଇଛି। ଏକାତ୍ମ ମାନବ ବାଦର ପ୍ରଣେତା ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ଉପଲକ୍ଷେ ସାରା ଦେଶରେ ଦଳ ତରଫରୁ ସମର୍ପଣ ଦିବସ ପାଳନ କରାଯାଉଛି। ମାର୍ଶାଘାଇ ମଣ୍ଡଳ(୨୫)ର ସଭାପତି ରଶ୍ମି ରଞ୍ଜନ ରାଉତରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଆଜିର ସଭାରେ ମୁଖ୍ୟ ଅତିଥି ରୂପେ ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ ଯୋଗଦେଇ ଦିନଦୟାଲଙ୍କ ଆଦର୍ଶ ଜୀବନୀ ଉପରେ ଆଲୋକପାତ କରିଥିଲେ। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଏକାତ୍ମ ମାନବ ଦର୍ଶନ ସମଗ୍ର ଭାରତୀୟ ଦର୍ଶନର ଏକ ସମ୍ମିଳିତ ରୂପ। ଭିନ୍ନ ମତ ସମ୍ପ୍ରଦାୟ ଭିତ୍ତିରେହଜାର ହଜାର ବର୍ଷ ଭିତରେ ଆତ୍ମ ପ୍ରକାଶ କରିଥିବା ବିଭିନ୍ନ ଦର୍ଶନର ବୈଜ୍ଞାନିକ ଅନୁଶୀଳନ ସହିତ ଶ୍ରେଷ୍ଠ ଚିନ୍ତନକୁ ନେଇ ଏକ ସ୍ୱତନ୍ତ୍ର ଦର୍ଶନ ଭାବେ ଏକାତ୍ମ ମାନବ ଦର୍ଶନର ପରିକଳ୍ପନା ବିକାଶ ଏବଂ ପରିଚୟ ବୋଲି ଶ୍ରୀଯୁକ୍ତ ନାୟକ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀ, ପ୍ରକାଶ ଦାସ, ନିଗମ ପ୍ରସାଦ ରଥ, ଜ୍ଞାନ ରଞ୍ଜନ ବସନ୍ତିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜୀବ ଲୋଚନ ପୃଷ୍ଟି, ଚିତ୍ତ ରଂଜନ ସାମନ୍ତରାୟ , ଅଜୟ ପ୍ରଧାନ, ବଳଭଦ୍ର ଦାସ, ଗୋପୀନାଥ ବେହେରା, ଶାନ୍ତନୁ ସେଠୀ, ବିଭୂତି ରାଉତ, ବିଶ୍ୱରଞ୍ଜନ ପରିଡ଼ା, ନିର୍ମଳ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜଙ୍ଗଲ ନିଆଁ ନିରାକରଣ ଏବଂ ସଚେତନତା ଉଦ୍ଦେଶ୍ୟରେ

# ବନ୍ଧୁତାପୂର୍ଣ୍ଣ କ୍ରିକେଟ ମ୍ୟାଚ



**ନୀଳଗିରି,୧୧।୨ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ଅଧିନ ଔପଦା ବ୍ଲକ ଅଧୀନ ବାଉଁଶ ବଣିଆ ପଞ୍ଚାୟତ ର ଖରାଖାଇ ପଡିଆରେ ଜଙ୍ଗଲ ନିଆଁ ନିରାକରଣ ଏବଂ ବନ୍ୟଜନ୍ତୁ ସୁରକ୍ଷା ସଚେତନତା ଉଦେଶ୍ୟରେ ପଞ୍ଚଲିଙ୍ଗେଶ୍ୱର ବିଟ ତରଫରୁ କୁଳଡିହା ରଞ୍ଜ ଏବଂ ଗୁହାଳିଆ ଯୁବ ସଙ୍ଘ ମଧ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ କୁଳଡିହା କପ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି ।

ରେଞ୍ଜର ଶୁଭ୍ରତ କୁମାର ବେହେରା କୁଳଡିହା ରଞ୍ଜ ଟିମର ଅଧିନାୟକ ଭାବେ ଏବଂ ଗୁହାଳିଆ ଟିମର ପର୍ଶୁରାମ ରାଉତ ଅଧିନାୟକଙ୍କ ତତ୍ୱାବଧାନରେ ବନ୍ଧୁତ୍ୱପୂର୍ଣ୍ଣ ଖେଳ ଆରମ୍ଭ ହୋଇଥିବା ବେଳେ ନିର୍ଦ୍ଧାରିତ ୧୨ ଓଭରରେ କୁଳଡିହା ରେଞ୍ଜ ଟିମ ୧୨୫ ରନ ସଂଗ୍ରହ କରିଥିବା ବେଳେ ଗୁହାଳିଆ ଟିମ ୩ଟି ବଲ ବାକି ଥାଇ ଉକ୍ତ ଲକ୍ଷ କୁ ହାସଲ କରି ଚମ୍ପିୟାନ ଘୋଷଣା ହୋଇଥିଲା । ଶେଷରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ବାଉଁଶ ବଣିଆ ସରପଞ୍ଚ ଉପସ୍ଥିତ ରହି ରନର୍ସ ଅଫ ଟିମକୁ ଟ୍ରଫି ସହିତ ନଗଦ ଆର୍ଥିକ ରାଶି ୩ ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ବିଜୟୀ ଗୁହାଳିଆ ଟିମକୁ ବନଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ବେହେରା ଟ୍ରଫି ସହିତ ୫ ହଜାର ଟଙ୍କା ପ୍ରଦାନ କରିଥିଲେ ।

ଉକ୍ତ ସଭାରେ ପଞ୍ଚଲିଙ୍ଗେଶ୍ୱର ବନପାଳ ଭାଗ୍ୟଶ୍ରୀ ଦିବେଦି ଉପସ୍ଥିତ ରହି ବନ ଆପଣମାନଙ୍କର ଆପଣ ମାନଙ୍କ ପାଇଁ ଉଦିଷ୍ଟ ଏବଂ ବନ ବିଭାଗ କେବଳ ଆପଣଙ୍କ ତଥା ଅଞ୍ଚଳର ସ୍ୱାର୍ଥକୁ ସୁରକ୍ଷା ଦେଇ ଆସୁଛି ବୋଲି ଉଦବୋଧନ ଦେଇଥିବା ବେଳେ ବନ ଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ବେହେରା ଅଞ୍ଚଳର ଯୁବଶକ୍ତି ସଚେତନ ହେଲେ ଦୁର୍ବୃତ ମାନେ ଜଙ୍ଗଲ ରେ ନିଆଁ ଲଗାଇବାକୁ ସାହସ କରିବେ ନାହିଁ ବୋଲି ଉଦବୋଧନ ଦେଇଥିଲେ। ମୁଖ୍ୟ ଅତିଥି ସରପଞ୍ଚ ଶ୍ରୀଯୁକ୍ତ ବାରିକ ଉପସ୍ଥିତ ଥିବା ସମସ୍ତ ଯୁବକ ମାନଙ୍କୁ ଜଙ୍ଗଲ ସୁରକ୍ଷା ପରିବେଷ ସୁରକ୍ଷା ରଖିବା ପାଇଁ ଶପଥପାଠ କରାଇଥିଲେ। ଏହି ଖେଳ କୁ ସଫଳ କରିବା ପାଇଁ ଅନ୍ୟ ମାନଙ୍କ ମଧ୍ୟରେ ଲକ୍ଷ୍ମୀନାରାୟଣ ଧାମୁଡ଼ିଆ, ନୀଳମାଧୱ ବାରିକ, ବିଶ୍ୱରଞ୍ଜନ ସ, ଯତୀନ ବାରିକ ଏବଂ ବୁଲୁ ବାରିକ ପ୍ରମୁଖ ଯୁବକ ମାନେ ସହଯୋଗ କରିଥିଲେ ।

# ରାଧାରମଣ ମଠରେ ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ



**ପଞ୍ଚାମୁଣ୍ଡାଇ,୧୧।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବପୁରାତନ ଆଧ୍ୟାତ୍ମିକ ପୀଠ ପଞ୍ଚାମୁଣ୍ଡାଇ ରାଧାରମଣ ମଠ ଠାରେ ଶ୍ରୀ ଶ୍ରୀ ନିତ୍ୟାନନ୍ଦ ମହାପ୍ରଭୁଙ୍କ ପବିତ୍ର ଜନ୍ମୋତ୍ସବ, ଭାଗବତ ପାରାୟଣ ଓ ଅଷ୍ଟମ ପ୍ରହରୀ ନାମଯଜ୍ଞ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପୁରୀ ଗୋବର୍ଧନ ପୀଠ ସନ୍ଥ ସଂରକ୍ଷକ ପଞ୍ଚାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ପ୍ରଭୁ ରାଧାରମଣ ଦେବ, ପ୍ରଭୁ ଜଗନ୍ନାଥ ପ୍ରଭୁ ବଳଭଦ୍ର ମା ସୁଭଦ୍ରା, ପ୍ରଭୁ ଗୋପେଶ୍ୱର ମହାଦେବ ଓ ପ୍ରଭୁ ହନୁମାନଜୀଉଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା।ଏଇ ଅବସରରେ ଭାଗବତ ପାରାୟଣ ଓ ଅଷ୍ଟମ ପ୍ରହରୀ ନାମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ୱେଭ୍ସ ସମ୍ପର୍କିତ ବୌଦ୍ଧିକ ଆଲୋଚନାଚକ୍ର ଓ ଦସ୍ତଖତ ଅଭିଯାନ

**ୱେଭସ୍ ଭାରତର ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରର ଅଭିବୃଦ୍ଧି ଏବଂ ବୈଶ୍ୱିକ ପ୍ରସାରରେ ଯୋଗଦାନ କରିବ: ଅଖିଳ ମିଶ୍ର**

**ଭୁବନେଶ୍ୱର,୧୧।୨ (ସଂଚାର ବ୍ୟୁରୋ):** ଭାରତର ଗଣମାଧ୍ୟମ ଏବଂ ମନୋରଞ୍ଜନ ଶିଳ୍ପକୁ ଆହୁରି ବ୍ୟାପକ କରିବା ଏବଂ ବିଶ୍ୱସ୍ତରରେ ଏହାର ପ୍ରଭାବ ବୃଦ୍ଧି କରିବା ଲକ୍ଷ୍ୟରେ ଆସନ୍ତା ମଇ ମାସରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ଦେଶରେ ପ୍ରଥମଥର ପାଇଁ 'ୱାର୍ଲ୍ଡ ଅଡିଓ ଭିଜୁଆଲ୍ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ' (ୱେଭ୍ସ) ଆୟୋଜନ ହେବାକୁ ଯାଉଛି। ସୃଜନଶୀଳତା ଓ ନୂତନତ୍ୱ ମାଧ୍ୟମରେ କିଭଳି ଉଭୟ ଶିଳ୍ପକୁ ଅଧିକ ସୁଦୃଢ଼ କରାଯାଇପାରିବ ତାହା ଏହି ସମ୍ମିଳନୀର ପ୍ରମୁଖ ଉଦ୍ଦେଶ୍ୟ ରହିବ। ଏହି କାର୍ଯ୍ୟକ୍ରମ ଯୁବ ସୃଜନଶୀଳ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ପ୍ରସାରଣ, ପଡକାଷ୍ଟିଂ, ଚଳଚ୍ଚିତ୍ର, ରେଡିଓ, ଆନିମେସନ୍, ଗ୍ରାଫିକ୍ସ ଓ ଅନ୍ୟାନ୍ୟ ସୃଜନଶୀଳ କ୍ଷେତ୍ରରେ ନବସୃଜନ ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ।

ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସ୍ଥିତ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ ଏବଂ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ତଥା କିଟ୍ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ସ୍କୁଲ ଓଫ ଫିଲ୍ମ ଆଣ୍ଡ ମିଡିଆ ସାଇନ୍ସେସ, ସ୍କୁଲ ଓଫ ଫ୍ୟାଶନ ଟେକନୋଲଜି, ସ୍କୁଲ ଓଫ ମାସ କମ୍ୟୁନିକେଶନର ମିଳିତ ଆନୁକୁଲ୍ୟରେ ଏକ ବୌଦ୍ଧିକ ଆଲୋଚନାଚକ୍ର ତଥା ଦସ୍ତଖତ ଅଭିଯାନ ଆୟୋଜିତ ହୋଇଯାଇଛି।




କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଏବଂ ପିଆଇବିର ଓଡିଶା ପ୍ରାନ୍ତ ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କହିଥିଲେ, ଚଳଚ୍ଚିତ୍ର, ପ୍ରସାରଣ, ସାମାଜିକ ଗଣମାଧ୍ୟମ ଏବଂ ଅଡିଓ ଭିଜୁଆଲ ଉଦ୍ୟୋଗରେ ପ୍ରଯୁକ୍ତିର ବହୁଳ ବ୍ୟବହାର ଗଣମାଧ୍ୟମ ଶିଳ୍ପର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ୱେଭସ୍ ଭାରତର ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରର ଅଭିବୃଦ୍ଧି ଏବଂ ବୈଶ୍ୱିକ ପ୍ରସାରରେ ଯୋଗଦାନ କରିବ ବୋଲି ସେ କହିଥିଲେ।

ସ୍କୁଲ୍ ଅଫ୍ ଫିଲ୍ମ ଆଣ୍ଡ ମିଡିଆ ସାଇନ୍ସେସ୍ର ମହାନିର୍ଦ୍ଦେଶକ ଏବଂ ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ହିମାଂଶୁ ଶେଖର ଖଟୁଆ କହିଥିଲେ, ୱେଭ୍ସ ଶିଖର ସମ୍ମିଳନୀ ପ୍ରସାରଣ, ଗଣମାଧ୍ୟମ, ଗେମିଂ, ବିଷୟବସ୍ତୁ ଲେଖା କ୍ଷେତ୍ରରେ ଯୁବ ସୃଜନଶୀଳ ପ୍ରତିଭାମାନଙ୍କୁ ଏକ ଚମତ୍କାର ସୁଯୋଗ ଯୋଗାଇ ଦେବ। ସେ ଆତ୍ମବିଶ୍ୱାସ ବ୍ୟକ୍ତ କରିଥିଲେ ଯେ ଏହି କାର୍ଯ୍ୟକ୍ରମ ଭାରତୀୟ ଚଳଚ୍ଚିତ୍ର ଏବଂ ଗଣମାଧ୍ୟମ ଉଦ୍ୟୋଗ ପାଇଁ ଯୁଗାନ୍ତକାରୀ ହେବ।

ସିବିସି ନିର୍ଦ୍ଦେଶକ ଡକ୍ଟର ଗିରିଶ ଚନ୍ଦ୍ର ଦାଶ କହିଥିଲେ, ଏହି କାର୍ଯ୍ୟକ୍ରମ କେବଳ ଗଣମାଧ୍ୟମ ଏବଂ ମନୋରଞ୍ଜନ ଜଗତରେ ଭାରତକୁ ଏକ ମହାଶକ୍ତିରେ ପରିଣତ କରିବାରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ସାକାର କରିବ ନାହିଁ ବରଂ 'କନସର୍ଟ ଇକୋନୋମି' ଏବଂ ସୃଜନଶୀଳ ଅର୍ଥବ୍ୟବସ୍ଥାକୁ ମଧ୍ୟ ପ୍ରୋତ୍ସାହିତ କରିବ। ଏହି ଆଲୋଚନାଚକ୍ରରେ କିସର ଉପାଧ୍ୟକ୍ଷା ତ୍ରିପୁରା ମିଶ୍ର, ବିଶିଷ୍ଟ ସ୍ଥପତି ଅଦ୍ୱୈତ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଏକ ଦସ୍ତଖତ ଅଭିଯାନ ଆୟୋଜନ କରାଯାଇଥିଲା ଯେଉଁଥିରେ କିଟ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଓ୍ୱେଭ୍ସ ସମ୍ମିଳନୀ ପ୍ରତି ନିଜର ସମର୍ଥନ ଜଣାଇଥିଲେ। ୱେଭସ୍ ୨୦୨୫ ଉଦ୍ୟୋଗ ଜଗତର ଶିଳ୍ପପତି, ସୃଜନଶୀଳ ପେସାଦାର ଏବଂ ଯୁବ ପ୍ରତିଭାମାନଙ୍କୁ ଏକାଠି କରିବ ବୋଲି ଆଶା କରାଯାଉଛି, ଯାହା ବିଶ୍ୱ ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ରରେ ଭାରତର ଉତ୍ଥାନ ପାଇଁ ମଞ୍ଚ ପ୍ରସ୍ତୁତ କରିବ।


## ସତ୍ୟପାଠ

ମୁଁ ଶ୍ରୀମତୀ ପ୍ରଭାମୟୀ ମିଶ୍ର, ବୟସ ୪୪ ବର୍ଷ, ସ୍ୱାମୀ-ନରୋତ୍ତମ ମିଶ୍ର , ଗ୍ରାମ-ପରକଣା, ପୋଷ୍ଟ - ଶ୍ରୀଚନ୍ଦନପୁର, ଥାନା - ପାଟକୁରା, ଜିଲ୍ଲା- କେନ୍ଦ୍ରାପଡା ଏତଦ୍ ଦ୍ୱାରା, ଗରଦପୁର ନୋଟାରୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ତା-୧୦/୦୨/ ୨୦୨୫ ରିଖ ହାଜର ହୋଇ ଏହି ସତ୍ୟପାଠ ଜରିଆରେ ଜଣାଉଛି ଯେ, ମୋର ଭୋଟର ପରିଚୟ ପତ୍ର ନମ୍ବର-MDN2036739 ଉଲ୍ଲେଖିତ ଅଛି । କିନ୍ତୁ ମୋର ପୂର୍ବରୁ ହୋଇଥିବା ଆଧାର କାର୍ଡ ନମ୍ବର- 834732550979 ରେ ପ୍ରଭାମୟୀ ମିଶ୍ର , ପିତା- କୁଳମଣି ପଣ୍ଡା , ଗ୍ରା- ପରକଣା,ପୋ - ଶ୍ରୀଚନ୍ଦନପୁର କିନ୍ତୁ କମ୍ପ୍ୟୁଟର ଦ୍ୱାରା ଭୁଲ୍ ବସତ ମୋର ନାମ ପ୍ରଭା ମିଶ୍ର ହୋଇଅଛି । ଉପରୋକ୍ତ ଠିକଣାରେ ପ୍ରଭା ମିଶ୍ର ଓ ପ୍ରଭାମୟୀ ମିଶ୍ର ଜଣେ ମାତ୍ର ବ୍ୟକ୍ତି ଅଟନ୍ତି । ମୋର ନାମ ସଂଶୋଧନ ଉକ୍ତ ସତ୍ୟପାଠ ନମ୍ବର-67AA855818 ତା,୧୦/୦୨/୨୫ ରେ ଉଲ୍ଲେଖ ଅଛି । ଯଦି କୌଣସି ତ୍ରୁଟି ଥାଏ, ତେବେ ମୁଁ ଆଇନ ଅନୁଯାୟୀ ଦଣ୍ଡିତ ହେବି ବୋଲି ଜଣାଉଅଛି।

(ପ୍ରଭାମୟୀ ମିଶ୍ର)

# ବିକାଶ ଅପେକ୍ଷାରେ ଶତାୟୁ ଡାକ୍ତରଖାନା

ତୁଷୁରା,୧୧।୨(ସଂଚାର ବ୍ୟୁରୋ): ୧୦୦ ବର୍ଷ ହେଲା ହୋଇପାରୁନି ଡାକ୍ତରଖାନାର ବିକାଶ। ଚିକିତ୍ସା ପାଇବା ପାଇଁ ଶହଶହ ଗ୍ରାମ ବାସୀ ଥିବାବେଳେ ଡାକ୍ତରଖାନାରେ ଜଣେ କି ୨ଜଣ ଡାକ୍ତର ଅଛନ୍ତି। ସ୍ୱାସ୍ଥ୍ୟସେବାରେ ପାଇଁ ଆବଶ୍ୟକ ଅନେକ ସୁବିଧା ବି ଏଠାରେ ଉପଲବ୍ଧ ନାହିଁ। ଏହାର ବିକାଶ ପାଇଁ ଅନେକ ଥର ଦାବି ହୋଇଛି। ହେଲେ କୌଣସି ସୁଫଳ ମିଳୁନାହିଁ। ତୁଷୁରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର। ଶତାୟୁ ଡାକ୍ତରଖାନାରେ ଅଛି ମାତ୍ର ୬ଟି ବେଡ। ଜଣେ-୨ଜଣ ଡାକ୍ତରରେ ଚାଲିଛି ଚିକିତ୍ସା। ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଲାବ୍ରୋଟୋରୀ ବି ନାହିଁ। ସକାଳ ୮ଟାରୁ ୧୧ଟା ଓ ଅପରାହ୍ଣ ୪ଟାରୁ ୫ଟା ଡାକ୍ତରଖାନାଟି ଖୋଲା ରହୁଛି। ଅନ୍ୟ ସମୟରେ ଲୋକମାନେ ୧୨ କିଲୋମିଟର ଦୂର ଗୁଡ଼ଭେଲା ହସ୍ପିଟାଲ୍ କିମ୍ବା ୨୭ କିଲୋମିଟର ଦୂର ବଲାଙ୍ଗୀର ଜିଲ୍ଲା ଚିକିତ୍ସାଳୟକୁ ଯିବାକୁ ବାଧ୍ୟ ହୁଅନ୍ତି। ୧୯୨୨ରେ ଇଂରେଜ ଶାସନ ସମୟରେ ସ୍ଥାପିତ ହୋଇଥିଲା। ଡାକ୍ତରଖାନାର ବିକାଶ ଦାବିରେ ଅନେକ ଥର ତୁଷୁରାବାସୀ ଆନ୍ଦୋଳନ କରିଛନ୍ତି। ହେଲେ କେହି ଶୁଣୁନାହାନ୍ତି, ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ନିକଟରେ ତୁଷୁରା ଗସ୍ତରେ ଆସି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ଖୁବ୍‌ଶୀଘ୍ର ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ପାଇଁ ପଦକ୍ଷେପ ନିଆଯିବ। ଗାଁ ପାଖରେ ଥିବା ଡାକ୍ତରଖାନାଟିର ବିକାଶ କରା ଗଲେ ତୁଷୁରାବାସୀ ଉପକୃତ ହୋଇପାରିବେ।




# ନୂଆ ରାଜପଥରେ କାର୍ଯ୍ୟକ୍ଷମ ହେବ ଆଇଇଏମଏସ

- ବ୍ଲାକସ୍ପଟ ଚିହ୍ନଟ ଓ ସଂଶୋଧନ ପ୍ରକ୍ରିୟା ହେବ ତ୍ୱରାନ୍ୱିତ
- ଏଲଏଲ ପ୍ରଦାନ ପ୍ରକ୍ରିୟାକୁ ସଶକ୍ତ କରିବାକୁ ଯୋଜନା
- ସଡ଼କରେ ବଢ଼ିବ ସିସି କ୍ୟାମେରା ସଂଖ୍ୟା



ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ): ସଡ଼କ ଦୁର୍ଘଟଣା ହ୍ରାସ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବାବେଳେ ଆଜି ଏନେଇ ସ୍ଥାନୀୟ ଖାରବେଳ ଭବନରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଓଏସଆରଟିସି ସିଏମଡି ଦୀପ୍ତେଶ ପଟ୍ଟନାୟକ, ଅବକାରୀ ସଚିବ ଗୁହା ପୁନମ ତାପସ କୁମାର, କଟକ-ଭୁବନେଶ୍ୱର ଅତିରିକ୍ତ ପୁଲିସ କମିଶନର୍ ଉମାଶଙ୍କର ଦାଶଙ୍କ ସହ ସ୍ୱାସ୍ଥ୍ୟ, ଜାତୀୟ ରାଜପଥ ପ୍ରାଧିକରଣ, ଗଣଶିକ୍ଷା, ଉଚ୍ଚଶିକ୍ଷା, କ୍ରାଇମବ୍ରାଞ୍ଚ ଆଦିର ପ୍ରମୁଖ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ଆଲୋଚନା କରି ଏ ଦିଗରେ କାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବେପରୁଆ ଚାଳକଙ୍କୁ ନିୟନ୍ତ୍ରଣ କରିବା ସକାଶେ ବୈଷୟିକ ଜ୍ଞାନକୌଶଳସମ୍ପନ୍ନ ଏନଫୋର୍ସମେଣ୍ଟ ଉପରେ ବାଣିଜ୍ୟ ଓ ପରିବହନ ବିଭାଗ ଗୁରୁତ୍ୱ ଦେଉଛି। ଏଥିପାଇଁ ରାଜ୍ୟରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ରାଜପଥରେ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଇଏମଏସ)କୁ ସମ୍ପ୍ରସାରଣ କରିବା ସକାଶେ ଲକ୍ଷ୍ୟ ରହିଛି। ଏଥିସହ ଆଗକୁ ନିର୍ମାଣ ହେବାକୁ ହେବା ଥିବା ନୂତନ ରାଜପଥ ଓ ରାସ୍ତାରେ ମଧ୍ୟ ଆଇଇଏମଏସ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସଡ଼କ ଦୁର୍ଘଟଣାର ବିଭିନ୍ନ କାରଣ ମଧ୍ୟରୁ ତ୍ରୁଟିପୂର୍ଣ୍ଣ ରୋଡ୍ ଇଞ୍ଜିନିୟରିଂ ସମ୍ପର୍କରେ ମଧ୍ୟ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ସମସ୍ୟାରେ ସୁଧାର ପାଇଁ ସଡ଼କ ନିର୍ମାଣ ସମୟରେ ସମସ୍ତ ମାନକକୁ ସଠିକ ଭାବେ ପାଳନ କରାଯାଉଛି କି ନାହିଁ ତା'ର ନିୟମିତ ସମୀକ୍ଷା ସହ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଦୁର୍ଘଟଣାପ୍ରବଣ ଅଞ୍ଚଳ ତଥା ବ୍ଲାକସ୍ପଟ ଚିହ୍ନଟ କରି ଏହାର ସୁଧାର ଦିଗରେ ତ୍ୱରିତ ପଦକ୍ଷେପ ନିଆଯିବ। ଏଥିସହ ଜନସାଧାରଣଙ୍କୁ ସଚେତନ କରିବା ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ। ଏ ସଂକ୍ରାନ୍ତରେ ପ୍ରତି ମାସରେ ଜାତୀୟ ରାଜପଥ ପ୍ରାଧିକରଣ ଓ ରାଜ୍ୟ ପରିବହନ ପ୍ରାଧିକରଣ ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହେବ। ଭୁବନେଶ୍ୱର ସମେତ ରାଉରକେଲା, ବ୍ରହ୍ମପୁର, ପୁରୀ, ସମ୍ବଲପୁର ସହରର ସଡ଼କ ନିୟମ ଉଲ୍ଲଙ୍ଘନକାରୀଙ୍କ ଉପରେ କଡ଼ା ନଜର ରଖିବାକୁ ଆଗାମୀ ଦିନରେ ରାସ୍ତାରେ ସିସି କ୍ୟାମେରା ସଂଖ୍ୟାକୁ ମଧ୍ୟ ବୃଦ୍ଧି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ମୋ ବସ୍ ଓ ଓଏସଆରଟିସିର ଚାଳକମାନଙ୍କୁ ନିୟମିତ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସମସ୍ତ ବସରେ ଯାତ୍ରୀ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଏଡିଏଏସ୍ ଲଗାଇବା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ସଡ଼କରେ ଯେପରି କେବଳ ଦକ୍ଷ ଚାଳକମାନେ ଗାଡ଼ି ଚଲାଇବେ, ତାହା ସୁନିଶ୍ଚିତ କରିବା ସକାଶେ ଏଲ୍‌ଏଲ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟାକୁ ଅପେକ୍ଷାକୃତ ସଶକ୍ତ କରାଯିବ। ଏଥିପାଇଁ ୩ ପର୍ଯ୍ୟାୟ ପରୀକ୍ଷା ପ୍ରସ୍ତାବ ରହିଛି। ସେହିଭଳି ନିୟମିତ ସଡ଼କ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ବରୁ ବୁଧବାର ଜିରୋ ଟଲେରାନ୍ସ ଡେ'ର ସଫଳତାକୁ ଆଖି ଆଗରେ ରଖି ଶୂନ୍ୟ ଦୁର୍ଘଟଣା ଦିବସ ପାଳନ ପାଇଁ ମଧ୍ୟ ବିଭାଗ ଯୋଜନା ରଖିଥିବା ବେଳେ ରାଜଧାନୀ ଭୁବନେଶ୍ୱରରୁ ଏହା ଆରମ୍ଭ ହେବ। ସଡ଼କ ଦୁର୍ଘଟଣା ହ୍ରାସରେ ତଥ୍ୟଭିତ୍ତିକ ପଦକ୍ଷେପ ଉପରେ ପ୍ରାଧାନ୍ୟ ଦିଆଯାଉ ଆଇଆଇଟି ମାଡ୍ରାସ ପକ୍ଷରୁ ସମସ୍ତ ବିଭାଗଙ୍କୁ ତଥ୍ୟ ପ୍ରଦାନ କରାଯିବ। ଏ ସଂକ୍ରାନ୍ତରେ ଆଇଆଇଟି ମାଡ୍ରାସ ପକ୍ଷରୁ ପ୍ରଫେସର ଭାଲ୍ ଭେଙ୍କଟେଶ ସୁବ୍ରମଣ୍ୟନଙ୍କ ପକ୍ଷରୁ ରିପୋର୍ଟ ଉପସ୍ଥାପିତ ହୋଇଥିଲା। ସଡ଼କ ଦୁର୍ଘଟଣା ତଥ୍ୟ ପ୍ରଭୃତିରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା, ଦୁର୍ଘଟଣାଗ୍ରସ୍ତଙ୍କ ଉନ୍ନତ ଚିକିତ୍ସା ପାଇଁ ଟ୍ରମା କେୟାର ଭିତ୍ତିଭୂମି, ଇ-ଚାଲାଣ, ସୁବାହକ ପ୍ରଶିକ୍ଷଣ, ମୋଟରଯାନ ଆଇନରେ ସଂଶୋଧନ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଏହି ଅବସରରେ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତପନ କୁମାର ମିଶ୍ର ୨୦୨୪ରେ ଦୁର୍ଘଟଣା ହାର ୨୦୨୩ ତୁଳନାରେ ହ୍ରାସ ପାଇଥିବା କହିଛନ୍ତି। ସେହିଭଳି ଅଧିକ ଦୁର୍ଘଟଣାପ୍ରବଣ ଜିଲ୍ଲା ସମ୍ପର୍କରେ ମଧ୍ୟ ତଥ୍ୟ ଉପସ୍ଥାପିତ ହୋଇଛି। ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସୁପ୍ରିମକୋର୍ଟ କମିଟିଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ପଦକ୍ଷେପ ଗ୍ରହଣ ସହ ଉଲ୍ଲେଖନୀୟ ଭାବେ ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଛି।

## ଟ୍ୱିନ୍ ସିଟି କ୍ରାଇମ୍

# ସହଦେବ ନାୟକ ହତ୍ୟାମାମଲା ଆଉ ଜଣେ ଅଭିଯୁକ୍ତ ଗିରଫ



ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ): ମଞ୍ଚେଶ୍ୱର ଥାନା ପୁଲିସ ଅଭିଯୋଗକାରିଣୀ ସୁନିତା ନାୟକଙ୍କ ଅଭିଯୋଗ କ୍ରମେ ହତ୍ୟା ମାମଲାର ତଦନ୍ତ କରିବା ସହିତ ଜଣେ ମହିଳା ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ମୃତ ଢେଗା ଓରଫ ସହଦେବ ନାୟକ ଅଭିଯୋଗକାରିଣୀଙ୍କ ସ୍ୱାମୀ ଏବଂ ଉଭୟ ପରିବାର ସହ କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିରେ ରହୁଥିଲେ। ପୂର୍ବ ବିବାଦକୁ କେନ୍ଦ୍ରକରି ଅଭିଯୁକ୍ତ ଏବଂ ତାଙ୍କର ଅନ୍ୟ ସହଯୋଗୀ ମାନେ ସହଦେବ ନାୟକଙ୍କୁ ଜୀବନରୁ ମାରିଦେବା ଲାଗି ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ମୁତାବକ ଗତ ୮ ସକାଳେ ଅଭିଯୁକ୍ତ ମାନେ ରସୁଲଗଡ଼ ନିକଟବର୍ତ୍ତୀ ଲାଫ୍ରାଙ୍କ୍ଲିନ ହୋଟେଲ ସମ୍ମୁଖସ୍ଥ ଜାତୀୟ ରାଜପଥ ଉପରେ ସହଦେବ ନାୟକଙ୍କୁ ଧାରୁଆ ଅସ୍ତ୍ର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ମରଣାନ୍ତକ ଆକ୍ରମଣ ଫଳରେ ସହଦେବଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ଅଭିଯୋଗକାରିଣୀଙ୍କ ଅଭିଯୋଗ ଆଧାରରେ, ପୁଲିସ ମାମଲାର ତଦନ୍ତ କରିବା ସହିତ ପୂର୍ବରୁ ପାଞ୍ଚଜଣ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ, ଆଜି ଅନ୍ୟ ଜଣେ ମହିଳା ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ ସକ୍ଷମ ହୋଇଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ, ଏହି ହତ୍ୟା ମାମଲା ନେଇ ନିଜର ଅପରାଧ ସ୍ୱୀକାର କରିଥିଲେ।

# ଚୋରି ଟ୍ରାକ୍ଟର ଜବତ, ଦୁଇ ଗିରଫ



ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ): ମଞ୍ଚେଶ୍ୱର ଥାନା ପୁଲିସ ଅଭିଯୋଗକାରିଣୀ ସୁନିତା ନାୟକଙ୍କ ଅଭିଯୋଗ କ୍ରମେ ହତ୍ୟା ମାମଲାର ତଦନ୍ତ କରିବା ସହିତ ଜଣେ ମହିଳା ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ମୃତ ଢେଗା ଓରଫ ସହଦେବ ନାୟକ ଅଭିଯୋଗକାରିଣୀଙ୍କ ସ୍ୱାମୀ ଏବଂ ଉଭୟ ପରିବାର ସହ କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିରେ ରହୁଥିଲେ। ପୂର୍ବ ବିବାଦକୁ କେନ୍ଦ୍ରକରି ନିମ୍ନୋକ୍ତ ଅଭିଯୁକ୍ତ ଏବଂ ତାଙ୍କର ଅନ୍ୟ ସହଯୋଗୀ ମାନେ ସହଦେବ ନାୟକଙ୍କୁ ଜୀବନରୁ ମାରିଦେବା ଲାଗି ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ମୁତାବକ ଗତ ୮ତାରିଖ ସକାଳେ ଅଭିଯୁକ୍ତ ମାନେ ରସୁଲଗଡ଼ ନିକଟବର୍ତ୍ତୀ ଲାଫ୍ରାଙ୍କ୍ଲିନ




ହୋଟେଲ ସମୁଖସ୍ଥ ଜାତୀୟ ରାଜପଥ ଉପରେ ସହଦେବ ନାୟକଙ୍କୁ ଧାରୁଆ ଅସ୍ତ୍ର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ମରଣାନ୍ତକ ଆକ୍ରମଣ ଫଳରେ ସହଦେବଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ଅଭିଯୋଗକାରିଣୀଙ୍କ ଅଭିଯୋଗ ଆଧାରରେ, ପୁଲିସ ମାମଲାର ତଦନ୍ତ କରିବା ସହିତ ପୂର୍ବରୁ ପାଞ୍ଚଜଣ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ, ଆଜି ଅନ୍ୟ ଜଣେ ମହିଳା ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ ସକ୍ଷମ ହୋଇଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ, ଏହି ହତ୍ୟା ମାମଲା ନେଇ ନିଜର ଅପରାଧ ସ୍ୱୀକାର କରିଥିଲେ।

## ଟାଟା ପାୱାର୍ ଫଟୋଗ୍ରାଫି ପ୍ରତିଯୋଗିତାରେ ଉପମୁଖ୍ୟମନ୍ତ୍ରୀ

# ଫଟୋ ମାଧ୍ୟମରେ ରାଜ୍ୟ ଐତିହ୍ୟର ପ୍ରଚାର ପାଇଁ ଆହ୍ୱାନ



ଭୁବନେଶ୍ୱର:୧୧।୨(ସଂଚାର ବ୍ୟୁରୋ): ଟାଟା ପାୱାର କମ୍ପାନୀ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ 'ଓ ମାଇଁ ବିଉଟିଫୁଲ୍ ଓଡ଼ିଶା' ଶୀର୍ଷକ ଏକ ଫୋଟଗ୍ରାଫି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଆଜି ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ବିଜେତାଙ୍କ ଫଟୋକୁ ଟାଟା ପାୱାରର କ୍ୟାଲେଣ୍ଡର ପୃଷ୍ଠାରେ ସ୍ଥାନିତ କରାଯାଇଛି। ପ୍ରତିଯୋଗିତାରେ ବିଚାରକ ଦାୟିତ୍ୱ ତୁଲାଇଥିବା ୩ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମଧ୍ୟ ଉପମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ସାଂସ୍କୃତିକ ଐତିହ୍ୟ ଓ ବିବିଧତାରେ ସମୃଦ୍ଧ ରାଜ୍ୟ ଓଡ଼ିଶା ମନୋରମ ପ୍ରାକୃତିକ ଦୃଶ୍ୟ ଏବଂ ଜୀବନ୍ତ ପରମ୍ପରାର ଆଶ୍ରୟସ୍ଥଳ। ଏହି ପଦକ୍ଷେପ ନେବା ଓ ସ୍ଥାନୀୟ ପ୍ରତିଭାକୁ ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଥିବାରୁ ଟାଟା ପାୱାର ପ୍ରଶଂସାର ପାତ୍ର। ଏହା ଆମ ରାଜ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ପ୍ରଦର୍ଶନ କରିବାର ଏକ ଚମତ୍କାର ଉପାୟ। ଏପରି ଏକ ପ୍ରଶଂସନୀୟ କାର୍ଯ୍ୟ ପାଇଁ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ। ସେମାନେ ଫଟୋଗ୍ରାଫି ମାଧ୍ୟମରେ ରାଜ୍ୟର ମନୋରମ ପ୍ରାକୃତିକ ଦୃଶ୍ୟ ଓ ଐତିହ୍ୟକୁ ବିଶ୍ୱ ପ୍ରସିଦ୍ଧ କରାଇବା ସହ ଏହାର ପ୍ରଚାର ପ୍ରସାର କରିବାକୁ ଉପମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଟାଟା ପାୱାରର ପ୍ରେସିଡେଣ୍ଟ ସଞ୍ଜୟ ବାଙ୍ଗା ଓ ଡିସକମଗୁଡ଼ିକର ସିଇଓମାନେ ଯୋଗଦେଇଥିଲେ।

# ହତ୍ୟାକାରୀକୁ ଆଜୀବନ କରାଦଣ୍ଡ, କୁକୁଡ଼ା ଲଢେଇରୁ ହତ୍ୟା

ଜୟପୁର,୧୧।୨(ସଂଚାର ବ୍ୟୁରୋ): ୨୦୧୭ ଜୟପୁର ସଦରଥାନା ଅନ୍ତର୍ଗତ ଧନପୁର ଗାଁ ର ଚିଙ୍ଗଡୁ ହରିଜନ ହତ୍ୟା ଘଟଣାରେ ଦୋଷୀକୁ ଆଜୀବନ ସଶ୍ରମ କରାଦଣ୍ଡ ଶୁଣାଇଚନ୍ତି ଜୟପୁର ଜିଲ୍ଲା ଦୌରା ଜର୍ଜା ସାମାନ୍ୟ କୁକୁଡ଼ା ଲଢେଇକୁ କେନ୍ଦ୍ର କରି ଅଭିଯୁକ୍ତ ବୁଦୁ ହରିଜନ ଛୁରିରେ ଚିଙ୍ଗୁଡୁକୁ ହତ୍ୟା କରିଥିବା ବେଳେ ଘଟଣାରେ ୧୪ଦସ୍ତାବିଜ ସହ ୧୪ସାକ୍ଷୀ ଓ ତିନି ପ୍ରତଖ୍ୟ ଦର୍ଶୀଙ୍କ ସାକ୍ଷ୍ୟ ପ୍ରମାଣ କୁ ଭିତ୍ତି କରି ମାନ୍ୟବର ଜିଲ୍ଲା ଦୌରା ଜର୍ଜ ପ୍ରଦୀପ କୁମାର ମହଂତ ରାୟ ଶୁଣାଇଛନ୍ତି। ଘଟଣାରେ ଅଭିଯୁକ୍ତ ଜୋରିମାନା ବାବଦ ୧୦ ହଜାର ଟଙ୍କା ଆଦାୟ ନହେଲେ ଏକବର୍ଷ ସଶ୍ରମ କାରାଦଣ୍ଡ ରାୟ ମାନ୍ୟବର ଆଦାଲତ ଶୁଣାଇଥିବା କହିଛନ୍ତି ସରକାରୀ ପିପି ଶୈଳଜା ପଟନାୟକ ।

● ଟେଲିମେଡିସିନ୍ ସମ୍ପର୍କିତ ସମୀକ୍ଷା ବୈଠକ

# କର୍କଟ ରୋଗୀଙ୍କୁ ଫାଇଦା ଉପରେ ଗୁରୁତ୍ୱ



ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ ଗତକାଲି ରାଜ୍ୟର ସ୍ୱାସ୍ଥ୍ୟସେବାକୁ ଅଧିକ ସଶକ୍ତ କରିବା ପାଇଁ ଟେଲି ମେଡିସିନ୍ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ରାଜ୍ୟର ଟେଲି ମେଡିସିନ୍ ପରିଚାଳନାକୁ ଅଧିକ କ୍ରିୟାଶୀଳ କରିବା, ଉପସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମେଡିକାଲ କଲେଜ ଓ ଅନ୍ୟାନ୍ୟ ଶିଶୁ ଚିକିତ୍ସା ପ୍ରତିଷ୍ଠାନ ମଧ୍ୟରେ ଟେଲିପରାମର୍ଶର ଗୁଣବତ୍ତା ବୃଦ୍ଧି ଉପରେ ସବିଶେଷ ଆଲୋଚନା ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକର କେମୋଥେରାପି କେନ୍ଦ୍ର ଏବଂ ଏଏଚ୍‌ପିଜିଆଇସି, କଟକ ମଧ୍ୟରେ ଥିବା ସଂଯୋଗକୁ ସୁଦୃଢ଼ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି କର୍କଟ ରୋଗୀଙ୍କ ପାଇଁ ଯେଉଁ ସବୁ ଅଞ୍ଚଳରେ ଉନ୍ନତ ମାନର ଚିକିତ୍ସା ସେବା ଉପଲବ୍ଧ କରିବା ସକାଶେ ସେହିସବୁ ସ୍ଥାନକୁ ଟେଲି ମେଡିସିନ ଓ ଟେଲି ପରାମର୍ଶକୁ ସମ୍ପ୍ରସାରିତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ବିଭାଗୀୟ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ ପ୍ରକାଶ କରିଛନ୍ତି।

ଟେଲିମେଡିସିନ୍ ପ୍ଲାଟଫର୍ମ ଏବଂ ଇ-ସଞ୍ଜୀବନୀ ପ୍ଲାଟଫର୍ମକୁ ରାଜ୍ୟର ଦୂରଦୂରାନ୍ତର ଅଞ୍ଚଳକୁ ସମ୍ପ୍ରସାରିତ କରିବା ସହ ସାଧାରଣ ଲୋକଙ୍କ ମଧ୍ୟରେ ଟେଲିମେଡିସିନ୍ ସେବା ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରିବା ଓ ସାମଗ୍ରିକ ସ୍ୱାସ୍ଥ୍ୟସେବା ଫଳାଫଳକୁ ଉନ୍ନତ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଟେଲି ମେଡିସିନର ଉପଦେଷ୍ଟା ଡା ବିଶ୍ୱ ନାରାୟଣ ମହାନ୍ତି, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଡା ବିଜୟ ମହାପାତ୍ର, ଡିଏମଇଟିର ନିର୍ଦ୍ଦେଶକ ପ୍ରଫେସର ଡା ସନ୍ତୋଷ ମିଶ୍ର, ଏସ୍‌ଆଇଏଚ୍‌ଏଫ୍‌ଡବ୍ଲ୍ୟୁର ନିର୍ଦ୍ଦେଶକ ଡା ଅମରେନ୍ଦ୍ର ମହାନ୍ତି, ଯୁଗ୍ମ ନିର୍ଦ୍ଦେଶକ (ଏମ୍‌ଟି) ଡା ସଞ୍ଜୁଲତା ଶତପଥୀ, ସି-ଡିଏସି'ର ପ୍ରତିନିଧି ଶୈଳେନ୍ଦ୍ର ସିଂ ନରୱରିଆ, ତୁଷାର ଫେଗେଡେ, ଓକାକ୍‌ର ମାନସ ରଞ୍ଜନ ପତି, ବିଏସଏନଏଲର ଦେବେନ୍ଦ୍ର ଚନ୍ଦ୍ର ପ୍ରଧାନ ଓ ସନ୍ତୋଷ କୁମାର ବେହେରା ବୈଠକରେ ଯୋଗଦେଇଥିଲେ।

# ଅଟୋକୁ ପଛରୁ ପିଟିଲା ସ୍କର୍ପିଓ, ୨ ମୃତ



ବାରିପଦା,୧୧।୨(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲା ବାରିପଦା ଉପକଣ୍ଠ ୧୮ନଂ ଜାତୀୟ ରାଜପଥ ମଞ୍ଜାବନ୍ଧା ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ଏକ ସଡକ ଦୁର୍ଘଟଣା ଘଟିଛି। ଏଥିରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ଏକ ସ୍କର୍ପିଓ ମାଲ ବୋଝେଇ ଡଲା ଅଟୋକୁ ପଛପଟୁ ଧକ୍କା ଦେବାରୁ ଅଟୋରେ ଥିବା ଦୁଇ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁଘଟିଛି। ଦୁଇଜଣଙ୍କୁ ଗୁରୁତର ହୋଇ ବାରିପଦା ପିଆର୍‌ଏମ୍ ହସ୍ପିଟାଲକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି। ଉଭୟ ଗାଡ଼ି ବାରିପଦାରୁ ବେତନଟି ଅଭିମୁଖେ ଯାଉଥିବା ବେଳେ ଦ୍ରୁତ ବେଗରେ ଆସୁଥିବା ସ୍କର୍ପିଓ ଅଟୋକୁ ଧକ୍କା ଦେଇଥିଲା। ମୃତକର ପରିଚୟ ମିଳିପାରିନ ଥିବା ବେଳେ ସଦର ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି ।

# ଅକ୍ଷୟ ଶକ୍ତି - ଓଡ଼ିଶାରେ ୨୯୪୫ ମେଗାୱାଟ

ଭୁବନେଶ୍ୱର,୧୧।୨: ରାଜ୍ୟରେ ଗତବର୍ଷ ଶେଷ ସୁଦ୍ଧା ୨୯୪୫ ମେଗାୱାଟ କ୍ଷମତା ବିଶିଷ୍ଟ ଅକ୍ଷୟଶକ୍ତି ପ୍ରକଳ୍ପ ସ୍ଥାପନ ହୋଇଛି। ଏଥି ମଧ୍ୟରେ ସର୍ବାଧିକ ୨୨୭୦ ମେଗାୱାଟର ଜଳବିଦ୍ୟୁତ୍ ପ୍ରକଳ୍ପ ରହିଥିବା ରାଜ୍ୟସଭାରେ ସୂଚନା ଦେଇଛନ୍ତି କେନ୍ଦ୍ର ନୂତନ ଏବଂ ଅକ୍ଷୟଶକ୍ତି ଏବଂ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ୟଶୋ ନାଏକ। ବିଜେଡି ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସ୍ଥାପନ ହୋଇଥିବା ମୋଟ୍ ଅକ୍ଷୟଶକ୍ତି କ୍ଷମତାମଧ୍ୟରେ ୬୧୫ ମେଗାୱାଟର ସୌରଶକ୍ତି ପ୍ରକଳ୍ପ ଏବଂ ୫୯ ମେଗାୱାଟର ବାୟୋ ପ୍ରକଳ୍ପ ରହିଛି। ତେବେ ପ୍ରମୁଖ ତଥା ବୃହତ୍ ଅକ୍ଷୟଶକ୍ତିପ୍ରକଳ୍ପ ପାଇଁ ୧୩୨.୫ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ଅର୍ଥ ଗତ ତିନିବର୍ଷ ମଧ୍ୟରେ ବିଭିନ୍ନ ଯୋଜନାରେ ଓଡ଼ିଶାକୁ ମିଳିଥିବା କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଏଥି ସହିତ ଅକ୍ଷୟଶକ୍ତିର ବିକାଶ ପାଇଁ କେନ୍ଦ୍ର ସରକାର ପିଏମ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା, ପ୍ରଧାନ ମନ୍ତ୍ରୀ କିଷାନ ଉର୍ଜା ସୁରକ୍ଷା ଏବଂ ଉତଥାନ ମହା ଅଭିଯାନ ବା ପିଏମ୍-କୁସୁମ, ବାୟୋଗ୍ୟାସ ପ୍ରକଳ୍ପ ସହିତ ପିଏମ ଜନମନ ଯୋଜନା ଓ ଧରିତ୍ରୀ ଆଭା ଜନଜାତୀୟ ଗ୍ରାମ ଉତ୍କର୍ଷ ଯୋଜନା ଅଧିନରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପାଇଁ ନୂତନ ସୌର ଶକ୍ତି ଯେଜାନା କାର୍ଯ୍ୟକାରୀ କରୁଛନ୍ତି। କେନ୍ଦ୍ରମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୨୨-୨୩ ବର୍ଷରେ ପିଏମ କୁସୁମ ଯୋଜନାରେ ଓଡ଼ିଶା ପାଇଁ ୫୦୦ ମେଗାୱାଟ ମଞ୍ଜୁର ହୋଇଥିଲା। ହେଲେ ପ୍ରକଳ୍ପ ଆଗେଇ ନପାରିବାରୁ ଏଥିରେ ସଂଶୋଧନ ଅଣାଯାଇ ୨୦୨୪-୨୫ ବର୍ଷ ପାଇଁ ତାହାକୁ ୪୦ ମେଗାୱାଟକୁ ହ୍ରାସ କରାଯାଇଛି। ଏହି ଯୋଜନାରେ ୨୦୨୨-୨୩ ବର୍ଷରେ ଓଡ଼ିଶା ପାଇଁ ୫୭୪୧ଟି ପମ୍ପସେଟ୍ ମଞ୍ଜୁର ହୋଇଥିବାବେଳେ ୨୦୨୪-୨୫ ବର୍ଷ ପାଇଁ ୧୬, ୪୪୧ଟି ମଞ୍ଜୁର ହୋଇଛି। ସେହିଭଳି ପିଏମ ସୂର୍ଯ୍ୟଘର ଯୋଜନା ପାଇଁ ଉଦ୍ଦିଷ୍ଟ ପୋର୍ଟାଲରେ ୧୨.୮୦ଲକ୍ଷ ବ୍ୟକ୍ତି ନିଜର ପଞ୍ଜିକରଣ କରିଥିବାବେଳେ ୮୮, ୩୮୬ଟି ଦରଖାସ୍ତ ଦାଖଲ ହୋଇଛି ଏବଂ ଚଳିତବର୍ଷ ଫେବୃୟାରୀ ୫ତାରିଖ ସୁଦ୍ଧା ୨୧୪୧ ଜଣଙ୍କ ଘରେ ସୌରଶକ୍ତି ପ୍ରକଳ୍ପ ବସାଯାଇଛି। କୋଣାର୍କ ମନ୍ଦିର ଏବଂ ସହକୁ ଶତ ପ୍ରତିଶତ ସୌରଶକ୍ତି ଯୋଗାଣ ହେଉଛି।

● କଳୁଷତା ଓ ନକାରାତ୍ମକ ଭାବନା ଦୂରକରି ବିଶ୍ୱକଲ୍ୟାଣ ଓ ଶାନ୍ତି ପ୍ରତିଷ୍ଠା ଲକ୍ଷ୍ୟ

# ୧୪ ରୁ ଶ୍ରୀକ୍ଷେତ୍ରରେ ୪ ଦିନିଆ ନିଖିଳ ଉତ୍କଳ ଦିବ୍ୟଜୀବନ ଆଧ୍ୟାତ୍ମିକ ସମ୍ମିଳନୀ

ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ): ଭାରତୀୟ ଧର୍ମସଂସ୍କୃତି ଓ ଆଧ୍ୟାତ୍ମିକ ଜ୍ଞାନର ପ୍ରଚାର ଓ ପ୍ରସାର ସହିତ ମାନବ ସମାଜକୁ ସେବା, ପ୍ରେମ, ଦାନ, ପବିତ୍ରତା, ଧ୍ୟାନ ଓ ଈଶ୍ୱର ସାକ୍ଷାତକାର ଆଦି ମହତ୍‌ବାଣୀରେ ଉଦ୍‌ବୁଦ୍ଧ କରିବା ଉଦ୍ଦେଶ୍ୟରେ ଦିବ୍ୟଜୀବନ ସଂଘ ଆନୁକୂଲ୍ୟରେ ୩୮ତମ ନିଖିଳ ଉତ୍କଳ ଦିବ୍ୟଜୀବନ ସଂଘ ପକ୍ଷରୁ ଆଧ୍ୟାତ୍ମିକ ସମ୍ମିଳନୀର ଆୟୋଜନ କରାଯାଇଅଛି। ଚଳିତ ଫେବୃୟାରୀ ମାସ ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଶ୍ରୀକ୍ଷେତ୍ର ପୁରୀସ୍ଥିତ ଚିଦାନନ୍ଦ ତପୋବନ ଶାନ୍ତି ଆଶ୍ରମ, ବାଲିଗୁଆଳିଠାରେ ଆୟୋଜିତ ହେଉଥିବା ଏହି ଦିବ୍ୟ ସମ୍ମିଳନୀରେ ଗଜପତି ମହାରାଜା ତଥା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଦ୍ୟସେବକ ଦିବ୍ୟସିଂହଦେବ ମୁଖ୍ୟ ଅତିଥି ଭାବେ ଯୋଗ



ଦେଉଥିବା ବେଳେ ଦିବ୍ୟଜୀବନ ସଂଘ ମୁଖ୍ୟାଳୟ ଋଷିକେଶର ଉପାଧ୍ୟକ୍ଷ ପୂଜ୍ୟ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଦିବ୍ୟଜୀବନ ସଂଘ ମୁଖ୍ୟାଳୟ ଋଷିକେଶର ସାଧାରଣ ସମ୍ପାଦକ ସ୍ୱାମୀ ଅଦ୍ୱୈତା ନନ୍ଦ ସରସ୍ୱତୀ ମହାରାଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ଏହି ସମ୍ମିଳନୀରେ ଦେଶର ବହୁ ବିଶିଷ୍ଟ ସାଧୁ, ସନ୍ଥ, ମହାତ୍ମା ଓ ଆଚାର୍ଯ୍ୟବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଛି। ମଙ୍ଗଳବାର ଅପରାହ୍ନରେ ୟୁନିଟ୍-୨ ନମ୍ବର ଅଶୋକନଗରସ୍ଥିତ ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ କୃଷ୍ଣାନାଦାସନନ୍ଦ ସରସ୍ୱତୀ ମହାରାଜ ଏବଂ ପୁରୀସ୍ଥିତ ଚିଦାନନ୍ଦ ଶାନ୍ତି ଆଶ୍ରମର ଟ୍ରଷ୍ଟି ଅଦ୍ୱୈତ ପ୍ରସାଦ ବିଶ୍ୱାଳ ଓ ସମ୍ପାଦକ ଜୟଦେବ ଆଚାର୍ଯ୍ୟ ପ୍ରମୁଖ ଆଧ୍ୟାତ୍ମିକ ସମ୍ମିଳନୀ ବାବଦରେ ବିସ୍ତୃତ ସୂଚନା ଦେଇ କହିଥିଲେ ଯେ, ୧୯୩୬ ମସିହାରେ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜ ଦିବ୍ୟଜୀବନ ପ୍ରତିଷ୍ଠା କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତୀୟ ଧର୍ମ ସଂସ୍କୃତି ଓ ଆଧ୍ୟାତ୍ମିକ ଜ୍ଞାନର ପ୍ରଚାର ଓ ପ୍ରସାରକୁ ବ୍ୟାପକ କରାଇବା।

# ରେଳ ସଂଗ୍ରାମ ସମିତି ପକ୍ଷରୁ ବିକ୍ଷୋଭ



ଚାନ୍ଦବାଲି,୧୧।୨(ସଂଚାର ବ୍ୟୁରୋ): ଯାଜପୁର ରୋଡ- ଧାମରା ରେଳପଥକୁ ସରକାରୀ ମଞ୍ଜୁରୀ ଓ ବ୍ୟୟ ବରାଦ, ଭଦ୍ରକ- ଧାମରା ରେଳପଥରେ ସରକାରୀ ଯାତ୍ରୀବାହୀ ରେଳଗାଡି ଚଳାଚଳ ଦାବିରେ ଯାଜପୁର ରୋଡ- ଧାମରା ରେଳପଥ ସଂଗ୍ରାମ ସମିତି ଓ ଭଦ୍ରକ- ଧାମରା ରେଳ ସଂଗ୍ରାମ ସମିତି ପକ୍ଷରୁ ଧାମରା ବନ୍ଦର ମୁଖ୍ୟ ଫାଟକ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ ଓ ସଭା ଅନୁଷ୍ଠିତ ହୋଇଛି । ଏହି ଆନ୍ଦୋଳନ କାର୍ଯ୍ୟକ୍ରମରେ ଭଦ୍ରକ- ଧାମରା ରେଳ ସଂଗ୍ରାମ ସମିତିର ସଭାପତି ତଥା ଯାଜପୁର ରୋଡ- ଧାମରା ରେଳପଥ ସଂଗ୍ରାମ ସମିତିର ସଭ୍ୟ ବିକାଶ ନାଥ, ଭଦ୍ରକ- ଧାମରା ରେଳ ସଂଗ୍ରାମ ସମିତି ସଂପାଦକ ହାକିମ ଦାସ, ଯାଜପୁର ରୋଡ- ଧାମରା ରେଳପଥ ସଂଗ୍ରାମ ସମିତିର ବରିଷ୍ଠ ସଭ୍ୟ କାର୍ତ୍ତିକ ଖିଲାର, ଗୌରାଙ୍ଗ ଯେନା, ମଳୟ ଭୋଇ, କାଳନ୍ଦୀ ଯତି, ଶଙ୍କର୍ଷଣ ବିଶ୍ୱାଳ, ଘନଶ୍ୟାମ ଦାସ, ଦିବାକର ସେନାପତି, ଅଞ୍ଜନ ଦାସ, ଶ୍ରୀନାଥ ଦାସ, ବନ୍ଧନ ଦାସ, ବିପିନ ଦାସ, ବଂଶୀଧର ଯେନା, ସୁଶାନ୍ତ ଗାହାଣ, ତାରାକାନ୍ତ ସେଠୀ ପ୍ରମୁଖ ଏହି ଆନ୍ଦୋଳନ କାର୍ଯ୍ୟାକ୍ରମରେ ସାମିଲ ହୋଇ ଦାବି ପୂରଣ କରିବା ଦିଗରେ ପଦକ୍ଷେପ ନେବାକୁ କେନ୍ଦ୍ର ସରକାରଙ୍କୁ ଆନ୍ଦୋଳନ ମାଧ୍ୟମରେ ନିବେଦନ କରିଥିଲେ । ଯାତ୍ରୀବାହୀ ରେଳ ଚାଲିବା କଥା କହି ତତ୍କାଳୀନ ରାଜ୍ୟ ସରକାର ଭଦ୍ରକ- ଧାମରା ରେଳପଥ ପାଇଁ ଭଦ୍ରକ ଜିଲାବାସୀଙ୍କ ଠାରୁ ଶହଶହ ଏକର ଚାଷ ଜମି ଅଧିଗ୍ରହଣ କରିଥିଲେ ବି ଏପର୍ଯ୍ୟନ୍ତ ଯାତ୍ରୀବାହୀ ଟ୍ରେନ ନଚାଲିବା ପରିତାପର ବିଷୟ ଅଟେ । ସଂଗ୍ରାମ ସମିତି ପକ୍ଷରୁ ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲାସ୍ଥିତ ଜନ୍ତର ମନ୍ତର ରୋଡରେ ମଧ୍ୟ ଆନ୍ଦୋଳନ ହୋଇଛି । ରେଳମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ଯେ, ୨୦୨୫- ୨୬ ବଜେଟରେ ଯାଜପୁର -ରୋଡ ଧାମରା ରେଳପଥ ମଞ୍ଜୁରୀ ସହ ନିର୍ମାଣ ପାଇଁ ବ୍ୟୟବରାଦ ଓ ଭଦ୍ରକ- ଧାମରା ରେଳପଥରେ ଯାତ୍ରୀ ବାହୀ ରେଳ ଚଳାଚଳ ପାଇଁ ମଞ୍ଜୁରୀ ବ୍ୟବସ୍ଥା କରିବେ ।

# ଓଡ଼ିଆ ଶ୍ରମିକ ଆଧୁନିକ ଯୁଗର ବିଶ୍ୱକର୍ମା :ବିଧାୟକ



ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ): ଓଡ଼ିଆ ଶ୍ରମିକମାନେ ସାରା ପୃଥିବୀରେ ସୁନାମ ଅର୍ଜନ କରିଛନ୍ତି। ବିଶେଷକରି ଦେବାଳୟ ନିର୍ମାଣ କ୍ଷେତ୍ରରେ ସେମାନଙ୍କର ଭୂମିକା ବାସ୍ତବିକ୍ ମହନୀୟ। ସେମାନେ ବାସ୍ତବିକ ଆଧୁନିକ ଯୁଗର ବିଶ୍ୱକର୍ମା ବୋଲି ଭୁବନେଶ୍ୱର ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ ମତବ୍ୟକ୍ତ କରିଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ସିଂ କହିଲେ ଯେ, ଆମ ସରକାର ଲୋକଙ୍କ ସରକାର। ୯ ମାସ ତଳେ ବିପୁଳ ଜନାଦେଶ ପାଇ ଆମ ସରକାର କ୍ଷମତାସୀନ ହୋଇଥିଲା। ଜନକଲ୍ୟାଣ ପାଇଁ ପ୍ରତିବଦ୍ଧ ଆମ ସରକାର ଡବଲ ଇଞ୍ଜିନ୍ ସରକାର। କେନ୍ଦ୍ରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ପାଇଁ ବ୍ୟାପକ ଉଦ୍ୟମ ଜାରୀ ରହିଥିବାବେଳେ ରାଜ୍ୟରେ ଜନପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଗୋଟିଏ ପରେ ଗୋଟିଏ ଆଖିଦୃଶିଆ ଯୋଜନା ରାଜ୍ୟବାସୀଙ୍କ ପାଇଁ ପ୍ରଣୟନ କରୁଛନ୍ତି। ପରିବାରରେ ସାଧାରଣତଃ ପୁରୁଷମାନେ ରୋଜଗାର କରନ୍ତି। ଆମ ସରକାରଙ୍କ ସଂକଳ୍ପ ମା'ମାନେ ମଧ୍ୟ ରୋଜଗାରକ୍ଷମ ହୁଅନ୍ତୁ। ସେଥିପାଇଁ 'ସୁଭଦ୍ରା' ଯୋଜନାରେ ନାରୀମାନଙ୍କୁ ଅର୍ଥନୈତିକ କ୍ଷେତ୍ରରେ ସଶକ୍ତ କରାଯାଉଛି। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଶ୍ରମଜୀବୀମାନଙ୍କ ବିପୁଳ କଲ୍ୟାଣସାଧନ ନିମିତ୍ତ ଅଭିପ୍ରେତ। ଶ୍ରମିକ ବହୁଳ ଆମ ରାଜ୍ୟରେ ୧୮ ବର୍ଷରୁ ୬୦ ବର୍ଷ ବୟସ୍କ ନିର୍ମାଣ ଶ୍ରମିକ ପଞ୍ଜିକରଣ କରିବା ସହିତ ଶିକ୍ଷା ସହାୟତା, ନିର୍ମାଣ କୁସୁମ, ବିବାହ ସହାୟତା, ପ୍ରସୂତିକାଳୀନ ସହାୟତା, ଦୁର୍ଘଟଣାଜନିତ ଅକ୍ଷମତା ସହାୟତା, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ଓ ମୃତ୍ୟୁ କାଳୀନ ସହାୟତା ପାଇ ପାରିବେ। ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପ୍ରତିବର୍ଷ ନବୀକରଣ ପାଇଁ ମାତ୍ର ୫୦ ଟଙ୍କା ଦେବାକୁ ପଡ଼ିବ। ତେଣୁ ନିୟମିତ ନବୀକରଣ ମାଧ୍ୟମରେ ନିର୍ମାଣ ଶ୍ରମିକ ଓ ପରିବାରବର୍ଗ ବିଭିନ୍ନ ସରକାରୀ ସହାୟତା ପାଇ ପାରିବେ। ଶ୍ରମ ବିଭାଗ ପକ୍ଷରୁ ଏ ସମ୍ବନ୍ଧୀୟ ଅଧିକ ସଚେତନତାର ପ୍ରଚାର ପ୍ରସାର ଜରୁରୀ। ଶ୍ରମ ଆଇନରେ ଥିବା ବିଭିନ୍ନ ପ୍ରାବଧାନ ତଥା କଲ୍ୟାଣକାରୀ ଯୋଜନା ଏବଂ ସହାୟତା ବାବଦରେ ସାଧାରଣ ଶ୍ରମିକବର୍ଗଙ୍କୁ ଅବଗତ କରାଇବା ସହ ସେମାନଙ୍କ ସମସ୍ୟା ସମାଧାନ ଦିଗରେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ବିଧାୟକ ଶ୍ରୀ ସିଂ ଉପସ୍ଥିତ ଶ୍ରମ ବିଭାଗର ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ।

ଜୀବନ ଅମୃତ ଅନୁଚିନ୍ତା

ସଫଳତା ଓ ବିଫଳତା-ଗୋଟିଏ ମାସର ଦୁଇ ପକ୍ଷ ଅମାବାସ୍ୟା ଓ ପୂର୍ଣ୍ଣମୀ ଭଳି ସଫଳତା ଆଉ ବିଫଳତା ଜୀବନ-ମୁଦ୍ରାର ଦୁଇ ପାର୍ଶ୍ୱ।

SANCHAR
ସଂଚାର

୪ ବୁଧବାର ୧୨ ଫେବୃଆରୀ ୨୦୨୫, ଭୁବନେଶ୍ୱର
Wednesday 12 February 2025 Bhubaneswar


# ବିଜାପୁରରେ ସଫଳତା

କେନ୍ଦ୍ର ସରକାର୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶରୁ ମାଓବାଦ ନିର୍ମୂଳ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏ ଦିଗରେ ନିରନ୍ତର ଅଭିଯାନ ଚାଲିଛି। କିଛି ସଫଳତା ମଧ ମିଳିଛି। ସୁରକ୍ଷା କର୍ମୀଙ୍କ ସହ ଏନକାଉଣ୍ଟରରେ ଅନେକ ମାଓବାଦୀ ନିହତ ହେଲେଣି। କିନ୍ତୁ ଏହା ସତ୍ତ୍ୱେ ଦେଶରୁ ବାମପନ୍ଥୀ ଉଗ୍ରବାଦ ନିର୍ମୂଳ ହେବା ଏତେ ସହଜ ନୁହେଁ। କାରଣ ଏହା ଏକ ମତବାଦ ଉପରେ ପର୍ଯ୍ୟବେସିତ। ଏହି ମତବାଦ ଯେ ପର୍ଯ୍ୟନ୍ତ ବିଲୁପ୍ତ ନହୋଇଛି ସେ ପର୍ଯ୍ୟନ୍ତ ମାଓବାଦର ଅନ୍ତ ହେବା ସମ୍ଭବ ନୁହେଁ। ତେବେ କେନ୍ଦ୍ର ସରକାରଙ୍କ ଦୃଢ଼ତାକୁ ପ୍ରଶଂସା କରିବାକୁ ହେବ। ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବାମପନ୍ଥୀ ଉଗ୍ରବାଦକୁ ନିର୍ମୂଳ କରିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଯେବେଠାରୁ ଅମିତ ଶାହା ଦେଶର ଗୃହ ମନ୍ତ୍ରଣାଳୟ ଦାୟିତ୍ୱ ସମ୍ଭାଳିଛନ୍ତି, ସେବେଠାରୁ ମାଓବାଦୀଙ୍କୁ ନିର୍ମୂଳ କରିବା ପାଇଁ କେବଳ ଲକ୍ଷ୍ୟ ଧାର୍ଯ୍ୟ ହୋଇନି, ଏ ଦିଗରେ କଡ଼ା ପଦକ୍ଷେପ ମଧ ନିଆଯାଉଛି। ଫଳରେ ମାଓବାଦୀଙ୍କ ପ୍ରଭାବ ହ୍ରାସ ପାଉଛି, ସେମାନଙ୍କ ସଙ୍ଗଠନ ମଧ ଦୁର୍ବଳ ହେଉଛି। ବିଶେଷ କରି ଭାରତରେ ମାଓବାଦୀଙ୍କ ମୁଖ୍ୟ କେନ୍ଦ୍ର ଭାବେ ପରିଚିତ ଛତିଶଗଡ଼ରେ ମାଓବାଦୀଙ୍କ ବିରୋଧରେ ଲଗାତର ଲଢ଼େଇ ଜାରି ରହିଛି। ବସ୍ତର ଉପତ୍ୟକାରେ ମାଓବାଦୀଙ୍କ ଗଡ଼। ଏହି ଗଡ଼ରେ ଏବେ ସୁରକ୍ଷାବାହିନୀ ପ୍ରବେଶ କରି ମାଓବାଦୀଙ୍କୁ ନିପାତ କରୁଛନ୍ତି। ଅନେକ ମାଓବାଦୀ ଆତ୍ମସମର୍ପଣ ମଧ କରୁଛନ୍ତି। ଏବେ ବିଜାପୁର ଜିଲ୍ଲା ଇନ୍ଦ୍ରାବତୀ ଅଭୟାରଣ୍ୟରେ ସୁରକ୍ଷା ବାହିନୀ ସହ ଏନକାଉଣ୍ଟରରେ ୩୧ ଜଣ ମାଓବାଦୀ ପ୍ରାଣ ହରାଇଛନ୍ତି। ଏହାର ୧୫ ଦିନ ପୂର୍ବରୁ ଅନ୍ୟ ଏକ ଏନକାଉଣ୍ଟରରେ ୧୬ଜଣ ମାଓବାଦୀ ପ୍ରାଣ ହରାଇଥିଲେ। ଗତ ବର୍ଷ ଛତିଶଗଡ଼ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୨୧୯ଜଣ ମାଓବାଦୀ ପ୍ରାଣ ହରାଇଥିବା ବେଳେ ଚଳିତ ବର୍ଷ ମାସକ ଭିତରେ ୬୨ଜଣ ମାଓବାଦୀ ପ୍ରାଣ ହରାଇଲେଣି। ଏହା ଦ୍ୱାରା ମାଓବାଦୀମାନେ ନିଶ୍ଚିତ ଭାବେ ବ୍ୟାପଗ୍ରସ୍ତ ହୋଇଛନ୍ତି, କିନ୍ତୁ ସେମାନେ ଏତେ ଶୀଘ୍ର ନିର୍ମୂଳ ହେବା ସମ୍ଭବ ନୁହେଁ। ସେମାନଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ସେଥିରୁ ବର୍ଷକୁ ଦୁଇଶ'ତିନି ଶହ ମରିଗଲେ ସେମାନଙ୍କ ସଙ୍ଗଠନ ଯେ ଭୁଶୁଡ଼ି ପଡ଼ିବ ସେ କଥା ନୁହେଁ। କିନ୍ତୁ ସୁରକ୍ଷା ବାହିନୀର କ୍ରମାଗତ ଅଭିଯାନ ଫଳରେ ମାଓବାଦୀମାନେ ଏବେ ପଳାୟନପନ୍ଥୀ ଏକଥା ସ୍ୱୀକାର କରିବାକୁ ପଡ଼ିବ। ଏଥିଲାଗି ସ୍ୱତନ୍ତ୍ର ରଣକୌଶଳର ଆବଶ୍ୟକତା ରହିଛି। ମାଓଦମନ ଅଭିଯାନ ପୂର୍ବରୁ ସେମାନଙ୍କୁ ଅସ୍ତ୍ର ଛାଡ଼ି ଆତ୍ମସମର୍ପଣ କରିବା ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାର ସମ୍ପୂର୍ଣ୍ଣ ସୁଯୋଗ ଦିଆଯିବା ଉଚିତ। ଏଥିଲାଗି ଏକ ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରିତ ହେବା ଉଚିତ। ସେହି ସମୟସୀମା ଅତିକ୍ରାନ୍ତ ହେବା ପରେ ଆଉ କାହାରିକୁ କ୍ଷମା କରାଯିବାର ଆବଶ୍ୟକତା ନାହିଁ। ଛତିଶଗଡ଼'ର ବସ୍ତ ଉପତ୍ୟକା ହେଲା ମାଓବାଦୀଙ୍କ ଗଡ଼। ଏହାକୁ ଦଖଲ କରିବାକୁ ହେଲେ ସେହି ଗଡ଼ରେ ପ୍ରବେଶ କରି ସେମାନଙ୍କୁ ନିପାତ କରାଯିବା ଉଚିତ। ମାଓ ଦମନ ଅଭିଯାନରେ ରାଜ୍ୟ ପୋଲିସ ସହ କେନ୍ଦ୍ରୀୟ ବାହିନୀ ନିୟୋଜିତ ଅଛନ୍ତି। ମାଓବାଦୀଙ୍କୁ ନିପାତ କରିବା ପାଇଁ ଅଧିକ କେନ୍ଦ୍ରୀୟ ଫୋର୍ସର ଆବଶ୍ୟକତା ରହିଛି। ଏଥିଲାଗି ଯେତେ ଅଧିକ ଫୋର୍ସ ଆବଶ୍ୟକ ତାହା ନିୟୋଜିତ ହେବା ଉଚିତ। ଯେତେ ଅଧିକ ବ୍ୟୟ ହେଉ ନା କାହିଁକି ମାଓବାଦୀଙ୍କ ବର୍ବରତାରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଉଚିତ। ମାଓବାଦୀମାନେ କୌଣସି ନୀତି, ଆଦର୍ଶରେ ଅନୁପ୍ରାଣିତ ନୁହଁନ୍ତି। କାରଣ ହିଂସା, ଅମାନବୀୟ ହତ୍ୟା କେବେ ବି ସଭ୍ୟସମାଜରେ ଗ୍ରହଣୀୟ ନୁହେଁ। ଏହା କୌଣସି ନୀତି ବା ଆଦର୍ଶ ଭାବେ ବିବେଚିତ ହୋଇପାରିବ ନାହିଁ। ଏହା ଆଇନ ବିରୋଧୀ, ମାନବଜାତିର କଲ୍ୟାଣ ନୁହେଁ, ବିନାଶ ପାଇଁ ଉଦ୍ଦିଷ୍ଟ। ସାଧାରଣ ଲୋକଙ୍କୁ ଏ ସମ୍ପର୍କରେ ଭଲଭାବେ ବୁଝାଇବାକୁ ପଡ଼ିବ। ସେମାନଙ୍କୁ ମାଓବାଦର ବିରୋଧ କରିବାକୁ, ଅସହଯୋଗ କରିବାକୁ ପ୍ରରୋଚିତ କରିବାକୁ ପଡ଼ିବ। ମାଓବାଦୀମାନେ ସେମାନଙ୍କୁ ବିଭ୍ରାନ୍ତ କରୁଛନ୍ତି, ସୁରକ୍ଷା କର୍ମୀଙ୍କ ଗୁଳିର ଶିକାର ହେବାକୁ ପ୍ରରୋଚିତ କରୁଛନ୍ତି, ଏହା ବୁଝାଇବାକୁ ପଡ଼ିବ। ଯେ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ସମର୍ଥନ, ସହଯୋଗ ଏବଂ ସହାୟତା ନମିଳିଛି ସେ ପର୍ଯ୍ୟନ୍ତ କୋ÷ଣସି ଅଭିଯାନ କେବେ ବି ସଫଳ ହୋଇପାରିବ ନାହିଁ। ଗତ ବର୍ଷ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏକ ସମୀକ୍ଷା ବୈଠକରେ ମାଓଦମନ ଅଭିଯାନକୁ ତ୍ୱରାନ୍ୱିତ କରିବା ଲାଗି ଅର୍ଦ୍ଧସାମରିକ ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ସୁଫଳ ଏବେ ମିଳୁଛି। ଏହା ରାତାରାତି ସମ୍ଭବ ନୁହେଁ। ଏଥିନିମନ୍ତେ ସମୟ ଆବଶ୍ୟକ। ମାଓଦମନ ଅଭିଯାନରେ ସଫଳତା ପଛରେ ଏକ ବଡ଼ କାରଣ ହେଲା। ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ। ମାଓବାଦୀଙ୍କ ଗୁପ୍ତ ଆଡ୍ଡା, ସେମାନଙ୍କ ଗତିବିଧି ଏବଂ ସେମାନଙ୍କୁ ମିଳୁଥିବା ସହାୟତା ସମ୍ପର୍କରେ ଗୁପ୍ତ ତଥ୍ୟ ମିଳିଲେ ମାଓଦମନ ଅଭିଯାନ ସହଜ ଏବଂ ସୁବିଧାଜନକ ହୋଇପାରିବ। ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ଏହି କାରଣରୁ ମାଓଦମନ ଅଭିଯାନରେ ସଫଳତା ମିଳିଛି। କାଶ୍ମୀର ଉପତ୍ୟକାରେ ଆତଙ୍କବାଦ ଦମନ ଲାଗି ମଧ ସମାନ ଆବଶ୍ୟକତା ରହିଛି। ଅତ୍ୟାଧୁନୀକ ବ୍ୟବସ୍ଥା ସହିତ ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ ନିହାତି ଜରୁରୀ। ଏଥିଲାଗି ସାଧାରଣ ଜନତାଙ୍କୁ ସୁରକ୍ଷା ବ୍ୟବସ୍ଥା ସହ ଯୋଡ଼ିବାକୁ ପଡ଼ିବ। ସାଧାରଣ ଜନତା ଯେତେବେଳେ ସୁରକ୍ଷା କର୍ମୀଙ୍କୁ ସହଯୋଗ କରିବେ ସେତେବେଳେ ମାଓବାଦ, ଆତଙ୍କବାଦର ମୁକାବିଲା ସହଜ ହୋଇପାରିବ। ଆଗକୁ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଆସୁଛି। ଝାଡ଼ଖଣ୍ଡ ଏକ ମାଓ ଉପଦ୍ରୁତ ଅଞ୍ଚଳ। ଏଠାରେ ପିଏଲଆଇ ପ୍ରଭାବ ରହିଛି। ନିର୍ବାଚନ ବେଳେ ସେମାନେ ହିଂସାକାଣ୍ଡ କରିବାର ଆଶଙ୍କା ରହିଛି। ଏହି ସୁଯୋଗରେ ସେମାନଙ୍କୁ ନିପାତ କରିବାକୁ ସୁରକ୍ଷା ବାହିନୀ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବା ଉଚିତ। କଥରେ ଅଛି, ନଇଁ ପଡ଼ିଥିବ ଯେବେ ବିଧାଏ ମାରିବ ସେବେ। ତେଣୁ ଏବେ ମାଓବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ଦମନମୂଳକ ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରିବାର ପ୍ରକୃଷ୍ଟ ସମୟ। ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ କହିବାନୁଯାୟୀ ଏବେ ମାଓ ସଙ୍ଗଠନ ଉପରେ ଶେଷ ପ୍ରହାରର ଆବଶ୍ୟକତା ରହିଛି। ଏଥିରେ ସତର୍କତାର ଆବଶ୍ୟକତା ମଧ ରହିଛି। ମାଓବାଦୀମାନେ ଏବେ ପ୍ରତିଶୋଧପରାୟଣ ହୋଇ ଆହୁରି ନିର୍ମମ ହୋଇପାରନ୍ତି। ମାଓବାଦୀଙ୍କ ଗୁଳିରେ ବା ବିସ୍ଫୋରଣରେ ଆମର କିଛି ଯାବ ଶହୀଦ ହେଉଛନ୍ତି। ଏହାକୁ ଶୂନ କରିବାକୁ ପଡ଼ିବ। ମାଓବାଦୀମାନେ ଅନେକ ସମୟରେ ପୋଲିସ ଇନଫର୍ମର ସନ୍ଦେହରେ ନିରୀହ ବ୍ୟକ୍ତିଙ୍କୁ ଗଳାକାଟି ବା ଗୁଳି କରି ହତ୍ୟା କରୁଛନ୍ତି। ଏହାକୁ ବନ୍ଦ କରାଯିବା ନିହାତି ଜରୁରୀ। ଛତିଶଗଡ଼ରେ ମାଓଦମନ ଅଭିଯାନ ତ୍ୱରାନ୍ୱିତ ହେବା ଫଳରେ ସେମାନେ ଆତ୍ମରକ୍ଷା ନିମନ୍ତେ ପଡ଼ୋଶୀ ରାଜ୍ୟ ଅର୍ଥାତ ଓଡ଼ିଶା, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରକୁ ଚାଲିଯିବାକୁ ଉଦ୍ୟମ କରୁଛନ୍ତି। ଏଥିପ୍ରତି ସତର୍କ ରହିବା ଉଚିତ। ଅତୀତରେ ଆନ୍ଧ୍ରପ୍ରଦେଶରୁ ମାଓବାଦୀମାନେ ସୁରକ୍ଷିତ ଆଶ୍ରୟ ନିମନ୍ତେ ଓଡ଼ିଶାକୁ ଚାଲି ଆସୁଥିଲେ। ଓଡ଼ିଶାରେ ଏହିଠାରୁ ମାଓ ସଙ୍ଗଠନର ଭିତ୍ତିଭୂମି ପଡ଼ିଥିଲା। ଏବେ ଛତିଶଗଡ଼ରୁ ମାଓବାଦୀମାନେ ଓଡ଼ିଶାରେ ବହୁ ସଂଖ୍ୟାରେ ଅନୁପ୍ରବେଶ କରିବା ଆଶଙ୍କା ରହିଛି। କିଛି ଦିନ ତଳେ ଓଡ଼ିଶାର ଗନ୍ଧମାର୍ଦ୍ଦନରେ ସୁରକ୍ଷା ବାହିନୀ ସହ ମାଓବାଦୀଙ୍କ ଗୁଳି ବିନିମୟ ହୋଇଥିଲା। ଏଥିରୁ ପ୍ରମାଣିତ ଯେ, ଓଡ଼ିଶାରେ ମାଓବାଦୀଙ୍କ ଉପସ୍ଥିତି ରହିଛି। ଅବିଭକ୍ତ ଗଞ୍ଜାମ, କୋରାପୁଟ, ମାଲକାନଗିରି, ରାୟଗଡ଼ା ନବରଙ୍ଗପୁର, ବୌ÷ଦ୍ଧ ଏବଂ କନ୍ଧମାଳ ଜିଲ୍ଲା ଏବେ ମାଓବାଦୀଙ୍କ ଏରିଆ ଅଫ ଅପରେସନ। ଏହାକୁ ଭେଦ କରି ସେମାନଙ୍କୁ ନିପାତ କରିବାକୁ ପଡ଼ିବ। ଛତିଶଗଡ଼ ଭଳି ଓଡ଼ିଶାରେ ମାଓବାଦକୁ ଧ୍ୱଂସ କରିବା ନିମନ୍ତେ ସ୍ୱତନ୍ତ୍ର ଅଭିଯାନ ହେବା ଉଚିତ ଏବଂ ଏଥିଲାଗି ରାଜ୍ୟ ପୋଲିସ ବିଭାଗରେ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠିତ ହେବା ଉଚିତ। କିନ୍ତୁ ଯେ ପର୍ଯ୍ୟନ୍ତ ମାଓବାଦୀଙ୍କୁ ଆର୍‌ଥିକ ଏବଂ ଅସ୍ତ୍ରଶସ୍ତ୍ର ସହାୟତା ବନ୍ଦ ନହୋଇଛି ସେ ପର୍ଯ୍ୟନ୍ତ ମାଓ ସଙ୍ଗଠନକୁ ଧ୍ୱଂସ କରିବା ଅସମ୍ଭବ। ସେମାନେ କେଉଁଠୁ, କେଉଁ ସୂତ୍ରରୁ ଅର୍ଥ ଏବଂ ଅସ୍ତ୍ର ସଂଗ୍ରହ କରୁଛନ୍ତି ତାହାକୁ ଚିହ୍ନଟ କରି ଏହାକୁ ବନ୍ଦ କରାଯାଇପାରିଲେ ନିର୍ଦ୍ଧାରିତ ସମୟ ସୀମା ଭିତରେ ଏହାକୁ ନିର୍ମୂଳ କରାଯାଇପାରିବ। ଏହା ସହିତ ମାଓଉପଦ୍ରୁତ ରାଜ୍ୟମାନଙ୍କ ଭିତରେ ସମନ୍ୱୟ ଏବଂ ସହଯୋଗକୁ ଆହୁରି ବ୍ୟାପକ କରିବାକୁ ପଡ଼ିବ।

# 'ଭାଲେଣ୍ଟାଇନ୍ସ ଡେ' ଅନ୍ତରାଳେ



**ପ୍ରଦେଶ ପ୍ରତ୍ୟୁଷ**

୧୪ ଫେବୃୟାରୀରେ ସାରା ପୃଥିବୀରେ ପାଳନ ହୁଏ ପ୍ରେମ ଦିବସ ବା ଭାଲେଣ୍ଟାଇନ୍ସ ଡେ। ବିଶେଷ କରି ଆମେରିକା, କାନାଡା, ମେକ୍ସିକୋ, ଅଷ୍ଟ୍ରେଲିଆ, ଫ୍ରାନ୍ସ, ବ୍ରିଟେନ, ଆର୍ଜେଣ୍ଟିନାରେ ଏହି ଦିନକୁ ପାଳନ କରାଯାଉଛି। ବିଭିନ୍ନ ଦେଶରେ ଯୁବକ ଯୁବତୀ ପରସ୍ପରକୁ କାର୍ଡ , ଚକୋଲେଟ , ଫୁଲ , ଉପହାର ଦେବା ,ଡେଟ୍ସରେ ଯିବା ଓ ସାମୂହିକ ବିବାହ (ମାସ୍ ମ୍ୟାରେଜ) ଭଳି ଭିନ୍ନ ଭିନ୍ନ ଉପାୟରେ ପାଳନ କରନ୍ତି। ପ୍ରେମ ଦିବସ ପାଖେଇ ଆସିଲେ ଯୁବକ ଯୁବତୀଙ୍କ ମଧରେ ଉପହାର ଓ ସମ୍ଭାଷଣର ପର୍ବ ଆରମ୍ଭ ହୋଇଯାଏ। ହୃଦୟରେ ପ୍ରେମ ପ୍ରୀତିର ଭେଣ୍ଟାଫେଣ୍ଟି କଳକଲ୍ଲୋଳିନୀ ବହେ। ପ୍ରେମୀ ଯୁଗଳଙ୍କ ମନରେ ଭରି ଯାଏ ନୂତନ ଶିହରଣ। ମାନ ଅଭିମାନକୁ ଭୁଲି ମନ ଗଢେ ସଂପର୍କର ନୂଆ ସେତୁ। ପ୍ରୀତିର ନିଡ଼ ରଚନ୍ତି ଦୁଇ ପ୍ରେମୀ, ଦୁଇ ବନ୍ଧୁ।

'ଭାଲେଣ୍ଟାଇନ୍ସ ଡେ' ବା 'ପ୍ରେମ ଦିବସ' ଭାବେ ଏହି ଦିନ ଏକ ନିଆରା ପରିଚୟ ସୃଷ୍ଟି କରିଛି। ଚିଠିରୁ ଟେଲିଫୋନ ଓ ଏବେ ସୋସିଆଲ ମିଡ଼ିଆ ...ଯେମିତି ଏହି ଦିବସଟିକୁ ଭାଇରାଲ କରିବାରେ ପ୍ରମୁଖ ମାଧମ ପାଲଟି ଯାଇଛି। ଏହି ଦିନଟି କାହିଁକି ଏତେ ଚର୍ଚ୍ଚାରେ , କାହିଁକି ଏହାର ନାଁ ଭାଲେଣ୍ଟାଇନ ଡେ , ଏହା ପଛରେ କଣ ରହିଛି ରହସ୍ୟ ...ଏହା କିନ୍ତୁ ଅନେକଙ୍କୁ ଅଜଣା ଥାଇପାରେ। ହେଲେ ପ୍ରେମରେ ମତୁଆଲା ଆମର ଯୁବବର୍ଗ କିନ୍ତୁ ଏହି ଦିବସକୁ ନେଇ ଭାଲେଣ୍ଟାଇନ ସପ୍ତାହ ପାଳନ୍ତି ... ଯେମତି କି ରୋଜ୍ ଡେ ,ପ୍ରପୋଜ ଡେ, ଚକୋଲେଟ୍ ଡେ, ଟେଡ୍ଡି ଡେ, ପ୍ରମିଜ ଡେ, ହଗ୍ ଡେ, କିସ୍ ଡେ ଓ ଭାଲେଣ୍ଟାଇନ ଡେ। ହେଲେ ଏହାର ପ୍ରକୃତ ଯଥାର୍ଥକୁ ବୁଝିବାକୁ ଯୁବଗୋଷ୍ଠୀ ଆଖି ବୁଜି ଦେଇଛନ୍ତି।

ରୋମରେ ସେତେବେଳେ ଶାସନ କରୁଥାନ୍ତି କ୍ଲାଉଡିୟସ୍ ଦ୍ୱିତୀୟ। ଅତି କ୍ରୁର ଓ କଠୋରତା ପୂର୍ଣ୍ଣ ଶାସନ ପାଇଁ ତାଙ୍କର ସେନା ବାହିନୀରେ କେହି ଯୁବକ ଯୋଗ ଦେବାକୁ ଆଗ୍ରହ ପ୍ରକାଶ କରୁ ନଥିଲେ। ତାଙ୍କର ଭ୍ରାନ୍ତ ଧାରଣା ଥିଲା ଯେ ରାଜ୍ୟର ସବୁ ଲୋକେ ସେମାନଙ୍କର ପ୍ରିୟଜନ ଓ ପରିବାର ଲୋକଙ୍କ ସହ ଅୟସ ଆରାମରେ ଜୀବନ ବିତାଉ ଥିବାରୁ ସେନାବାହିନୀରେ କେହି ଯୋଗ ଦେଉନାହାଁନ୍ତି। ସେଥିପାଇଁ ରାଜ୍ୟର ସବୁ ବିବାହ ଆଦି ମାଙ୍ଗଳିକ କାର୍ଯ୍ୟରେ ନିଷେଧାଦେଶ ଜାରି କରି ଦେଲେ। ତାଙ୍କର ଧାରଣା ଥିଲା ଯେ ସେନାବାହିନୀର ସିପାହୀମାନେ ସେମାନଙ୍କ ପତ୍ନୀ ଓ ପ୍ରେମିକାଙ୍କ ସହ ସଂପର୍କ ରଖିବା ବା ବିବାହ କରିବା ଦ୍ୱାରା ଶକ୍ତି ହୀନ ହୋଇଯିବେ। ସେଥିପାଇଁ ସେମାନଙ୍କ ପାଇଁ ଅନେକ ପ୍ରତିବନ୍ଧକ ଲଗାଇଲେ। ଏହାଦ୍ୱାରା ବହୁତ ଅସନ୍ତୋଷ ଓ ବିରୋଧାଭାସ ସୃଷ୍ଟି ହେଲା। ହେଲେ ଏଭଳି ନିଷ୍ଠୁର ଶାସକ ବିରୁଦ୍ଧରେ ମୁହଁ ଖୋଲିବାକୁ



କେହି ସାହସ କଲେ ନାହିଁ। ଏହି ସମୟରେ ରାଜ୍ୟର ଯୁବକ ଯୁବତୀଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ ଭାଲେଣ୍ଟାଇନ ନାମକ ଜଣେ ପାଦ୍ରୀ ଯୁବକ। ନିଜର ସହକର୍ମୀ ମୋରିୟସଙ୍କୁ ସାଥି କରି ପ୍ରେମୀ ଯୁଗଳଙ୍କୁ ଗୋପନରେ ବିବାହ କରାଇଲେ। ଏଭଳି ଏକ ମହତ କାର୍ଯ୍ୟ ପାଇଁ ତାଙ୍କୁ ସମସ୍ତେ ପ୍ରଶଂସା କରିବାକୁ ଲାଗିଲେ। ରାଜା କ୍ଲାଉଡିୟସ ଏହା ଜାଣି ଭାଲେଣ୍ଟାଇନଙ୍କୁ ବନ୍ଦୀ କଲେ। ଏକ ନିର୍ଦ୍ଦିଷ୍ଟ ଦିନରେ ମୃତ୍ୟୁଦଣ୍ଡର ଘୋଷଣା କଲେ ଏବଂ ପ୍ରେମୀଙ୍କୁ ନୂଆ ଦୁନିଆ ଦେଉଥିବା ଭାଲେଣ୍ଟାଇନ୍ ନିଜ ପାଇଁ ଏକ ଅପୂର୍ବ ଉପହାର ସ୍ୱରୂପ ଏହି ମୃତ୍ୟୁଦଣ୍ଡକୁ ହସି ହସି ଆପଣେଇ ଥିଲେ ଏବଂ ଜେଲରେ ବନ୍ଦୀ ଭାବେ ଥିବା ବେଳେ ପ୍ରେମର ପ୍ରକୃତ ସ୍ୱରୂପକୁ ବର୍ଣ୍ଣନା କରି ,ଜେଲରଙ୍କ ଝିଅଙ୍କୁ ଜୀବନର ପ୍ରଥମ ଓ ଶେଷ ଚିଠି ଲେଖିଥିଲେ। "...ଏ ଭାଲେଣ୍ଟାଇନ କାଲିର ସୂର୍ଯ୍ୟୋଦୟ ପରେ ଆଉ ଏ ପ୍ରେମର ଦୁନିଆରେ ନଥିବ। ମତେ ତୁମେ କେମିତି ବୁଝିଛ ? ଏ ଦୁନିଆ କେମିତି ବୁଝିଲା ... ଏହା ସମୟ କହିବ। ଆଉ ପ୍ରେମ ସେତେବେଳକୁ ଏକ ନୂଆ ପରିଚୟରେ ନିଆରା ଦୁନିଆ ଗଢି ସାରିଥିବ।

ସେଦିନର ସେହି ନିର୍ଦ୍ଦୟ ରାଜା କ୍ଲାଉଡିୟସ ଦ୍ୱିତୀୟଙ୍କ ଆଦେଶରେ, ଫେବୃୟାରୀ ୧୪ରେ ସର୍ବସାଧାରଣଙ୍କ ସମ୍ମୁଖରେ ପାଦ୍ରୀ ଯୁବକ ଭାଲେଣ୍ଟାଇନଙ୍କୁ ମୃତ୍ୟୁଦଣ୍ଡ ଦିଆ ଯାଇଥିଲା। ନିର୍ବାପିତ ହୋଇଗଲା ପ୍ରେମର ପ୍ରକୃତ ପୂଜାରୀ ଓ ପ୍ରକୃତ ନାୟକର ଜୀବନ ଦୀପ। ସେହି ପ୍ରେମିକ ପୁରୁଷର ବଳି ଦାନରେ ଇତିହାସ ପାଲଟିଲା ଏହି ଦିନ। ଜନ୍ମ ନେଲା ପ୍ରେମର ଏକ ନିଆରା କାନଭାସ୍। ସେଥିରେ ସବୁଦିନ ପାଇଁ ଅଙ୍କା ହେଲା ପ୍ରୀତିର ଚିକ୍‌ମିକ୍‌ର ସ୍‌ବତନ୍ତ୍ର ଚିତ୍ର। ଭାଲେଣ୍ଟାଇନ ପାଲଟି ଗଲେ ଏକ ଚିରସ୍ମରଣୀୟ ଦିବସ – 'ଭାଲେଣ୍ଟାଇନ ଡେ'। କହିବା ବାହୁଲ୍ୟ ଯେ, 'ଭାଲେଣ୍ଟାଇନ ଡେ'ର ଇତିବୃତ୍ତ ଏୟା ନୁହେଁ, ଯାହା ଆଜିର ଯୁବଗୋଷ୍ଠୀ ବୁଝିଛି। ଜଣେ ନିର୍ଦ୍ଦିଷ୍ଟ ରାଜାଙ୍କର ନିଷ୍ଠୁର ନିଷ୍ପତ୍ତି ଓ ଭ୍ରମ ବିରୁଦ୍ଧରେ ଲଢ଼େଇ ଥିଲା ସେଦିନର ଜଣେ ପାଦ୍ରୀ ଯୁବକ ଭାଲେଣ୍ଟାଇନଙ୍କର। ସମାଜର ହିତ ସାଧନରେ ଥିଲା ତାଙ୍କର ଉଦ୍ଦେଶ୍ୟ ଓ ବଳିଦାନ। ହେଲେ ଆଜି କ'ଣ ସେହି ଉଦ୍ଦେଶ୍ୟକୁ ସମ୍ମାନ ଦିଆ ଯାଉଛି ???

ଦେଖିବାକୁ ମିଳୁଛି ଭାଲେଣ୍ଟାଇନ୍ସ ଡେ ପାଳନ ଅବସରରେ ଅନେକ ବିଶୃଙ୍ଖଳିତ ଓ ଅନୈତିକ କାର୍ଯ୍ୟ ଘଟୁଛି। ଯୁବବର୍ଗ ଏହି ଦିବସର ମୋହରେ ପଡି ଏହି ପାଶ୍ଚାତ୍ୟ ସଂସ୍କୃତିକୁ ଅଧିକ ପ୍ରଚାର ପ୍ରସାର କରୁଛନ୍ତି। ଯାହାକି କରିବା ଉଚିତ୍ ନୁହେଁ। ଅନେକ ସାମାଜିକ କର୍ମୀଙ୍କ ମତରେ, ଦେଖିବାକୁ ମିଳେ ଯେ, ଏହି ଭାଲେଣ୍ଟାଇନ୍ସ ଡେ ଅବସରରେ ଅନେକ ପାର୍କ, ମଲ, ହୋଟେଲ ଓ ରେଷ୍ଟୋରାଁରେ ପ୍ରେମୀ ଯୁଗଳଙ୍କ କାରନାମା ସମାଜ ଉପରେ ଖରାପ ପ୍ରଭାବ ପକାଉଛି। ସାଇକୋଲଜିଷ୍ଟଙ୍କ ବିଶ୍‌ବାସ ଯେ, ଭାଲେଣ୍ଟାଇନ୍ସ ଡେ'ରେ ଆତ୍ମହତ୍ୟା ଓ ଅବସାଦ ପ୍ରବଣତା ବଢୁଛି। ପ୍ରେମ ପରି ଏକ ଶାଶ୍‌ବତ ଓ ପବିତ୍ର ଭାବନା କଳଙ୍କିତ ହେଉଛି।

ପାଶ୍ଚାତ୍ୟ ଦେଶର ଏହି 'ଭାଲେଣ୍ଟାଇନ ଡେ'କୁ ପାଳନରେ ବିଶ୍‌ବର ୬ଟି ଦେଶ( ପାକିସ୍ତାନ, ଇରାନ, ସାଉଦି ଆରବ, ମାଲେସିଆ, ଇଣ୍ଡୋନେସିଆ, ଉଜବେକିସ୍ତାନ) ରେ ଖୁବ ବିରୋଧ କରାଯାଉଛି। ବିଶେଷ କରି ଆମର ପଡୋଶୀ ଦେଶ ପାକିସ୍ଥାନରେ ଏଥିରେ ତୀବ୍ର ପ୍ରତିବନ୍ଧକ ଲାଗିଛି। ୨୦୧୮ ମସିହାରେ ସେଠାର ହାଇକୋର୍ଟ ଏହି ଦିବସର ପାଳନ ଓ ମିଡ଼ିଆ କଭରେଜରେ ରୋକ୍ ଲଗେଇଛି।

ଉଜବେକିସ୍ତାନ ନିଜ ଦେଶରେ ଭାଲେଣ୍ଟାଇନ୍ସ ଡେ ପରିବର୍ତ୍ତେ ବାବରଙ୍କ ଜନ୍ମ ଦିନ ପାଳୁଛି। ମାଲେସିଆରେ ଏହି ଦିବସ ପାଳନ ବିରୋଧରେ ୨୦୦୫ ମସିହାରେ ଫତଓ୍ୱା ଜାରି ହୋଇଥିଲା। ୨୦୧୪ରେ ସାଉଦି ଆରବରେ ଭାଲେଣ୍ଟାଇନ୍ସ ଡେ ପାଳିବା ନେଇ ୩୯ଜଣଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା।

ଆମ ଦେଶରେ ମଧ କିଛି ବର୍ଷ ହେବ ଭାଲେଣ୍ଟାଇନ୍ସ ଡେ ପାଳନ ପରିବର୍ତ୍ତେ 'ମାତୃ ପିତୃ ପୂଜନ ଦିବସ' ପାଳନ ପାଇଁ ମତ ଉଠିଛି। ପିଲାମାନଙ୍କୁ ଭାଲେଣ୍ଟାଇନ ସଂସ୍କୃତି ନୁହେଁ ମାତାପିତାଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତିର ପରମ୍ପରା ପ୍ରସାର ପାଇଁ କିଛି ଅନୁଷ୍ଠାନ ଓ ସାମାଜିକ କର୍ମୀଙ୍କ ଦ୍‌ବାରା ଉତ୍ସାହିତ କରାଯାଉଛି। ଏହା ସହ ଗାଁ,ସହର , ଘରୋଇ ଓ ସରକାରି ବିଦ୍ୟାଳୟ ମାନଙ୍କରେ ଖୁବ୍ ଉତ୍ସାହର ସହ 'ମାତୃପିତୃ ପୂଜନ ଦିବସ' ପାଳିତ ହେଉଛି।


**କୁରୁମଟାଙ୍ଗର, ମହୁଲପଡ଼ା, ଢେଙ୍କାନାଳ**
**ମୋବାଇଲ: ୭୦୦୮୪୩୧୨୫୭**


# ମହାକୁମ୍ଭ ଭିଡ଼କୁ ଭୟ କରୁଛନ୍ତି: ଏହା ଫୋବିୟା ନୁହେଁ ତ ?



**ଡାକ୍ତର ସମ୍ରାଟ କର**

ପ୍ରୟାଗରାଜର ମହାକୁମ୍ଭରେ ଏବେ ସମଗ୍ର ଭାରତବାସୀ ଏକ ପ୍ରକାର ନିଜକୁ କୁମ୍ଭ ମନସ୍କ କରୁଥିବାବେଳେ ମୋର ଜଣେ ପରିଚିତ ସମାଜସେବୀ ବନ୍ଧୁ ତ୍ରିନାଥ ବାବୁ ନିଜେ କୁମ୍ଭମେଳାକୁ ଯିବେ କିମ୍ବା ନାହିଁ ଏ ନେଇ ମାନସିକ ଭାବେ ଦୋଦୁଲ୍ୟମାନ ସ୍ଥିତିରେ ଥିବାବେଳେ ମୋତେ ସାକ୍ଷାତକରି କହିଲେ ସାର ବିଶ୍ୱର ସର୍ବବୃହତ୍ତ ଧାର୍ମିକ ମହୋତ୍ସବ ମହାକୁମ୍ଭର ସଙ୍ଗମରେ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଅନେକ ବଡ଼ ବଡ଼ ନେତା, ବିଦେଶୀ କୂଟନୀତିଜ୍ଞ, ସମାଜର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଏବଂ ଅନେକ ସେଲିବ୍ରେଟି ଯଥା ଅନୁପଖେର, ହେମାମାଳିନୀ, ସୋନୁ ସୁଦ୍ ପ୍ରମୁଖ ମହାକୁମ୍ଭରେ ପବିତ୍ର ସ୍ନାନ କରି ସାରିଲେଣି। ଅଥଚ ଏକ ସାକ୍ଷାତକାରରେ ହାସ୍ୟ ଅଭିନେତ୍ରୀ ଭାରତୀ ସିଂହ ମହାକୁମ୍ଭକୁ ଯିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ତାଙ୍କ କହିବା ଅନୁଯାୟୀ ତାଙ୍କର କୁମ୍ଭ ମେଳାକୁ ଯିବାକୁ ବହୁତ ଇଛା ଥିଲେ ମଧ ସେଠାରେ ଯେଉଁଭଳି ଶ୍ରଦ୍ଧାଳୁଙ୍କ ଅଭୂତପୂର୍ବ ସମାଗମ ଓ ଭିଡ଼ ଘଟୁଛି ତେଣୁ ସେଠାରେ କୌଣସି ଅଘଟଣ ଘଟିବାର ସମ୍ଭାବନା ରହିଛି। ସେ ଏହା ମଧ କହିଛନ୍ତି ଯେ, ଏତେ ଲୋକଙ୍କ ଭିଡ଼ ଭିତରେ ସେ ଚେତାଶୂନ୍ୟ ହୋଇଯାଇପାରନ୍ତି କିମ୍ବା ତାଙ୍କ ପୁଅ ଓ ସେ ଅଲଗା ହୋଇଯାଇ ପାରନ୍ତି। ମୁଁ ତ୍ରିନାଥ ବାବୁଙ୍କ ଠାରୁ ଏସବୁ ଶୁଣିବା ପରେ କହିଲି ପବିତ୍ର ସଙ୍ଗମ ନଗରୀରେ ଆରମ୍ଭ ହୋଇଛି ବିଶ୍ୱ ପ୍ରସିଦ୍ଧ ମହାକୁମ୍ଭ। ସକଳ ପାପରୁ ମୁକ୍ତି ପାଇଁ ଜୀବନରେ ସଫଳତା ଲାଭ ପାଇଁ ବିଶ୍ୱର ପ୍ରତ୍ୟେକ କୋଣରୁ ଶ୍ରଦ୍ଧାଳୁମାନେ ଏଠି ଏକାଠି ହେଉଛନ୍ତି। କୁମ୍ଭ କେବଳ ଏକ ଧାର୍ମିକ ଆୟୋଜନ ନୁହେଁ ଏହା ମଧ ଜଣଙ୍କର ମାନସିକ, ଆସ୍ଥା, ବିଶ୍ୱାସ ଓ ପରମ୍ପରାର ଅଦ୍ୱୈତୀୟ ମିଳନ। ନିର୍ଦ୍ଦିଷ୍ଟ ତିଥିରେ ପବିତ୍ର ନଦୀରେ ବୁଡ଼ ପକାଇଲେ ପାପ ମୋଚନ ତଥା ପୁଣ୍ୟ ଅର୍ଜନ କରିବାର ବିଶ୍ୱାସ ରହିଛି। ଏଥିରେ ନକ୍ଷତ୍ର ବିଜ୍ଞାନ, ଆଧାତ୍ମିକତା ଓ ଭୂଗୋଳର ମିଳନ ହେବା ସହ ଆସ୍ଥା ଓ ବିଜ୍ଞାନ ମଧରେ କୌଣସି ଯେ ପାର୍ଥକ୍ୟ ନାହିଁ ବରଂ ଉଭୟ ମିଳିତ ଭାବେ ମାନବତାର ମାର୍ଗ ଦର୍ଶନ କରନ୍ତି ମହାକୁମ୍ଭମେଳା ଆମକୁ ଏହି ଶିକ୍ଷା ଦିଏ। ତେବେ ବାସ୍ତବରେ ଏହା ହେଉଛି କିଛି ଲୋକମାନଙ୍କର ମାନସିକ ଭାବନାର ଏକ ପ୍ରକାର ଭୟ। ମାତ୍ର ମାତ୍ରାଧିକ ହେଲେ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ। ତାକୁ ରୋଗ ବୋଲି କୁହାଯାଏ। ଓ ମାନସିକ ରୋଗ ଚିକିତ୍ସକଙ୍କୁ ଦେଖାଇ ଔଷଧ ଖାଇଲେ ଏ ରୋଗରୁ ଉପଶମ ମିଳିଥାଏ।

**ଫୋବିୟା କ'ଣ:** ଫୋବିୟା ହେଉଛି କୌଣସି ସ୍ଥାନ, ବସ୍ତୁ, କାର୍ଯ୍ୟ ଓ ପରିସ୍ଥିତି ପ୍ରତି ଅହେତୁକ ଭୟ। ଯେପରିକି କେତେକ ଲୋକ ଭିଡ଼ ଭିତରକୁ ଯିବାକୁ ଭୟ କରନ୍ତି, ଉଚ୍ଚ ସ୍ଥାନକୁ ଯିବାକୁ ଭୟ କରନ୍ତି, ଘରୁ ରାସ୍ତାକୁ ଯିବାକୁ ଭୟ କରନ୍ତି, କୌଣସି ଜୀବଜନ୍ତୁ କିଛି କ୍ଷତି କରିବ ନାହିଁ ଜାଣି ମଧ ତାକୁ ଭୟ କରନ୍ତି। ସେଥିଯୋଗୁଁ ସେମାନେ ସେହି ସ୍ଥାନ, ବସ୍ତୁ ବା କାର୍ଯ୍ୟଠାରୁ ଦୂରେଇ ରହିବାକୁ ଚାହାନ୍ତି। ପ୍ରାୟ ପ୍ରତ୍ୟେକ ଲୋକଙ୍କ ଠାରେ ଏକ ପ୍ରକାର ଭୟ ଅଳ୍ପ ଅଧିକେ ଥାଏ ମାତ୍ର ଯେତେବେଳେ ଅତ୍ୟଧିକ ହୋଇ ମାନସିକ ବ୍ୟଥା ଦିଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ ସେତେବେଳେ



ଏହା ଏକ ରୋଗ ବୋଲି ଧରାଯାଏ। ଅସ୍ୱାଭାବିକ ପରିସ୍ଥିତିରେ ଭୟାବହତାକୁ ସମ୍ଭାବନା କରି ଲୋକଟିର ମନରେ କଷ୍ଟ ହୋଇଥାଏ। ତେଣୁ ସେ ଏପରି ପରିସ୍ଥିତି ଠାରୁ ଦୂରେଇ ରହିବାକୁ ଚେଷ୍ଟା କରେ ଏବଂ ଏହାର ସାମନା କଲେ ଆତଙ୍କିତ ହୋଇଯାଏ।

**ଆଗାରୋଫୋବିୟା:** କୌଣସି ପରିସ୍ଥିତି ପ୍ରତି ଅସ୍ୱାଭାବିକ ଭୟକୁ ଆଗାରୋଫୋବିୟା ବୋଲି କୁହାଯାଏ। ସାଧାରଣତଃ ଏ ପ୍ରକାର ଫୋବିୟା ଲୋକମାନଙ୍କ ଠାରେ ଅଧିକ ଦେଖାଯାଏ। ପୁରୁଷମାନଙ୍କ ତୁଳନାରେ ସ୍ତ୍ରୀ ଲୋକମାନଙ୍କ ଠାରେ ଅଧିକ ହୋଇଥାଏ। ଏ ପ୍ରକାର ଫୋବିୟାରେ ମନୁଷ୍ୟ ଯେତେବେଳେ ନିଜ ପରିବାର ବା ଚିରାଚରିତ ପରିସ୍ଥିତିରୁ ଦୂରେଇଯାଏ ତାକୁ ଅହେତୁକ ଭୟ ଲାଗିଥାଏ। ଗୋଟିଏ ପରିସ୍ଥିତିରୁ ଆଉ ଗୋଟିଏ ପରିସ୍ଥିତିକୁ ଗଲେ ଲୋକଟି ହଠାତ୍ ବିଚଳିତ ହୋଇପଡ଼େ। ତାକୁ ସାହାଯ୍ୟ କରିବାକୁ କେହି ନଥାନ୍ତି। ସେହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ତା'ର ସାହାସ ହୁଏ ନାହିଁ କି ସେ ଉପାୟ ପାଏ ନାହିଁ। ତେଣୁ ସେ ବିବ୍ରତ ହୋଇଯାଏ। ଉଦାହରଣ ସ୍ୱରୂପ ଘର ଠାରୁ ଦୂରରେ ଏକା ରହିବା, ଭିଡ଼ ଭିତରେ ରହିଯିବା, ଟ୍ରେନ, ବସ୍ ଆଦିରେ ଏକାକୀ ବୁଲିବା ଇତ୍ୟାଦି କାର୍ଯ୍ୟଗୁଡ଼ିକୁ ସେ ସମ୍ମୁଖୀନ ହୋଇପାରେ ନାହିଁ। ଧୀରେ ଧୀରେ ପରିସ୍ଥିତି ଅଧିକ ଜଟିଳ ହୋଇଥାଏ। ଲୋକଟିର ନିଜର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହୁଏ। ସେ ବାହାରକୁ ନ ଯାଇ ଘର ଭିତରେ ରହିବାକୁ ଭଲ ପାଏ। କେବଳ ଜଣେ ଦି'ଜଣ ବିଶ୍ୱସ୍ତ ଲୋକଙ୍କ ସହିତ ଘର ଛାଡ଼ିଯାଏ।

**ପ୍ରଭାବ:** ଏହା ସାଧାରଣତଃ ସ୍ତ୍ରୀଲୋକମାନଙ୍କ ଠାରେ ଅଧିକ ଦେଖାଦେଇଥାଏ। ଏ ରୋଗ ପ୍ରାୟତଃ ୨୫-୩୫ ବର୍ଷ ବୟସରେ ହଠାତ୍ ଆରମ୍ଭ ହୋଇଥାଏ। ଧୀରେ ଧୀରେ ଏହା ଅତ୍ୟଧିକ ହୋଇଥାଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧାପ୍ରାପ୍ତ ହୋଇଥାଏ।

**କାରଣ:** ଏହା ସେରୋଟୋନିନ୍, ଗାବା, ଆଡ୍ରେନାଲିନ୍, ଡୋପାମିନ ଆଦି ମସ୍ତିଷ୍କରେ ଥିବା ସ୍ନାୟୁରସର ବିଶୃଙ୍ଖଳତା ଯୋଗୁଁ ହୋଇଥାଏ। ଏକ ସୂତ୍ରରୁ ଜଣାପଡ଼ିଛି ଯେ ନିଜର ରକ୍ତ ସମ୍ପର୍କୀୟ ଲୋକମାନଙ୍କ ଠାରେ ଏ ରୋଗ ଥିଲେ ଅନ୍ୟମାନଙ୍କୁ ହେବାର ସମ୍ଭାବନା ଅଧିକ ଥାଏ। ତେଣୁ ଏହା ବଂଶଗତ ହୋଇପାରେ।

**ଚିକିତ୍ସା:** ଏହି ରୋଗର ଲକ୍ଷଣ ଦେଖାଦେଲେ ଶୀଘ୍ର ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ। ଏହି ରୋଗର ଚିକିତ୍ସା, ଔଷଧ ଓ ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା କରାଯାଇଥାଏ। ଏହି ରୋଗରେ ମନରୁ ଅହେତୁକ ଭୟ ଦୂର କରିବା ପାଇଁ ଔଷଧ ଅତ୍ୟନ୍ତ ଉପଯୋଗ ହୋଇଥାଏ। ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା ରୋଗୀ ମନରେ ଜନ୍ମୁଥିବା ଅହେତୁକ ଭୟକୁ ବୁଝାସୁଝା ଦ୍ୱାରା କମ୍ କରାଯାଇଥାଏ। ଫଳରେ ରୋଗୀ ମନରୁ ଭୟ କମିଯାଏ। ଏହି ରୋଗ ଯଦିଓ କୌଣସି କାରଣରୁ ଜନ୍ମ ନେଇ ନଥାଏ ତଥାପି ଅନେକ କ୍ଷେତ୍ରରେ ପରିସ୍ଥିତିର ଅନୁଭୂତି ହିଁ ତାର ଭୟର କାରଣ ହୋଇଥାଏ। ଏହାକୁ ରୋଗ ବୋଲି ଭାବି ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଚିକିତ୍ସା କଲେ ଏହି ରୋଗରୁ ଉପଶମ ମିଳିଥାଏ।


**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ**
**ମୋବାଇଲ୍: ୯୧୩୨୪୩୩୩୩୩**


# ଭଜନ ପାଇଁ ଭୋଜନ



**ଡ଼ ସୀତାକାନ୍ତ ତ୍ରିପାଠୀ**

ଆମେ ବଞ୍ଚି ରହିବା ପାଇଁ ଭୋଜନର ଆବଶ୍ୟକତା ରହିଛି। ତିଥି, ବାର, ନକ୍ଷତ୍ର ତଥା ଓଷା-ବ୍ରତ ଆଦିକୁ ମାନି ଆମେ କେତେବେଳେ ଜଳାହାର ଓ ଫଳାହାର କରୁଥିବା ବେଳେ ଆଉ କେତେବେଳେ ସମ୍ପୂର୍ଣ୍ଣ ଉପବାସ ରହି ଦିନ ବିତାଇଥାଉ ଯାହା ପ୍ରାୟତଃ ସାମୟିକ। ଅନ୍ୟ ସମୟ ମାନଙ୍କରେ ଆମେ କେତେବେଳେ ବ୍ୟକ୍ତିଗତ ଭାବେ ଭୋଜନ କରୁଥିବା ବେଳେ ଆଉ କେତେବେଳେ ପରିବାରରେ କିମ୍ବା ପଙ୍କ୍ତି ଭୋଜନରେ ଯୋଗ ଦେଇ କେବଳ ନିଜର ଭୋକ ମେଣ୍ଟାଇ ନଥାଉ ବରଂ ସାମାଜିକ ସମ୍ପର୍କକୁ ମଜଭୁତ କରିବା ପାଇଁ ପ୍ରୟାସ କରିଥାଉ। ତା'ରି ଭିତରେ ରୋଷେଇର ମାନ, ନିମନ୍ତ୍ରଣ କରିଥିବା ଲୋକର ସାମାଜିକ ସ୍ଥିତି ସର୍ବୋପରି ଖାଦ୍ୟର ସ୍ୱାଦକୁ ନେଇ ଚର୍ଚ୍ଚା ମଧ ଚାଲେ। ଆହୁରି ଦୁଇପାଦ ଆଗକୁ ଯାଇ ଭୋଜନର ଗୁରୁତ୍ୱକୁ ଗୌଣ କରିଦେବାକୁ ଯାଇ କିଛି ଲୋକ କୁହନ୍ତି ଆରେ ଆମେ କ'ଣ ଖାଇବା ପାଇଁ ବଞ୍ଚିଛନ୍ତି? ବରଂ ଆମେ ବଞ୍ଚିବା ପାଇଁ ଖାଇବା ଦରକାର। ଆଉ ଏହାକୁ ଅଧିକ ସରଳ ତରଳ କରି ବୁଝାଇବା ପାଇଁ ସେମାନେ ଭାଗବତର ଦିବ୍ୟବାଣୀ 'କାହିଁ ମୋ ଫଳମୂଳ ଗ୍ରାସ, କାହିଁ ନ ମିଳେ ଉପବାସ'କୁ ଉଦ୍ଧୃତ କରି ନିଜର ବାହାଦୁରି ଦେଖାଇ ଥାଆନ୍ତି। ସତେ ଯେପରି ଭୋଜନରେ କୌଣସି ଗୁରୁତ୍ୱ ନାହିଁ। ଯଦି ଆମେ ଜ୍ୟୋତିଷ ଶାସ୍ତ୍ରକୁ ଅନୁଧ୍ୟାନ କରିବା ତେବେ ବିଭିନ୍ନ ଦିନ, ତିଥି ତଥା ମାସ ମାନଙ୍କରେ ଅନେକ ଖାଦ୍ୟ ଖାଇବା ନିଷିଦ୍ଧ କରାଯାଇଛି ଯାହାକୁ ଅନେକ କାରଣରୁ ଅଦ୍ୟାବଧି ଆମେ ସମସ୍ତେ ମାନିବାରେ ସକ୍ଷମ ହୋଇ ପାରି ନାହାଁନ୍ତି। ଅନେକ ଲୋକ ନିଜେ କିମ୍ବା ନିଜ ପରିବାରକୁ ସୁସ୍ୱାଦୁ ଭୋଜନ କରାଇ ଆନନ୍ଦ ପାଉଥିବାବେଳେ ଅନ୍ୟ କିଛି ଲୋକ ଦୁଃଖୀ, ଦରିଦ୍ର କିମ୍ବା ପଙ୍ଗତ ଭୋଜନ କରାଇ ଖୁସି ହୋଇଥାଆନ୍ତି। ତା'ଛଡ଼ା ଧାର୍ମିକ ଓ ସାମାଜିକ ଦୃଷ୍ଟି କୋଣରୁ ଭୋଜନ କରିବା ଏବଂ କରାଇବା ଏକ ଭିନ୍ନ ପ୍ରସଙ୍ଗ ହୋଇପାରେ।ଆମ ଜୀବନରେ ଭୋଜନର ପ୍ରାସଙ୍ଗିକତା, ଗୁରୁତ୍ୱ ତଥା ପ୍ରକାରଭେଦକୁ ନେଇ ଗୀତାରେ ଖାଦ୍ୟକୁ ସାତ୍ତ୍ୱିକ, ରାଜସିକ ଓ ତାମସିକ ଆଦି ତିନି ଭାଗରେ ବିଭକ୍ତ କରାଯାଇଛି। ଯାହାକୁ ନେଇ ସମୟକ୍ରମେ ଅନେକ ତର୍କ, ବିତର୍କ ଚାଲିଛି। କିଏ କହେ ଖାଦ୍ୟକୁ ନେଇ ମନ ପ୍ରଭାବିତ ହୋଇଥାଏ ତ ଆଉ କିଏ କହେ ମନ ହିଁ ବିଭିନ୍ନ ଖାଦ୍ୟ ପଦାର୍ଥ ପ୍ରତି ଆସକ୍ତ ହୋଇଥାଏ। କିଛି ଲୋକ ଭୋଜନ ପୂର୍ବରୁ ଭଗବାନଙ୍କୁ



ସ୍ମରଣ କରି ଖାଦ୍ୟକୁ ଭଗବାନଙ୍କର ପ୍ରସାଦ ରୂପେ ଗ୍ରହଣ କରୁଥିବା ବେଳେ ଆଉ କିଛି କୁହନ୍ତି ସୃଷ୍ଟିର ସମସ୍ତ ଜିନିଷ ଯଦି ଭଗବାନଙ୍କର ପ୍ରସାଦ ତେବେ ସେମାନେ ପୁଣି ଥରେ ତାଙ୍କୁ କାହିଁକି ପ୍ରସାଦ ଅର୍ପଣ କରିବେ। ବିଭିନ୍ନ ପୂଜା ତଥା ଲକ୍ଷ୍ୟ ହାସଲ କରିବା ଆଳରେ କିଛି ଲୋକ ବଳୀ ପ୍ରଥାକୁ ପ୍ରାଧାନ୍ୟ ଦେଇ ଆମିଷ ଭୋଜନକୁ ମଧ ଅଗ୍ରାଧିକାର ଦେଇ ଥାଆନ୍ତି। ସେମାନଙ୍କ ମତରେ ମନ୍ତ୍ର, ତନ୍ତ୍ର ଓ ଯନ୍ତ୍ର ଯୁଗରେ ମନୁଷ୍ୟ ସମାଜର ଖାଦ୍ୟ ରୁଚି ଅଲଗା ଅଲଗା ହୋଇଥାଏ।

ବର୍ତ୍ତମାନର ଉଦାରବାଦୀ ଚିନ୍ତାଧାରା ଓ 'ବସୁଧୈବ କୁଟୁମ୍ବକମ' ଦର୍ଶନର ବଶବର୍ତ୍ତୀ ହୋଇ ଆମେ ଓ ଆମ ସମାଜ ଅନେକ ବିଦେଶୀ ଖାଦ୍ୟକୁ ଆମ ମାନଙ୍କର ଭୋଜନ ତାଲିକାରେ ସ୍ଥାନିତ କରୁଥିବା ବେଳେ ଏବେ ଅନେକ ଦେଶୀ ଖାଦ୍ୟ ନିଶ୍ଚିହ୍ନ ହେବାକୁ ବସିଲାଣି। ଅପର ପକ୍ଷରେ ଅନେକ ଦେଶୀ ଖାଦ୍ୟ ମଧ ବିଦେଶରେ ଆଦୃତ ହେଲାଣି। ଗାଁ ଗଣ୍ଡାରେ ଆୟୋଜନ କରାଯାଉଥିବା ବିଭିନ୍ନ ସମୁହ ଭୋଜନ ପୂର୍ବରୁ ଯେଉଁ ଭଜନ ଗାଇବା କିମ୍ବା ମନ୍ତ୍ର ଉଚ୍ଚାରଣର ପରମ୍ପରା ଥିଲା ତାହା ସମୟକ୍ରମେ ବଦଳି ଗଲାଣି। ସାର୍ବଜନୀନ ଭଜନ କାର୍ଯ୍ୟକ୍ରମ ମାଧମରେ ଲୋକମାନଙ୍କୁ ଏକତ୍ରିତ କରି ସେମାନଙ୍କ ମଧରେ ଅନ୍ତତଃ କିଛି ସମୟ ପାଇଁ ଆଧାତ୍ମିକ ଚେତନା ଜାଗ୍ରତ କରିବା ପରେ ଯେଉଁ ଭୋଜନର ବ୍ୟବସ୍ଥା ହେଉଥିଲା ତାହା ବର୍ତ୍ତମାନ ବଦଳି ଯାଇ ଡି.ଜେ. କିମ୍ବା ମେଲୋଡ଼ିକୁ ରୂପାନ୍ତରିତ ହେଲାଣି। ଗାଁ ମାନଙ୍କରେ ବିଭିନ୍ନ ପୂଜା ପାର୍ବଣ ସମୟରେ ଯେଉଁ ପ୍ରସାଦ ବାଣ୍ଟିବାର ପରମ୍ପରା ଥିଲା ତାହା ବର୍ତ୍ତମାନ ପ୍ରତିଯୋଗିତା ପୂର୍ଣ୍ଣ ପରିସ୍ଥିତିକୁ ଆସିବା ପରି ମନେ ହୁଏ। ଠାକୁର କିମ୍ବା ଠାକୁରାଣୀଙ୍କୁ ଲାଗୁଥିବା ପ୍ରସାଦ ବ୍ୟତୀତ ସମୁହ ଭୋଜନରେ ଆଉ କେଉଁ କେଉଁ ତରକାରୀ କିମ୍ବା ଖାଦ୍ୟ ଦିଆଯାଇ ପାରିବ ତା'ର ଚିଠା ପ୍ରସ୍ତୁତ କରାଯାଉଥିବାର ଦେଖାଯାଉଛି। ଯାହା ଫଳରେ ଭଜନକୁ କେନ୍ଦ୍ର କରି ଆୟୋଜିତ ହେଉଥିବା ଭୋଜନ ବ୍ୟବସ୍ଥା ବର୍ତ୍ତମାନ ବଦଳି ଯାଇ ସମୁହ ଭୋଜନ ଜରିଆରେ ନାଁ କମେଇବା କିମ୍ବା ନିଜ ନିଜର ସମର୍ଥକ ଯୋଗାଡ଼ କରିବା ପାଇଁ ଭଜନର ବ୍ୟବସ୍ଥା ହେଉଛି ଯାହା ଆଧାତ୍ମିକ ଚିନ୍ତା ଓ ଚେତନାର ପରିପନ୍ଥୀ।


**ଭଦ୍ରକ, ମୋବାଇଲ୍: ୯୭୭୮୭୬୪୩୯୪**

## ପ୍ରକାଶ ପାଇଲା ଜେଇଇ ମେନ୍ ରେଜଲ୍ଟ

**ନୂଆଦିଲ୍ଲୀ, ୧୧।୨:** ଆଜି ଜେଇଇ ମେନ୍-୨୦୨୫ ସେସନ୍-୧ର ଫଳାଫଳ ପ୍ରକାଶ ପାଇଛି। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ପକ୍ଷରୁ ଏହି ଫଳାଫଳ ଘୋଷଣା କରାଯାଇଥିବା ବେଳେ ଚଳିତ ବର୍ଷ ୧୪ ଜଣ ଛାତ୍ରଛାତ୍ରୀ ଜେଇଇ ମେନ୍ ସେସନ୍-୧ରେ ପୂର୍ଣ୍ଣ ୧୦୦ ଏନଟିଏ ସ୍କୋର ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରେ ୧୩ ଜଣ ପୁଅ ରହିଥିବା ବେଳେ ଜଣେ ମାତ୍ର ଝିଅ ଅଛନ୍ତି। ତେବେ ରାଜସ୍ଥାନ ପାଞ୍ଚ ଜଣ ଟପ୍ପରଙ୍କ ସହ ତାଲିକାର ଶୀର୍ଷରେ ରହିଛି। ସେହିପରି ଟପ୍ପର ତାଲିକାରେ ଥିବା ଏକମାତ୍ର ଛାତ୍ରୀ ଜଣଙ୍କ ଆନ୍ଧ୍ର ପ୍ରଦେଶର ସାଇ ଏମ୍ ଗୁଡିକୋଣ୍ଡା ବୋଲି ଜଣାପଡ଼ିଛି। ଓବିସି କାଟାଗୋରିରେ ଦିଲ୍ଲୀର ଦକ୍ଷ ଟପ୍ପର ହୋଇଥିବା ବେଳେ ଏସ୍‌ସି କାଟାଗୋରିରେ ଉତ୍ତର ପ୍ରଦେଶର ଶ୍ରେୟସ୍ ଲୋହିଆ ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ଏହାଛଡ଼ା ଏସ୍‌ସି କାଟାଗୋରିରେ ରାଜସ୍ଥାନର ପାର୍ଥ ସେହରା ଓ ପିଡବ୍ଲ୍ୟୁବିଡି କାଟାଗୋରିରେ ଛତିଶଗଡ଼ର ହର୍ଷଲ୍ ଗୁପ୍ତା ଟପ୍ପର୍ ହୋଇଛନ୍ତି। ଅନ୍ୟପକ୍ଷରେ ପରୀକ୍ଷାରେ ଅନୈତିକ ଉପାୟ ଅବଲମ୍ବନ କରିଥିବାରୁ ୩୯ ଜଣ ଛାତ୍ରଛାତ୍ରୀଙ୍କ ଫଳାଫଳକୁ ସ୍ଥଗିତ ରଖାଯାଇଛି। ଗତ ବର୍ଷ ୧୨ ଲକ୍ଷ ୫୮ ହଜାର ଶିକ୍ଷାର୍ଥୀ ଜେଇଇ ମେନ୍ ସେସନ-୧ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଥିଲେ। ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀମାନେ ଅଫିସିଆଲ୍ ୱେବ୍‌ସାଇଟ୍‌ରେ ନିଜର ସ୍କୋର ଯାଞ୍ଚ କରିପାରିବେ ବୋଲି ଏନ୍‌ଟିଏ ପକ୍ଷରୁ କୁହାଯାଇଛି।

## କୂଅରେ ଖସିପଡ଼ିଲା କାର୍ ୩ ମୃତ

**ନାଗପୁର, ୧।୨:** ମହାରାଷ୍ଟ୍ରର ନାଗପୁର ଜିଲ୍ଲାରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ନାଗପୁର ଜିଲ୍ଲାର ବୁଟିବରି ପୁଲିସ୍ ଥାନା ଅନ୍ତର୍ଗତ ବାଲଭାରତୀ ପଡ଼ିଆ ପାଖରେ ଏକ କାର୍‌ଟି କୂଅ ଭିତରେ ପଡ଼ିଯିବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି। ଘଟଣା ସଂପର୍କରେ ଜାଣିବା ପରେ ହିଁ ସ୍ଥାନୀୟ ଲୋକ ତୁରନ୍ତ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ୍ ଆସି ଘଟଣା ତଦନ୍ତ କରି ଜାଣିବାକୁ ପାଇଛି ଯେ ସେମାନେ ଗାଡ଼ି ଶିଖିବା ଉଦ୍ଦେଶ୍ୟରେ ସେଠାରେ ଚଲାଉଥିଲେ। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ମୃତଶରୀରକୁ ଉଦ୍ଧାର କରିଛି। ବୁଟିବରି ପୁଲିସ୍ ଥାନାର ଇନ୍‌ସ୍ପେକ୍ଟର ପ୍ରତାପ ଭୋସ୍‌ଲେ କହିଛନ୍ତି କି ଏହି ଘଟଣା ସୋମବାର ବିଳମ୍ବିତ ରାତିରେ ଘଟିଛି। ଗୋଟାଏ କାର୍‌ରେ ୩ ଜଣ ଯୁବକ ଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଯୁବକ କାର୍ ଶିଖୁଥିଲେ। ଅଚାନକ କାର୍ ଗତି ବୃଦ୍ଧି ପାଇଥିଲା ଓ କାର୍‌ଟି ପଡ଼ିଆ ପାଖରେ ଥିବା ଏକ କୂଅ ଭିତରେ ପଡ଼ିଯାଇଥିଲା। ଘଟଣା ସଂପର୍କରେ ଖବର ମିଳିବା ପରେ ହିଁ ପୁଲିସ୍ ଯାଇ ସେଠାରେ ପହଞ୍ଚିଥିଲା। ଯାହା ପରେ କାର୍ ଓ ୩ ଯୁବକଙ୍କ ମୃତଦେହକୁ ବାହାରକୁ ବାହାର କରାଯାଇଛି। ଏହା ସହ ସେମାନଙ୍କ ମୃତ ଶରୀରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ଜମ୍ମୁରେ ବିସ୍ଫୋରଣ, ୨ ଯବାନ ସହିଦ

**ଶ୍ରୀନଗର, ୧୧।୨:** ଜମ୍ମୁର ଅଖନୁର ସେକ୍ଟରରେ ଫରୱାର୍ଡ ପୋଷ୍ଟରେ ଆଇଇଡି ବିସ୍ଫୋରଣ ହେବା ଯୋଗୁଁ ଦୁଇ ସେନା ଯବାନ ସହିଦ ହୋଇଛନ୍ତି। ଯବାନ ପାଟ୍ରୋଲିଂ କରୁଥିବା ସମୟରେ ଆଇଇଡି ବିସ୍ଫୋରଣ ହୋଇଥିଲା। ଆତଙ୍କୀଙ୍କ ଦ୍ୱାରା ଆଇଡି ଖଞ୍ଜା ଯାଇଥିବା ଅନୁମାନ କରାଯାଉଛି। ସେନା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଏବେ ସର୍ଚ୍ଚ ଅପେରସନ ଜାରି ରହିଛି। ଖବର ମୁତାବକ, ବିସ୍ଫୋରଣ ୩.୫୦ରେ ହୋଇଛି। ସେନାର ଏକ ଦଳ ନିତିଦିନିଆ ପାଟ୍ରୋଲିଂ କରୁଥିବା ସମୟରେ ସୀମା ନିକଟରେ ବିସ୍ଫୋରଣ ହୋଇଥିଲା। ଏହି ଘଟଣାରେ ଜଣେ ଅଧିକାରୀଙ୍କ ସହିତ ୩ ଯବାନ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଆଇଇଡିକୁ ଆତଙ୍କୀ ଲଗାଇଥିବା ଅନୁମାନ କରାଯାଉଛି। ଆହତ ସୈନିକଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ପାକିସ୍ତାନୀ ଅନୁପ୍ରବେଶକାରୀମାନେ କୁଖ୍ୟାତ ବର୍ଡର ଆକ୍ସନ ଟିମ୍ ସହାୟତାରେ ଭାରତୀୟ ସୈନିକଙ୍କ ଉପରେ ଆକ୍ରମଣ କରିବାକୁ ଚାହୁଁଥିଲେ। ଭାରତୀୟ ସେନା ଫେବୃୟାରୀ ୪ ତାରିଖ ରାତିରେ ନିୟନ୍ତ୍ରଣ ରେଖା ପାଖରେ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କ ଆକ୍ରମଣକୁ ପଣ୍ଡ କରିଥିଲା। ଏହି ସମୟରେ ୭ ଜଣ ପାକିସ୍ତାନୀ ନିହତ ହୋଇଥିଲେ। ଭାରତୀୟ ସୈନିକମାନେ ନିୟନ୍ତ୍ରଣ ରେଖା ପାଖରେ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ଦେଖିବା ମାତ୍ରେ ଗୁଳି ଚଳାଇଥିଲେ। ନିହତ ଆତଙ୍କବାଦୀଙ୍କ ମଧ୍ୟରେ ଅଲ୍ ବଦର୍ ସଙ୍ଗଠନର ଆତଙ୍କବାଦୀମାନେ ମଧ୍ୟ ଅଛନ୍ତି।

## ଦିଲ୍ଲୀରେ 'ପଞ୍ଜାବ' ବୈଠକ ପଞ୍ଜାବର ମୁଖ୍ୟମନ୍ତ୍ରୀ ହୋଇପାରନ୍ତି କେଜ୍ରିୱାଲ୍

**ନୂଆଦିଲ୍ଲୀ, ୧୧।୨:** ବଦଳିପାରନ୍ତି ପଞ୍ଜାବ ମୁଖ୍ୟମନ୍ତ୍ରୀ। ଭଗୱନ୍ତ ମାନଙ୍କ ଜାଗାରେ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ। ଦିଲ୍ଲୀ ବାଜି ହାରିବା ପରେ ଏବେ ସିଏମ ସ୍ୱପ୍ନ ପୂରା କରିବାକୁ ଦିଲ୍ଲୀରୁ ପଞ୍ଜାବକୁ ଡେଇଁବାକୁ ପ୍ରସ୍ତୁତ ହେଉଛନ୍ତି ଅରବିନ୍ଦ କେଜ୍ରିୱାଲ୍ ଆଉ ଏଥିପାଇଁ ବି କସରତ ଆରମ୍ଭ କରିଦେଇଛନ୍ତି। ଏଭଳି ସାଙ୍ଘାତିକ ଅଭିଯୋଗ ଆଣିଛି ପଞ୍ଜାବ ବିଜେପି। କେଜ୍ରିୱାଲ୍ ପଞ୍ଜାବ ମୁଖ୍ୟମନ୍ତ୍ରୀ ହେବା ନେଇ ଷଡଯନ୍ତ୍ର କରୁଥିବା ବିଜେପିର ଚର୍ଚ୍ଚାକୁ ଅଧିକ ଫର୍ଚ୍ଚା କରିଛି ଦିଲ୍ଲୀରେ ବସିଥିବା ଆପ୍ ର ବୈଠକ। କେଜ୍ରିୱାଲ୍ ପଞ୍ଜାବର ମୁଖ୍ୟମନ୍ତ୍ରୀଙ୍କ ସମେତ ବରିଷ୍ଠ ନେତା, ମନ୍ତ୍ରୀ, ବିଧାୟକ ଓ ସାଂସଦଙ୍କୁ ଡାକିଛନ୍ତି ଏବଂ ଆଲୋଚନା କରୁଛନ୍ତି। ଦିଲ୍ଲୀ ପରାଜୟର କାରଣ ଖୋଜିବାକୁ ଏହି ବୈଠକ ହେଉଥିବା ଆପ୍ ପକ୍ଷରୁ କୁହାଯାଇଥିବା ବେଳେ ବିରୋଧୀ କିନ୍ତୁ ଏହାକୁ ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି। ପଞ୍ଜାବରେ ମାନଙ୍କୁ ହଟାଇ ନିଜେ କେଜ୍ରିୱାଲ୍ ମୁଖିଆ ହେବାକୁ ମସୁଧା କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି। ତେବେ ବିଜେପି ନେତା ମନଜିନ୍ଦର ସିଂହ ଶୀର୍ଷା କହିଛନ୍ତି, ଦିଲ୍ଲୀରେ ଧରାଶାୟୀ ହେବା ପରେ କେଜ୍ରିୱାଲ୍ ଏବେ ପଞ୍ଜାବକୁ ଧ୍ୱଂସ କରିବାକୁ ଆସୁଛନ୍ତି ଆଉ ସେ ଭଗୱନ୍ତ ମାନଙ୍କୁ ହଟାଇ ନିଜେ ମୁଖ୍ୟମନ୍ତ୍ରୀ ହେବାକୁ ଚେଷ୍ଟା କରୁଛନ୍ତି। ପଞ୍ଜାବରେ ନିଶା କାରବାରରେ ରୋକ୍ ନଲାଗିବା, ଆଇନ ଶୃଙ୍ଖଳା ବିଗିଡିବା ଏବଂ ମହିଳାଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିପାରିନଥିବା ଭଳି ଅନେକ ଅଭିଯୋଗ ଆଣି କେଜ୍ରିୱାଲ୍ ଭବୱନ୍ତଙ୍କୁ ଅସମର୍ଥ କହି ତାଙ୍କ ଠାରୁ ଚୌକି ଛଡାଇପାରନ୍ତି। ଆଉ ନିଜେ ମୁଖ୍ୟମନ୍ତ୍ରୀ ହେଇପାରନ୍ତି। କିନ୍ତୁ କେଜ୍ରିୱାଲ୍ ମନେରଖିବା ଦରକାର ଦିଲ୍ଲୀରେ ଲୋକେ ଯେମିତି ଜବାବ ଦେଲେ ପଞ୍ଜାବବାସୀ ବି ତାଙ୍କୁ ସେମିତି ଜବାବ ଦେବେ। ପଞ୍ଜାବର ମୁଖ୍ୟମନ୍ତ୍ରୀ ହେବା ନେଇ କେଜ୍ରିୱାଲ୍ ଦେଖୁଥିବା ଦିବାସ୍ୱପ୍ନ ବନ୍ଦ କରନ୍ତୁ ବୋଲି କଟାକ୍ଷ କରିଛନ୍ତି ବିଜେପି ନେତା। ତେବେ ସେପଟେ ଆଜି ଦିଲ୍ଲୀରେ ପଞ୍ଜାବ ଆପକୁ ନେଇ ବୈଠକ ଜାରି ରହିଛି। ୨୦୨୭ରେ ପଞ୍ଜାବରେ ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ ସେଠି ଯେମିତି ଦିଲ୍ଲୀ ପରିସ୍ଥିତି ନହୁଏ ତେଣୁ ଆଗୁଆ ଅଣ୍ଟା ଭିଡିଛି ଆପ୍। ଦଳ ଭିତରେ ଥିବା ଅନ୍ତ କନ୍ଦଳ ଏବଂ ବିଧାୟକଙ୍କ ମନୋମାଳିନ୍ୟ ଯଦି ଥାଏ ଅବା ଯଦି କେଉଁ ବିଧାୟକ ସାଂସଦ ଅନ୍ୟ ଦଳର ସମ୍ପର୍କରେ ଥାଆନ୍ତି ସେମାନଙ୍କୁ କେମିତି ବୁଝାଇ ସୁଝାଇ ରଖାଯିବ ସେନେଇ କେଜ୍ରିୱାଲ ବୈଠକ ଡାକି ଚର୍ଚ୍ଚା କରୁଥିବା ସୂଚନା ରହିଛି। ଏହି ବୈଠକକୁ ରାଜନୀତିର ରୁଟି ସେକି ବିରୋଧୀ ଭିନ୍ନ ଭିନ୍ନ ମତ ଦେଉଥିବା ଆପ୍ ପକ୍ଷରୁ କୁହାଯାଇଛି।

### ନିର୍ବାଚନ କମିସନଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ଇଭିଏମ୍ ତଥ୍ୟ ଡିଲିଟ୍ କରନାହିଁ

**ନୂଆଦିଲ୍ଲୀ, ୧୧।୨:** ଇଭିଏମ୍ ଯାଞ୍ଚ ସଂକ୍ରାନ୍ତ ଏକ ପିଟିସନ୍ ଉପରେ ଜବାବ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ କହିଛନ୍ତି। ଏହା ସହିତ ନିକଟରେ ହୋଇଥିବା ନିର୍ବାଚନ ସଂପର୍କିତ ତଥ୍ୟ ଇଭିଏମରୁ ନ ଲିଭାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ।



ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର) ପକ୍ଷରୁ ଦାଖଲ କରାଯାଇଥିବା ଆବେଦନରେ ଦାବି କରାଯାଇଛି ଯେ ଇଭିଏମର ବର୍ନଟ୍ ମେମୋରି ଯାଞ୍ଚ ପାଇଁ ଏକ ସ୍ପଷ୍ଟ ପ୍ରୋଟୋକଲ୍ ପ୍ରସ୍ତୁତ କରିବାକୁ ସୁପ୍ରିମ୍ କୋର୍ଟ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ। ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ମାର୍ଚ୍ଚ ପ୍ରଥମ ସପ୍ତାହରେ ଏହାର ଶୁଣାଣି ହେବ। ଅଦାଲତ ଏହା ମଧ କହିଛନ୍ତି ଯେ ନିର୍ବାଚନ ଆୟୋଗ ନିକଟରେ ନିର୍ବାଚନ ହୋଇଥିବା ସ୍ଥାନରୁ ଇଭିଏମର ଡାଟା ଡିଲିଟ୍ କରନ୍ତୁ ନାହିଁ କିମ୍ବା ସେଥିରେ ନୂତନ ଡାଟା ଲୋଡ୍ କରନ୍ତୁ ନାହିଁ। ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ମାର୍ଚ୍ଚ ପ୍ରଥମ ସପ୍ତାହରେ ଏହାର ଶୁଣାଣି ହେବ। ଅଦାଲତ ଏହା ମଧ କହିଛନ୍ତି ଯେ ନିର୍ବାଚନ ଆୟୋଗ ନିକଟରେ ନିର୍ବାଚନ ହୋଇଥିବା ସ୍ଥାନରୁ ଇଭିଏମର ଡାଟା ଡିଲିଟ୍ କରନ୍ତୁ ନାହିଁ କିମ୍ବା ସେଥିରେ ନୂତନ ଡାଟା ଲୋଡ୍ କରନ୍ତୁ ନାହିଁ।

ଗତବର୍ଷ ସୁପ୍ରିମ୍ କୋର୍ଟ ଦେଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ଏହି ପିଟିସନରେ ଦର୍ଶାଯାଇଥିଲା। ଏହି ରାୟରେ ସୁପ୍ରିମକୋର୍ଟ ବ୍ୟାଲଟ୍ ପେପର ମାଧ୍ୟମରେ ନିର୍ବାଚନର ପୁରୁଣା ବ୍ୟବସ୍ଥାକୁ ପୁନରୁଦ୍ଧାର କରିବାକୁ ମନା କରିଦେଇଥିଲେ। ଏହାବ୍ୟତୀତ ସମସ୍ତ ଭିଭିପିଏଟି ସ୍ଲିପ୍ ଗଣନା ଦାବିକୁ ମଧ ଖଣ୍ଡପୀଠ ପ୍ରତ୍ୟାଖ୍ୟାନ କରିଥିଲେ। ତେବେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଏକ ସପ୍ତାହ ମଧ୍ୟରେ ଉନ୍ନତ ସ୍ୱଚ୍ଛତା ପାଇଁ ଇଭିଏମର ଜଳିଯାଇଥିବା ସ୍ମୃତିଯାଞ୍ଚ କରିବାକୁ କୋର୍ଟ ଅନୁମତି ଦେଇଥିଲେ।

ମାର୍ଚ୍ଚ ୨୬, ୨୦୨୪ରେ ଦିଆଯାଇଥିବା ଏହି ରାୟରେ ସୁପ୍ରିମ୍ କୋର୍ଟ କହିଥିଲେ ଯେ ଫଳାଫଳ ପ୍ରକାଶ ପାଇବାର ଏକ ସପ୍ତାହ ମଧ୍ୟରେ ଦ୍ୱିତୀୟ କିମ୍ବା ତୃତୀୟ ସ୍ଥାନରେ ଥିବା ପ୍ରାର୍ଥୀ ପୁନଃ ଯାଞ୍ଚ ପାଇଁ ଅନୁରୋଧ କରିପାରିବେ। ଏଭଳି ସ୍ଥିତିରେ ଇଞ୍ଜିନିୟରଙ୍କ ଏକ ଟିମ୍ ଯେକୌଣସି ୫ ମାଇକ୍ରୋକଣ୍ଟ୍ରୋଲରଙ୍କ ବର୍ନଟ୍ ମେମୋରୀ ଯାଞ୍ଚ କରିବେ। ଏହି ପରୀକ୍ଷାର ଖର୍ଚ୍ଚ ପ୍ରାର୍ଥୀଙ୍କୁ ବହନ କରିବାକୁ ପଡିବ । ଯଦି କୌଣସି ତ୍ରୁଟି ପ୍ରମାଣିତ ହୁଏ, ତେବେ ପ୍ରାର୍ଥୀଙ୍କୁ ଟଙ୍କା ଫେରସ୍ତ ମିଳିବ।

# ଚାରି ପିଢ଼ି ସହ ମହାକୁମ୍ଭରେ ବୁଡ଼ ପକାଇଲେ ଅମ୍ବାନୀ ପରିବାର

**ପ୍ରୟାଗରାଜ, ୧୧।୨:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ନିଜ ପରିବାରର ଚାରି ପିଢ଼ିଙ୍କ ସହ କୁମ୍ଭ ନଗରୀରେ ପହଞ୍ଚି ମହାକୁମ୍ଭରେ ସ୍ନାନ କରିଛନ୍ତି। ମା କୋକିଲା ବେନ୍, ଦୁଇ ପୁଅ ଆକାଶ ଓ ଅନନ୍ତ, ଦୁଇ ବୋହୂ ଶ୍ଲୋକା ଓ ରାଧିକାଙ୍କ ସହିତ ମୁକେଶ ଅମ୍ବାନୀଙ୍କ ନାତି ନାତୁଣୀ ପୃଥ୍ୱୀ ଓ ବେଦା, ଭଉଣୀ ଦୀପ୍ତି ସାଲଗାଓଁକର ଓ ନୀନା କୋଠାରୀ ମଧ ପ୍ରୟାଗରାଜରେ ପହଞ୍ଚି ମହାକୁମ୍ଭରେ ଏକାଠି ବୁଡ଼ ପକାଇଥିଲେ। ସଙ୍ଗମରେ ବୁଡ଼ ପକାଇବା ପରେ ଅମ୍ବାନୀ ପରିବାର ନିରଞ୍ଜନୀ ଆଖଡ଼ାର ପୀଠାଧୀଶ୍ୱର ଆଚାର୍ଯ୍ୟ ମହାମଣ୍ଡଳେଶ୍ୱର ସ୍ୱାମୀ କୈଳାଶାନନ୍ଦଗିରି ଜୀ ମହାରାଜଙ୍କ ଉପସ୍ଥିତିରେ ମା ଗଙ୍ଗାଙ୍କ ପୂଜା ପୂଜାର୍ଚ୍ଚନା କରିଥିଲେ।

ତ୍ରିବେଣୀରେ ସ୍ନାନ କରିବା ପରେ ଅମ୍ବାନୀ ପରିବାର ମହାକୁମ୍ଭରେ ନିର୍ମିତ ପରମାର୍ଥ ନିକେତନ ଆଶ୍ରମରେ ପହଞ୍ଚି ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କୁ ଭେଟିବା ସହିତ ପରିବାର ପକ୍ଷରୁ ଆଶ୍ରମରେ ସଫେଇ କର୍ମୀ, ନୌକା ଚାଳକ ଏବଂ ତୀର୍ଥଯାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପରିବାର ସଦସ୍ୟଗଣ ମଧ ତୀର୍ଥଯାତ୍ରୀଙ୍କୁ ଖାଦ୍ୟ ପରିବେଷଣ କରୁଥିବା ଦେଖିବାକୁ ମିଳିଥିଲା। ଅମ୍ବାନୀ ପରିବାର ପକ୍ଷରୁ ନୌକା ଚାଳକମାନଙ୍କୁ ସେମାନଙ୍କ ନିଜର ତଥା ତୀର୍ଥଯାତ୍ରୀଙ୍କ ସୁରକ୍ଷା ପାଇଁ ଲାଇଫ୍ ଜ୍ୟାକେଟ୍ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଏହାର ତୀର୍ଥଯାତ୍ରୀ ସେବା କାର୍ଯ୍ୟକ୍ରମ ଅଧୀନରେ ପରମାର୍ଥ ନିକେତନ ଆଶ୍ରମ, ଶାରଦା ପୀଠ ମଠ ଟ୍ରଷ୍ଟ ଦ୍ୱାରକା, ଶ୍ରୀ ଶଙ୍କରାଚାର୍ଯ୍ୟ ଉତ୍ସବ ସେବାଳୟ ଫାଉଣ୍ଡେସନ, ନିରଞ୍ଜନୀ ଆଖଡ଼ା ଏବଂ ପ୍ରଭୁ ପ୍ରେମୀ ସଂଘ ଚାରିଟେବୁଲ ଟ୍ରଷ୍ଟ ସମେତ ପ୍ରସିଦ୍ଧ ଆଧାତ୍ମିକ ସଂଗଠନଗୁଡ଼ିକ ସହିତ ମିଳିତ ଭାବରେ ମହାକୁମ୍ଭରେ ଅନ୍ନ ସେବା କରାଯାଉଛି। 'ତୀର୍ଥଯାତ୍ରୀ ସେବା' ମାଧ୍ୟମରେ ରିଲାଏନ୍ସ ଯାତ୍ରାକୁ ସୁରକ୍ଷିତ, ଆରାମଦାୟକ ଏବଂ ଆଧାତ୍ମିକ ଭାବରେ ସମୃଦ୍ଧ କରିବାକୁ ପ୍ରୟାସ କରୁଛି। ପୁଷ୍ଟିକର ଭୋଜନ, ଆବଶ୍ୟକ ସ୍ୱାସ୍ଥ୍ୟସେବା, ସୁରକ୍ଷିତ ପରିବହନ ଏବଂ ଯୋଗାଯୋଗ ସଂଯୋଗ ପରି ଅନେକ ସେବା ତୀର୍ଥଯାତ୍ରୀଙ୍କୁ ରିଲାଏନ୍ସ ପକ୍ଷରୁ ପ୍ରଦାନ କରାଯାଉଛି। ରିଲାଏନ୍ସ ଫାଉଣ୍ଡେସନ୍ ପକ୍ଷରୁ ସ୍ୱାସ୍ଥ୍ୟସେବାରେ ପୁରୁଷ ଏବଂ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ, ଓପିଡି ଏବଂ ଦନ୍ତଚିକିତ୍ସା ସେବା ଭଳି ସୁବିଧା ଦିନ ରାତି ଦିନ ରାତି ୨୪ ଘଣ୍ଟା ଉପଲବ୍ଧ କରାଯାଇଛି। ଏହା ବ୍ୟତୀତ ଯାତ୍ରାକୁ ସହଜ, ସୁଗମ ଏବଂ ନିରାପଦ କରିବା ପାଇଁ ଆହୁରି ଅନେକ ଉଦ୍ୟମ ମଧ କରାଯାଉଛି।



## କେଜ୍ରିୱାଲ ଆଉ କେବେ ନିର୍ବାଚନ ଜିତିପାରିବେ ନାହିଁ: ବ୍ରଜଭୂଷଣ ଶରଣ ସିଂହ

**ନୂଆଦିଲ୍ଲୀ, ୧୧।୨:** ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆମ ଆଦମୀ ପାର୍ଟିର ଶୋଚନୀୟ ପରାଜୟ ହୋଇଛି। ଆମ ଆଦମୀ ପାର୍ଟିର ପରାଜୟ ପରେ ପୂର୍ବତନ ବିଜେପି ସାଂସଦ ବ୍ରଜଭୂଷଣ ଶରଣ ସିଂହ ଦାବି କରି କହିଛନ୍ତି ,' ପଞ୍ଜାବରେ ଆମ ଆଦମୀ ପାର୍ଟି (ଆପ୍) ସରକାର ଯେକୌଣସି ସମୟରେ ପତନ ହୋଇପାରେ। ଅରବିନ୍ଦ କେଜ୍ରିୱାଲ ଆଉ କେବେ ନିର୍ବାଚନ ଜିତିପାରିବେ ନାହିଁ।'

ସୋମବାର (୧୦ ଫେବୃଆରି) ଦିନ ଉତ୍ତରପ୍ରଦେଶର ନିପାନିଆରେ ପୂର୍ବତନ ବିଜେପି ବିଧାୟକ ଦଶରଥ ସିଂହଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ବ୍ରଜ ଭୂଷଣ ସିଂହ କହିଥିଲେ, 'ଆପଣମାନେ ଭାବିବେ ମୁଁ ବୋଧ ହୁଏ ଭବିଷ୍ୟବାରଣୀ କରୁଛି। କିନ୍ତୁ ମୁଁ ଭବିଷ୍ୟବାଣୀ କରେ ନାହିଁ, କିନ୍ତୁ ଆଜି ମୁଁ କହୁଛି ଯେ କେଜ୍ରିୱାଲ ଏବଂ ଆମ ଆଦମୀ ପାର୍ଟିର ଭବିଷ୍ୟତ ସଙ୍କଟରେ ଅଛି। ପଞ୍ଜାବରେ ଆପ ସରକାର ଯେକୌଣସି ସମୟରେ ପତନ ହୋଇପାରେ। କେଜ୍ରିୱାଲ ଆଉ କେବେ ନିର୍ବାଚନ ଜିତିପାରିବେ ନାହିଁ।' ବ୍ରଜଭୂଷଣ ଶରଣ ସିଂହ ଦୀର୍ଘ ସମୟ ଧରି ଭାରତୀୟ କୁସ୍ତି ମହାସଂଘର ସଭାପତି ଥିଲେ। ସେ ଛଅ ଥର ସାଂସଦ ମଧ ରହିସାରିଛନ୍ତି। ଲୋକସଭା ନିର୍ବାଚନ ଜିତିବା ପରେ ସେ ୧୯୯୧ ମସିହାରେ ପ୍ରଥମ ଥର ପାଇଁ ସାଂସଦ ହୋଇଥିଲେ। ଏହା ପରେ, ବ୍ରଜଭୂଷଣ ସିଂହ ୧୯୯୯, ୨୦୦୪, ୨୦୦୯, ୨୦୧୪ ଏବଂ ୨୦୧୯ ଲୋକସଭା ନିର୍ବାଚନରେ ମଧ ବିଜୟୀ ହୋଇଥିଲେ। ସେ ୨୦୧୧ ରୁ ୨୦୨୩ ପର୍ଯ୍ୟନ୍ତ କୁସ୍ତି ମହାସଂଘର ସଭାପତି ଥିଲେ। ୨୦୨୨ ମସିହାରେ ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ପରେ ତାଙ୍କୁ ଭାରତୀୟ କୁସ୍ତି ମହାସଂଘର ସଭାପତି ପଦ ହରାଇବାକୁ ପଡିଲା।

### ଆମେରିକାରେ ପୁଣି ବିମାନ ଦୁର୍ଘଟଣା

## ରନୱେରେ ଧକ୍କାହେଲା ୨ ବିମାନ, ଜଣେ ମୃତ

**ୱାଶିଂଟନ, ୧୧।୨:** ଆମେରିକାରେ ପୁଣି ଏକ ବିମାନ ଦୁର୍ଘଟଣାଗ୍ରସ୍ତ। ଏରିଜୋନା ସ୍କଟସଡେଲ ଏୟାରପୋର୍ଟରେ ଦୁଇଟି ଜେଟ ବିମାନ ପରସ୍ପର ସହିତ ଧକ୍କା ହୋଇଛି। ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ବିମାନ ବନ୍ଦରର ରନୱେକୁ ବନ୍ଦ କରିଦିଆଯାଇଛି। ତେବେ ଗତ ୧୨ ଦିନ ଭିତରେ ଏହା ଆମେରିକାରେ ଚତୁର୍ଥ ବିମାନ ଦୁର୍ଘଟଣା। ସ୍କଟସଡେଲ ଏୟାରପୋର୍ଟର ଜଣେ ଅଧିକାରୀଙ୍କ କହିବା ମୁତାବକ, ଏକ ମଧ୍ୟମ ଆକାରର ବିଜନେସ ଜେଟ ନିଜ ସ୍ଥାନରେ ଠିଆ ହୋଇଥିବା ବେଳେ ଅନ୍ୟ ଏକ ବିଜନେସ ଜେଟ ଧକ୍କା ଦେଇଥିଲା। ପାର୍କ ହୋଇଥିବା ଏକ ଜେଟକୁ ଗଲ୍ଫଷ୍ଟ୍ରିମ ୨୦୦ ଜେଟ ଧକ୍କା ଦେଇଥିଲା। ଜେଟର ପ୍ରାଇମେରୀ ଲାଣ୍ଡିଂ ଗିୟର ବନ୍ଦ ହୋଇଯାଇଥିଲା। ଫଳରେ ଦୁଇଟି ଜେଟ୍ ମଧ୍ୟରେ ଧକ୍କା ହୋଇଥିଲା। ଏହି ଜେଟଟି ଟେକ୍ସାସ ଆସିଥିଲା। ଏଥିରେ ୪ ଜଣ ଯାତ୍ରୀ ଥିଲେ। ସେହିପରି ପାର୍କ ହୋଇଥିବା ଜେଟରେ ଜଣେ ବ୍ୟକ୍ତି ରହିଥିଲେ। ଦୁର୍ଘଟଣା ପରେ ଅଗ୍ନିଶମ ଟିମ ତୁରନ୍ତ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ହସପିଟାଲରେ ଭର୍ତ୍ତି କରିଥିଲା। ତେବେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି।



ସୂଚନାଯୋଗ୍ୟ, ସିଆଟେଲ୍- ଟାକୋମା ଏୟାରପୋର୍ଟ ରନଓ୍ୱେରେ ୨ ବିମାନ ଧକ୍କା ହୋଇଥିଲା। ହେଲେ ବିମାନରେ ଥିବା ୧୪୨ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଜାପାନ ଏୟାର ଲାଇନ୍ସର ଜେଟ୍ ଓ ଡେଲ୍ଟା ଏୟାର ଲାଇନ୍ସ ମଧ୍ୟରେ ଧକ୍କା ହୋଇଥିଲା। ଦୁର୍ଘଟଣା ପାଇଁ କିଛି ସମୟ ବିମାନ ଉଡାଣକୁ ବାତିଲ କରାଯାଇଥିଲା। କିଛି ଦିନ ତଳେ ଆମେରିକାରେ ମଝି ଆକାଶରେ ଦୁଇ ବିମାନ ଧକ୍କା ହୋଇଥିଲା। ଆମେରିକାର ୱାଶିଂଟନ ଡିସି ନିକଟରେ ରେଗାନ ନ୍ୟାସନାଲ ଏୟାରପୋର୍ଟ ନିକଟରେ ଅବତରଣ ପୂର୍ବରୁ ବିମାନକୁ ଧକ୍କା ଦେଇଥିଲା ଆର୍ମି ହେଲିକପ୍ଟର। ଦୁର୍ଘଟଣା ପରେ ବିମାନଟି ପୋଟମାକ୍ ନଦୀକୁ ଖସିପଡିଥିଲା। ଏହି ଦୁର୍ଘଟଣାରେ ସମସ୍ତ ୬୭ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣା ହ୍ୱାଇଟ୍ ହାଉସ୍‌ରୁ ମାତ୍ର ୫ କିଲୋମିଟର ଦୂରତ୍ୱରେ ହୋଇଥିଲା।

## ୪୧ ବର୍ଷ ପୁରୁଣା ମାମଲାରେ ପୁଲିସ ଅଧିକାରୀଙ୍କୁ ଜେଲ

**ନୂଆଦିଲ୍ଲୀ, ୧୧।୨:** ଗୁଜୁରାଟର ଏକ କୋର୍ଟ ଅବସରପ୍ରାପ୍ତ ଆଇପିଏସ ଅଧିକାରୀ କୁଲଦୀପ ଶର୍ମାଙ୍କୁ ୪୧ ବର୍ଷ ପୁରୁଣା ମାମଲାରେ ତିନି ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ଭୁଜର ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବିଏମ୍ ପ୍ରଜାପତି ପୂର୍ବତନ ପୁଲିସ ଇନ୍ସପେକ୍ଟର ଜିଏଚ୍ ଭାସଭଡାଙ୍କୁ ମଧ ତିନି ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। କୋର୍ଟ ଶର୍ମା ଏବଂ ଭାସଭଡାଙ୍କ ଉପରେ ୧,୦୦୦ ଟଙ୍କା ଲେଖାଏଁ ଜରିମାନା ମଧ ଲାଗୁ କରିଛନ୍ତି। ୧୯୮୪ ମସିହାରେ କଂଗ୍ରେସ ନେତା ଅବଦୁଲ ହାଜି ଇବ୍ରାହିମ (ବର୍ତ୍ତମାନ ମୃତ)ଙ୍କୁ ଆଇପିଏସ ଅଧିକାରୀ କୁଲଦୀପ ଶର୍ମା ତାଙ୍କ କାର୍ଯ୍ୟାଳୟରେ ବିନା ଦୋଷରେ ବନ୍ଦୀ କରି ରଖିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଭାରତୀୟ ଦଣ୍ଡ ସଂହିତାର ଧାରା ୩୪୨ ଅନୁଯାୟୀ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଶର୍ମା, ଭାସଭଡା ଏବଂ ଅନ୍ୟ ଦୁଇ ଅଭିଯୁକ୍ତ (ଯେଉଁମାନେ ବର୍ତ୍ତମାନ ମୃତ)ଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତାର ଧାରା ୩୪୨, ୩୨୩ ଓ ୫୦୬ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ଅଭିଯୋଗରେ ଉଲ୍ଲେଖ ରହିଥିଲା କି, ଏକ ପ୍ରତିନିଧି ଦଳ ସେଠାକାର ଏକ ଥାନାରେ ପଞ୍ଜିକୃତ ଏକ ଅପରାଧିକ ମାମଲାରେ ପୁଲିସ ଦ୍ୱାରା ନିର୍ଦ୍ଦୋଷ ଲୋକଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ କରିଥିଲେ। ଯେତେବେଳେ ଶର୍ମା ଜାଣିବାକୁ ପାଇଲେ ଯେ କଂଗ୍ରେସ ନେତା ଅବଦୁଲ ହାଜି ଇବ୍ରାହିମ ଅଭିଯୋଗ କରିଥିବା ପ୍ରତିନିଧିମଣ୍ଡଳୀର ସଦସ୍ୟ ସେ ତାଙ୍କୁ ଏକ କୋଠରୀକୁ ନେଇ ମାଡ଼ ମାରିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଭୁଜ କୋର୍ଟରେ ଅଭିଯୋଗ ଦାଖଲ ହେବା ପରେ ଶର୍ମାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା।

# ଇସ୍ରାଏଲୀ ବନ୍ଧକଙ୍କ ମୁକ୍ତିକୁ ହମାସ ବନ୍ଦ କଲା

**ତେଲ ଅଭିଭ, ୧୧।୨:** ଗାଜା ଅସ୍ତ୍ରବିରତି ଅନ୍ତର୍ଗତ ଇସ୍ରାଏଲ ସହିତ ବନ୍ଧକ ବିନିମୟକୁ ହମାସ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଛି। ହମାସ ବନ୍ଧକଙ୍କ ମୁକ୍ତିକୁ ସ୍ଥଗିତ ରଖିବା ଉପରେ ଇସ୍ରାଏଲ ଏବଂ ଆମେରିକା ଅସନ୍ତୋଷ ପ୍ରକାଶ କରିଛନ୍ତି। ହମାସ କହିଛି ଯେ, ଇସ୍ରାଏଲ ଅସ୍ତ୍ରବିରତି ଚୁକ୍ତି ପାଳନ କରିନାହିଁ। ଏହି କାରଣରୁ, ଶନିବାର, ୧୫ ଫେବ୍ରୁଆରିରେ ହେବାକୁ ଥିବା ବନ୍ଧକ ବିନିମୟକୁ ସ୍ଥଗିତ ରଖାଯାଇଛି। ଏହା ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇ କହିଛନ୍ତି, ଯଦି ଶନିବାର ମଧ୍ୟାହ୍ନ ସୁଦ୍ଧା ସମସ୍ତ ବନ୍ଧକଙ୍କୁ ମୁକ୍ତ କରା ନଯାଏ, ତେବେ ହମାସ ବଡ଼ କ୍ଷତି ପାଇଁ ପ୍ରସ୍ତୁତ ରହିବ। ବିଶେଷଜ୍ଞମାନେ କହିଛନ୍ତି, ବେଞ୍ଜାମିନ୍ ନେତାନ୍ୟାହୁ ଟ୍ରମ୍ପଙ୍କ ମତକୁ ପସନ୍ଦ କରିଛନ୍ତି।



ଫାର୍ଷ୍ଟପୋଷ୍ଟ ରିପୋର୍ଟ ଅନୁଯାୟୀ, ଜାନୁଆରି ୧୯ ତାରିଖରେ ହମାସ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ଘୋଷଣା କରାଯାଇଥିଲା। ସେବେଠାରୁ, ଏପର୍ଯ୍ୟନ୍ତ ପାଞ୍ଚଥର ବନ୍ଧକ ବିନିମୟ ହୋଇସାରିଛି। ପରବର୍ତ୍ତୀ ଅଦଳବଦଳ ଫେବ୍ରୁଆରି ୧୫ରେ ହେବାର ଥିଲା, ଯାହାକୁ ସ୍ଥଗିତ ରଖାଯାଇଛି। ଏହା ସମ୍ପୂର୍ଣ୍ଣ ଯୁଦ୍ଧବିରତି ଚୁକ୍ତିନାମାକୁ ବିପଦରେ ପକାଇଛି। ହମାସର ଏହି ପଦକ୍ଷେପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ କ୍ଷୁବ୍ଧ। ସେ କହିଛନ୍ତି ଯଦି ଶନିବାର ଦିନ ୧୨ଟା ସୁଦ୍ଧା ସମସ୍ତ ବନ୍ଧକଙ୍କୁ ମୁକ୍ତ କରା ନଯାଏ, ତେବେ ଚୁକ୍ତିନାମା ବାତିଲ କରାଯିବ। ହମାସ ଏହା ମଧ କହିଛି ଯେ, ବନ୍ଧକ ମୁକ୍ତ ଯୋଜନା ଆଗକୁ ବଢ଼ିବାର ସୁଯୋଗ ଏବେ ବି ରହିଛି। ହମାସର ଏହି ପଦକ୍ଷେପକୁ ଇସ୍ରାଏଲ ଉପରେ ଚାପ ପକାଇବାର ଏକ ପ୍ରୟାସ ଭାବରେ ଦେଖାଯାଉଛି। ହମାସର ଘୋଷଣା ବନ୍ଧକଙ୍କ ପରିବାର ମଧ୍ୟରେ ଚିନ୍ତା ସୃଷ୍ଟି କରିଛି। ବନ୍ଧକଙ୍କ ପରିବାରବର୍ଗ ଚୁକ୍ତିକୁ ବଞ୍ଚାଇବା ପାଇଁ ମଧ୍ୟସ୍ଥତା କରୁଥିବା ଦେଶଗୁଡ଼ିକୁ ଅନୁରୋଧ କରିଛନ୍ତି।

ହମାସର ଓବୈଦା ଅନୁଯାୟୀ, ଗାଜା ଅସ୍ତ୍ରବିରତିର ଅଂଶ ଭାବରେ ଇସ୍ରାଏଲ ଏହାର ଅନେକ ଦାୟିତ୍ୱ ପୂରଣ କରିନାହିଁ। ଗତ ତିନି ସପ୍ତାହ ଧରି, ଆମେ ଏହି ଉଲ୍ଲଂଘନ ଏବଂ ଚୁକ୍ତିନାମାର ସର୍ତ୍ତାବଳୀ ପାଳନ ନକରିବା ଉପରେ ନଜର ରଖିଛୁ। ଏଥିରେ ଉତ୍ତର ଗାଜାକୁ ବିସ୍ଥାପିତ ଲୋକଙ୍କ ପ୍ରତ୍ୟାବର୍ତ୍ତନରେ ବିଳମ୍ବ କରିବା, ଗୁଳିଚାଳନା ବନ୍ଦ କରିବା ଏବଂ ମାନବିକ ସହାୟତାକୁ ଅବରୋଧ କରିବା ଅନ୍ତର୍ଭୁକ୍ତ। ହମାସର ବନ୍ଧକ ମୁକ୍ତକୁ ବାଧା ଦେବା ପରେ, ଇସ୍ରାଏଲୀ ପ୍ରତିରକ୍ଷା ମନ୍ତ୍ରୀ କାଟ୍‌ଜ କହିଛନ୍ତି ଯେ, ସେ ତାଙ୍କ ସେନାକୁ ଗାଜାରେ ଯେକୌଣସି ସମ୍ଭାବ୍ୟ ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ କହିଛନ୍ତି। ସେନା ସାମରିକ ଛୁଟିକୁ ସ୍ଥଗିତ ରଖିଛି, ଏହା ଏକ ସଙ୍କେତ ଯେ, ଇସ୍ରାଏଲୀ ଅଧିକାରୀମାନେ ପୁଣି ଥରେ ଯୁଦ୍ଧ ପାଇଁ ପ୍ରସ୍ତୁତି କରୁଛନ୍ତି।

ହମାସର ବନ୍ଧକ ବିନିମୟକୁ ଅବରୋଧ କରିବା ପଦକ୍ଷେପ ପୂର୍ବରୁ ଦୁର୍ବଳ ଥିବା ଅସ୍ତ୍ରବିରତିକୁ ଭଙ୍ଗ କରିପାରେ। ଇଜିପ୍ଟ ସୁରକ୍ଷା ସୂତ୍ର କହିଛନ୍ତି ଯେ, ମଧ୍ୟସ୍ଥିମାନେ ଚୁକ୍ତିନାମା ଭାଙ୍ଗିପାରେ ବୋଲି ଆଶଙ୍କା କରିଥିଲେ। ଟ୍ରମ୍ପ ଏବଂ ନେତାନ୍ୟାହୁଙ୍କ ପୂର୍ବ ମନ୍ତବ୍ୟ ଚୁକ୍ତିକୁ ବିପଦରେ ପକାଇଛି ବୋଲି କାତାର ପୂର୍ବରୁ ଚେତାବନୀ ଦେଇଥିଲା। କାତାର ମଧ୍ୟସ୍ଥିମାନେ ମଧ ଇସ୍ରାଏଲ ନିକଟରେ ସେମାନଙ୍କର ଅସନ୍ତୋଷ ପ୍ରକାଶ କରିଛନ୍ତି। କ୍ୱିନ୍ସି ଇନଷ୍ଟିଚ୍ୟୁଟ୍ ଫର୍ ରେସପନ୍ସିବଲ୍ ଷ୍ଟେଟକ୍ରାଫ୍ଟର ଡେପୁଟି ଡାଇରେକ୍ଟର ଆଡାମ ୱେନଷ୍ଟାଇନ୍ ଅଲ ଜଜିରାକୁ କହିଛନ୍ତି, ହମାସର ବନ୍ଧକ ବିନିମୟକୁ ବିଳମ୍ବ କରିବାର ନିଷ୍ପତ୍ତିର ପ୍ରତିକ୍ରିୟାରେ ଟ୍ରମ୍ପଙ୍କ ବିବୃତି ନେତାନ୍ୟାହୁଙ୍କ ପାଇଁ ଆଶ୍ୱସ୍ତିଦାୟକ। ଏହି ସମୟରେ, ଇସ୍ରାଏଲର ରାସ୍ତାରେ ପ୍ରତିବାଦ ହୋଇଛି। ପ୍ରତିବାଦକାରୀମାନେ ନେତାନ୍ୟାହୁଙ୍କ ବିରୋଧରେ ଚୁକ୍ତିନାମାକୁ ଭଣ୍ଡୁର କରିବାର ଅଭିଯୋଗ ଆଣିଛନ୍ତି।

# ଆଜି ଅହମଦାବାଦରେ ଭାରତ-ଇଂଲଣ୍ଡ ତୃତୀୟ ଦିନିକିଆ

## ମ୍ୟାଚ୍ ପୂର୍ବରୁ ହେବ ସ୍ୱତନ୍ତ୍ର କାର୍ଯ୍ୟକ୍ରମ: ଜୟ ଶାହ

**ନୂଆଦିଲ୍ଲୀ, ୧୧।୨:** ଭାରତ ଏବଂ ଇଂଲଣ୍ଡ ମଧରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯାଉଛି। ଟିମ୍ ଇଣ୍ଡିଆ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ଜିତି ୨-୦ରେ ଅଗ୍ରଣୀ ହାସଲ କରିଛି। ଏହି ସିରିଜରେ ଟିମ୍ ଇଣ୍ଡିଆର ପ୍ରଦର୍ଶନ ଖୁବ ଚମତ୍କାର ରହିଛି। ସିରିଜର ତୃତୀୟ ମ୍ୟାଚ୍ ଅହମଦାବାଦରେ ଖେଳାଯିବ। ଏହି ମ୍ୟାଚ୍ ଜିତି ଟିମ୍ ଇଣ୍ଡିଆ ଇଂଲଣ୍ଡ ଦଳକୁ କ୍ଲିନ୍ ସୁଇପ୍ କରିବାକୁ ଚାହିଁବ। ସେହିଭଳି ଇଂଲଣ୍ଡ ଦଳ ତାର ପ୍ରଥମ ବିଜୟ ପାଇଁ ଚେଷ୍ଟା କରିବ। ଏହାରି ମଧରେ ପୂର୍ବତନ ବିସିସିଆଇ ସଚିବ ଏବଂ ବର୍ତ୍ତମାନର ଆଇସିସି ଅଧକ୍ଷ ଜୟ ଶାହ ଏହି ମ୍ୟାଚ୍ ସମ୍ପର୍କରେ ଏକ ବଡ଼ ଘୋଷଣା କରିଛନ୍ତି।

ଟିମ୍ ଇଣ୍ଡିଆ ଏବଂ ଇଂଲଣ୍ଡ ମଧରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ୧୨ ଫେବ୍ରୁଆରୀରେ ଆୟୋଜିତ ହେବ। ଏ ସମ୍ପର୍କରେ ଜୟ ଶାହ ତାଙ୍କ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରିଛନ୍ତି। ସେ ପୋଷ୍ଟ କରିଛନ୍ତି, ଏହି ମ୍ୟାଚ୍ ଅବସରରେ 'ଅଙ୍ଗଦାନ କରନ୍ତୁ, ଜୀବନ ବଞ୍ଚାନ୍ତୁ' ନାମକ ଏକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ସେ ଲେଖିଛନ୍ତି ଯେ, ୧୨ ଫେବ୍ରୁଆରୀରେ ଅହମ୍ମଦାବାଦରେ ଭାରତ ଏବଂ ଇଂଲଣ୍ଡ ମଧରେ ତୃତୀୟ ଏକଦିବସୀୟ ମ୍ୟାଚ୍ ଅବସରରେ, ଆମେ ଏକ ସଚେତନତା କାର୍ଯ୍ୟକ୍ରମ "ଅଙ୍ଗଦାନ କରନ୍ତୁ, ଜୀବନ ବଞ୍ଚାନ୍ତୁ" ଆରମ୍ଭ କରିବାକୁ ଯାଉଥିବାରୁ ଗର୍ବିତ ମନେ କରୁଛୁ। କ୍ରୀଡ଼ାରେ ପ୍ରେରଣା ଦେବା,




ଏକତ୍ରିତ କରିବା ଏବଂ କ୍ଷେତ୍ର ବାହାରେ ଏକ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବାର ଶକ୍ତି ଅଛି। ଏହି ପଦକ୍ଷେପ ମାଧମରେ, ଆମେ ସମସ୍ତଙ୍କୁ ସର୍ବୋତ୍ତମ ଉପହାର - ଜୀବନର ଉପହାର ଦେବା ପାଇଁ ଏକ ପଦକ୍ଷେପ ନେବାକୁ ଅନୁରୋଧ କରୁଛୁ। ଗୋଟିଏ ପ୍ରତିଶ୍ରୁତି, ଗୋଟିଏ ନିଷ୍ପତ୍ତି, ଅନେକ ଜୀବନ ବଞ୍ଚାଇପାରିବ। ଆସନ୍ତୁ ଏକାଠି ହୋଇ ଏକ ପରିବର୍ତ୍ତନ ଆଣିବା।' ସିରିଜର ତୃତୀୟ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆର ପ୍ଲେଇଂ ୧୧ରେ କିଛି ପରିବର୍ତ୍ତନ ଦେଖିବାକୁ ମିଳିପାରେ। ପ୍ରକୃତରେ, ଏହା ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଟିମ୍ ଇଣ୍ଡିଆର ଶେଷ ମ୍ୟାଚ୍ ହେବାକୁ ଯାଉଛି। ଏପରି ପରିସ୍ଥିତିରେ, ରୋହିତ ଶର୍ମା ଏବଂ ଟିମ୍ ମ୍ୟାନେଜମେଣ୍ଟ ବେଞ୍ଚରେ ବସିଥିବା ଖେଳାଳିଙ୍କୁ ସୁଯୋଗ ଦେଇପାରେ। ଅର୍ଶଦୀପ ସିଂହ, ରିଷଭ ପନ୍ତ ଏବଂ ୱାଶିଂଟନ ସୁନ୍ଦରଙ୍କୁ ପ୍ଲେଇଂ ୧୧ରେ ସାମିଲ କରାଯାଇପାରେ ବୋଲି ଚର୍ଚ୍ଚା ହେଉଛି। ଏହି ତିନି ଜଣ ଖେଳାଳି ଚାମ୍ପିଅନ୍ସ ଟ୍ରଫିରେ ଟିମ୍ ଇଣ୍ଡିଆରେ ସାମିଲ ଅଛନ୍ତି।

**ଇଂଲଣ୍ଡ ବିପକ୍ଷରେ ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁଭମନ ଗିଲ (ଉପ-ଅଧିନାୟକ), ବିରାଟ କୋହଲି, ଶ୍ରେୟସ ଆୟର, କେଏଲ ରାହୁଲ (ୱିକେଟକିପର), ରିଷଭ ପନ୍ତ (ୱିକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ଯଶସ୍ୱୀ ଜୟସ୍ୱାଲ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ମହମ୍ମଦ ଶାମି, ଅର୍ଶଦୀପ ସିଂହ, ୱାଶିଂଟନ ସୁନ୍ଦର, ହର୍ଷିତ ରାଣା।



## ସୂର୍ଯ୍ୟାଂଶ, ପ୍ରଣବଙ୍କୁ ସ୍ୱର୍ଣ୍ଣ-ରୌପ୍ୟ

**ଭୁବନେଶ୍ୱର, ୧୧।୨:** ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ସୋମବାର ଓଡ଼ିଶାକୁ ଗୋଟିଏ ସ୍ୱର୍ଣ୍ଣ ଏବଂ ଦୁଇଟି ରୌପ୍ୟ ପଦକ ମିଳିଛି। ସମସ୍ତ ୩ ପଦକ ମର୍ଡନ ପେଣ୍ଟାଥଲନ୍‌ରୁ ଆସିଛି। ମର୍ଡନ ପେଣ୍ଟାଥଲନ୍ ପୁରୁଷ ବ୍ୟକ୍ତିଗତ ବାଇଥଲ୍‌ରେ ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର ଓ ପ୍ରଣବ ଦାସ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତି ଓଡ଼ିଶାକୁ ୧-୨ ସଫଳତା ଦେଇଛନ୍ତି। ସୂର୍ଯ୍ୟାଂଶ ରେସ୍‌କୁ ୧୩ ମିନିଟ୍ ୫୮.୦୭ ସେକେଣ୍ଡ୍‌ରେ ଶେଷ କରି ପ୍ରଥମ ସ୍ଥାନ ଅଧିକାର କରିଥିଲା ବେଳେ ପ୍ରଣବ (୧୪ ମିନିଟ୍ ୧୯.୬୩ ସେକେଣ୍ଡ) ଦ୍ୱିତୀୟ ସ୍ଥାନରେ ରହିଥିଲେ। ଝାଡ଼ଖଣ୍ଡର ପ୍ରେମ କିଶୋର ମହାତୋ (୧୪:୩୮.୪୨) କାଂସ୍ୟରେ ସନ୍ତୁଷ୍ଟ ରହିଥିଲେ। ସୂର୍ଯ୍ୟାଂଶ, ପ୍ରଣବ ଓ ପ୍ରତୀକ ଦାସଙ୍କୁ ନେଇ ଗଠିତ ଓଡ଼ିଶା ଦଳ ବାଇଥଲ୍ ଦଳଗତରେ ରୌପ୍ୟ ଜିତିଥିଲେ। ଏହି ଦଳ ୪୬ ମିନିଟ୍ ୧୫.୭୮ ସେକେଣ୍ଡରେ ରେସ୍ ଶେଷ କରି ଦ୍ୱିତୀୟ ସ୍ଥାନରେ ରହିଥିଲା। ମଧପ୍ରଦେଶ (୪୬:୧୧.୫୭) ସ୍ୱର୍ଣ୍ଣ ଏବଂ ଉତ୍ତରାଖଣ୍ଡ (୪୮:୫୬.୬୭) କାଂସ୍ୟ ପାଇଥିଲେ। ହକି ପୁରୁଷ ଓ ମହିଳାରେ ଓଡ଼ିଶା ପରାଜୟର ମୁହଁ ଦେଖିଛି। ପୁଲ୍‌ପର୍ଯ୍ୟାୟରେ ପୁରୁଷ ଦଳ ୧-୨ରେ ପଞ୍ଜାବଠୁ ଏବଂ ମହିଳା ଦଳ ୨-୩ରେ ହରିୟାଣାଠୁ ହାରିଯାଇଛି। ସୋମବାରର ଏହି ୩ ପଦକ ସହ ଓଡ଼ିଶାର ମୋଟ ପଦକ ସଂଖ୍ୟା ୩୩ (୯ ସ୍ୱର୍ଣ୍ଣ, ୧୨ ରୌପ୍ୟ, ୧୨ କାଂସ୍ୟ)ରେ ପହଞ୍ଚିଛି।

# କ'ଣ ଯୁବିଙ୍କ ପରି ହେବ ରୋହିତ କ୍ୟାରିୟର?

**ନୂଆଦିଲ୍ଲୀ ୧୦।୨:** ୮ ବର୍ଷର ପୁରୁଣା ସ୍ମୃତି ତାଜା। ଯୁବରାଜଙ୍କ ପରେ ରୋହିତ ଶର୍ମା। ଛକା, ଚଉକା ସହ ଶତକୀୟ ପାଳି। ୮ ବର୍ଷ ପୂର୍ବେ ଯୁବି, ଏବେ ରୋହିତ। ଯୁବିଙ୍କ ପରି ହୋଇଯିବ କି ରୋହିତଙ୍କ ହାଲ୍? ସମାନ ସହର, ଷ୍ଟାଡିୟମ ବି ସମାନ। ମାହୋଲ ବି ୮ ବର୍ଷ ତଳର ସେମିତି। ସେହି ଛକା ଚଉକା, ହେଲେ ଷ୍ଟାଇଲ୍ ଟିକେ ହଟ୍‌କେ। ଫରକ ଥିଲା ଏତିକି, ବଦଳିଯାଇଥିଲେ ଖେଳାଳି। ସେବେ ଗର୍ଜିଥିଲା ସିକ୍ସର କିଙ୍ଗ ଯୁବିଙ୍କ ବ୍ୟାଟ୍, ଏବେ ଦମ୍ ଦେଖାଇଛନ୍ତି ହିଟ୍‌ମ୍ୟାନ୍। ତେବେ ରେକର୍ଡରେ ଥିଲା ବି ବହୁତ ସମାନତା। ଏମିତିକି ବିପକ୍ଷ ଦଳ ବି ଥିଲେ ସମାନ। ୨୦୧୭ରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ବାରବାଟୀରେ ଶତକ ମାରିଥିଲେ ଯୁବରାଜ ସିଂହ। ଏବେ ୨୦୨୫ରେ କଟକରେ ରୋହିତ ଶର୍ମା କରିଥିବା ଶତକର କାହାଣୀ ବି ସମାନ। ଯାହାକୁ ନେଇ ଚିନ୍ତିତ କ୍ରୀଡାପ୍ରେମୀ।

୨୦୧୭ ପରେ କ୍ୟାରିୟରରେ ଲାଗିଥିଲା ଫୁଲଷ୍ଟପ୍। ବାରବାଟୀରେ ୧୫୦ ରନ୍ କରିବା ପରେ ଡାଉନ୍ ଫଲ ହୋଇଥିଲା ଯୁବିଙ୍କ ଫର୍ମ। କଟକରେ ଇଂଲଣ୍ଡ ଏତେ ବଡ ସ୍କୋର ଖେଳିବା ପରେ ଯୁବରାଜ ସିଂହ ସେହି ବର୍ଷ ଜୁନ୍‌ରେ ଖେଳିବାକୁ ଯାଇଥିଲେ ଚାମ୍ପିଅନ୍ସ ଟ୍ରଫି। କିନ୍ତୁ ସେହି ଆଇସିସିଟୁର୍ଣ୍ଣାମେଣ୍ଟରେ, ତାଙ୍କ ବ୍ୟାଟ୍‌ରୁ ମିଳିଥିଲା ବାହାରିନଥିଲା ଭଲ ରନ୍। ଚାମ୍ପିଅନ୍ସ ଟ୍ରଫିରେ, ଯୁବରାଜ ୫ ମ୍ୟାଚ୍‌ରୁ ୪ଟି ଇନିଂସରେ ୩୫ ହାରରେ ମାତ୍ର ୧୦୫ ରନ୍ କରିଥିଲେ। ଯାହାକି ଟୁର୍ଣ୍ଣାମେଣ୍ଟରେ ଥିଲା ବେଷ୍ଟ ସ୍କୋର। ଚାମ୍ପିଅନ୍ସ




ଟ୍ରଫି ଫାଇନାଲରେ ପାକିସ୍ତାନ ବିପକ୍ଷରେ ପରାଜୟର ସମ୍ମୁଖୀନ ହୋଇଥିଲା ଭାରତ। ପରେ, ୱେଷ୍ଟଇଣ୍ଡିଜ୍ ଗସ୍ତରେ ଯୁବରାଜଙ୍କୁ ଓଡିଆଇ ସିରିଜରେ ସୁଯୋଗ ମିଳିଥିଲା। ଜୁନ୍ ୩୦ରେ କାରିବିଆନ ମାଟିରେ ଖେଳିଥିଲେତାଙ୍କର ଶେଷ ଓଡିଆଇ। ଏବେ ବାରବାଟୀରେ ଇତିହାସର ହୋଇଛି ପୁନରାବୃତ୍ତି। ସେହି ବାରବାଟୀରେ ରୋହିତ ଦେଖାଇଛନ୍ତି ଦମ୍। ଖେଳିଛନ୍ତି ଦମ୍‌ଦାର ଶତକୀୟ ପାଳି। ଆଗକୁ ଆସୁଛି ଚାମ୍ପିଅନ୍ସ ଟ୍ରଫି ୨୦୨୫। ଯଦି ସିରିଜ୍‌ରେ ଫର୍ମ ଖରାପ ରୁହେ ତେବେ ଯୁବିଙ୍କ ଭଳି ଅବସ୍ଥା ହୋଇପାରେ ବୋଲି ଚର୍ଚ୍ଚା। କାରଣ ପୂର୍ବରୁ ବି ଖରାପ ଫର୍ମ ନେଇ ବିସିସିଆଇ ଖପ୍ପା। ଏପରିକି ଅବସର ନେବାକୁ ଚାପ ବି ପଡିଛି। ଯୁବିଙ୍କ ପରି, ରୋହିତ ମଧ୍ୟ ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ କଟକରେ ଶତକ ମାରିଛନ୍ତି। ଆଗକୁ କୌଣସି ଓଡିଆଇ ଟୁର୍ଣ୍ଣାମେଣ୍ଟ ହେବନି। ସେଥିପାଇଁ ପ୍ରଶଂସକଙ୍କ ମନରେ ଏପରି ଅନେକ ପ୍ରଶ୍ନ।

ବାରମ୍ବାର ଖରାପ ଫର୍ମର ଶିକାର ହୋଇ ଆସୁଥିଲେ ରୋହିତ। ବିଜିଟିରେ

### ବାରବାଟୀ ଶତକ ପରେ ଲାଗିଯିବ କି ଫର୍ମରେ ଫୁଲଷ୍ଟପ!

ବି ଜାରି ରହିଥିଲା ଫ୍ଲପ୍ ଶୋ। ଫଳରେ ଚାରିଆଡୁ ଉଠିଥିଲା ସମାଲୋଚନାର ସ୍ୱର। ଏମିତିକି ରୋହିତଙ୍କୁ ରଣଜୀ ଖେଳିବାକୁ ଦିଆଯାଇଥିଲା ସୁଯୋଗ। କିଛି ବରିଷ୍ଠ କ୍ରିକେଟର ରୋହିତଙ୍କୁ ଅବସର ନେବାକୁ ଦେଇଥିଲେ ପରାମର୍ଶ। ଜାନୁଆରୀରେ ଲଗାତାର ଖରାପ ବ୍ୟାଟିଂ ହେତୁ ପ୍ଲେଇଂ ଇଲେଭେନରୁ ପଡିଥିଲେ ବାଦ୍। ହେଲେ ଏବେ ବଦଳିଯାଇଛି ରୋହିତଙ୍କ ସମୟ। ଅସ୍ତିତ୍ୱ ଲଢେଇରେ ଜିତିଛନ୍ତି ରୋ-ହିଟ୍‌ମ୍ୟାନ୍। ପୁରୁଣା ଫର୍ମକୁ ଫେରିଛନ୍ତି ହିଟ୍‌ମ୍ୟାନ୍। ସମସ୍ତଙ୍କୁ କଟକରେ, ଉପଯୁକ୍ତ ଜବାବ ଦେଇଥିଲେ ରୋହିତ। ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଟିମ୍ ଇଣ୍ଡିଆ ଅଧିନାୟକ ଫର୍ମକୁ ଫେରିବା ଭଲ ନିଶ୍ଚୟ। ଏବେ ଅପେକ୍ଷା କେମିତି ରହିବ ରୋହିତଙ୍କ କ୍ୟାରିୟର।

## ଚାମ୍ପିଅନ୍ସ ଟ୍ରଫି ପାଇଁ ୮ଟି ଟିମର ଜର୍ସି ଉନ୍ମୋଚନ

**ନୂଆଦିଲ୍ଲୀ, ୧୧।୨:** ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଆରମ୍ଭ ୧୯ ଫେବୃଆରୀରୁ ହେବ। ଏହାପୂର୍ବରୁ ସମସ୍ତ ଟିମ୍ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ସମସ୍ତ ଟିମ୍ ଟୁର୍ଣ୍ଣାମେଣ୍ଟ ପାଇଁ ନିଜ ନିଜର ଜର୍ସି ଲଞ୍ଚ କରିଛନ୍ତି। ଚାମ୍ପିଅନ୍ସ ଟ୍ରଫିରେ କେଉଁ ଟିମର ଜର୍ସି ଦାମ୍ ମହଙ୍ଗା ଏବଂ କାହାର କମ୍ ରହିଛି। ଅନେକ ଟିମର ଜର୍ସି ଅଫିସିଆଲ ଭାବେ ଲଞ୍ଚ ହୋଇଛି। ଏହାଛଡା କିଛି ଟିମର ଜର୍ସି ଆଇସିସିର ୱେବସାଇଟରେ ରହିଛି। ବିସିସିଆଇ ତରଫରୁ ଦିନିକିଆର ନୂଆ ଜର୍ସି ଲଞ୍ଚ ହୋଇଛି। କିନ୍ତୁ ଚାମ୍ପିଅନ୍ସ ଟ୍ରଫିର ଅଫିସିଆଲ ସାଇଟରେ ଲଞ୍ଚ ହୋଇଯାଇଛି। ଆଇସିସି ୱେବସାଇଟରେ ଟିମ୍ ଇଣ୍ଡିଆର ଚାମ୍ପିଅନ୍ସ ଟ୍ରଫିର ଜର୍ସି ଦାମ୍ ୪୫୦୦ ଟଙ୍କା ରହିଥିବା ବେଳେ ଟିମ୍ ଇଣ୍ଡିଆର ଦିନିକିଆ ଜର୍ସି ଦାମ୍ ୫୯୦୦ ଟଙ୍କା ରହିଛି। ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରୁଥିବା ପାକିସ୍ତାନ ମଧ୍ୟ ଜର୍ସି ରିଲିଜ କରିଛି। ପାକିସ୍ତାନ ଟୁର୍ଣ୍ଣାମେଣ୍ଟର ଜର୍ସି ଦାମ୍ ୪୦ ଆମେରିକା ଡଲାର ଅର୍ଥାତ୍ ୩୫୦୦ ଟଙ୍କା ରହିଛି। ଆଫଗାନିସ୍ତାନ ତରଫରୁ ଚାମ୍ପିଅନ୍ସ ଟ୍ରଫିର ଜର୍ସି ଉନ୍ମୋଚନ ହୋଇଛି। ଆଇସିସି ୱେବସାଇଟରେ ଆଫଗାନିସ୍ତାନର ଜର୍ସି ଦାମ୍ ୪୫୦୦ ଟଙ୍କା ରହିଛି। ତେବେ ଚାମ୍ପିଅନ୍ସ ଟ୍ରଫି ପାଇଁ ଅଷ୍ଟ୍ରେଲିଆ, ବାଂଲାଦେଶ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ ଏବଂ ସାଉଥ ଆଫ୍ରିକା ଟିମ୍ ଅଫିସିଆଲ ଭାବେ ଜର୍ସି ଉନ୍ମୋଚନ କରିନାହାଁନ୍ତି। ହେଲେ ଆଇସିସିର ଗ୍ଲୋବାଲ ୱେବସାଇଟରେ ଏହି ଟିମର ଚାମ୍ପିଅନ୍ସ ଟ୍ରଫି ଜର୍ସି ରହିଛି। ସମସ୍ତଙ୍କ ଜର୍ସି ଦାମ ଭାରତୀୟ ମୁଦ୍ରାରେ ୪୫୦୦ ଟଙ୍କା ରହିଛି।

**ଟିମ୍ ଇଣ୍ଡିଆ ଜର୍ସି ଦାମ୍ ୪୫୦୦ ଟଙ୍କା**

### ଏମଜିଏମ ଟି-୨୦ ଚାମ୍ପିଅନସିପ୍-୨୦୨୫ ଉଦଯାପିତ

## ଏମ୍‌ଜିଏମ୍ ସ୍କୁଲ୍ ସ୍ପୋର୍ଟ୍ସ-କୋଚିଂ ବିଏଣ୍ଡ୍ ଚାମ୍ପିଅନ୍

**କଟକ,୧୧।୨(ସଂଚାର ବ୍ୟୁରୋ):** ସ୍ଥାନୀୟ କପୁରସିଂହସ୍ଥିତ ଏମ୍‌ଜିଏମ୍ ସ୍କୁଲ୍ ଅଫ୍ ସ୍ପୋର୍ଟ୍ସଠାରେ ଚାଲିଥିବା ଏମଜିଏମ ଟି-୨୦ ଚାମ୍ପିଅନସିପ୍-୨୦୨୫ ଆଜି ଉଦ୍‌ଯାପିତ ହୋଇଛି। ଗତ ୮ ତାରିକରେ ଏହି ଟୁର୍ଣ୍ଣାମେଣ୍ଟକୁ ଭାରତୀୟ ଦଳର ପୂର୍ବତନ କୋଚ୍ ତଥା ଜଣାଶୁଣା ଭାଷ୍ୟକାର ରବି ଶାସ୍ତ୍ରୀ, ଟିମ୍ ଇଣ୍ଡିଆର ପୂର୍ବତନ ବୋଲିଂ କୋଚ୍ ଭାରତ ଅରୁଣ ଏବଂ ଫିଲ୍‌ଡିଂ କୋଚ୍ ଆର ଶ୍ରୀଧର ଉଦ୍‌ଘାଟନ କରିଥିଲେ। ଏହି ଚାମ୍ପିଅନସିପ୍‌ରେ ଚେନ୍ନାଇ, ହାଇଦ୍ରାବାଦ ଓ ଭଦୋଦରାସ୍ଥିତ କୋଚିଂ ବିଏଣ୍ଡ୍ କ୍ରିକେଟ୍ ଏକ୍ସିଲେନ୍ସ ସେଣ୍ଟରର ଏମଜିଏମ୍ ସ୍କୁଲ୍ ଅଫ୍ ସ୍ପୋର୍ଟ୍ସ ଦଳ ଅଂଶଗ୍ରହଣ କରିଥିଲେ। ଆଜି ଖେଳାଯାଇଥିବା ରୋମାଞ୍ଚକର ଫାଇନାଲରେ ହାଇଦ୍ରାବାଦର କୋଚିଂକୁ ପରାସ୍ତ କରି ଏମଜିଏମ ସ୍କୁଲ ଅଫ୍ ସ୍ପୋର୍ଟ୍ସ-କୋଚିଂ ବିଏଣ୍ଡ ଚାମ୍ପିଅନ୍ ହୋଇଛି। ଏମ୍‌ଜିଏମ୍ ୨୦ ଓଭରରେ ୧୭୩ ରନ୍ କରିଥିବା ବେଳେ ପ୍ରତିପକ୍ଷ ଦଳକୁ ଅଲ୍‌ଆଉଟ୍ କରି ବିଜୟୀ ହୋଇଛି। ଦଳ ପ୍ରତିଯୋଗିତାରେ ୪ଟିରୁ ୩ଟିରେ ବିଜୟୀ ହୋଇ ଅତ୍ୟନ୍ତ ଉଚ୍ଚକୋଟୀର ପ୍ରଦର୍ଶନ କରିଛି। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ଏମ୍‌ଜିଏମ୍ ଦଳର ଜୟରାମ ଗେଡିଆ ହାସଲ କରିଥିବା ବେଳେ ହାଇଦ୍ରାବାଦ କୋଚିଂର ରବି ତେଜା ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ୍ ଭାବେ ପୁରସ୍କୃତ ହୋଇଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ଏମ୍‌ଜିଏମ୍ ଗ୍ରୁପ୍ ସିଏମ୍‌ଡି ପଙ୍କଜ ଲୋଚନ ମହାନ୍ତି, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଭେଙ୍କଟପତି ରାଜୁ, ଓସିଏ କୋଷାଧକ୍ଷ ବିକାଶ ପ୍ରଧାନ, ଓସିଏ ମୁଖ୍ୟ କ୍ୟୁରେଟର ଡ. ଅଞ୍ଜନ କୁମାର ଖୁଣ୍ଟିଆ ଓ ଏମଜିଏମ ଗ୍ରୁପ୍‌ର ପରାମର୍ଶଦାତା ପ୍ରଶାନ୍ତ ଦାଶ ଉପସ୍ଥିତ ଥିଲେ। ଶ୍ରୀ ରାଜୁ ପୁରସ୍କାର ପ୍ରଦାନ କରିବା ସହ ଏପରି ଏକ ପଦକ୍ଷେପକୁ ପ୍ରଶଂସା କରି କହିଥିଲେ ଯେ ଏମଜିଏମ ଟି-୨୦ ଚାମ୍ପିଅନସିପ୍-୨୦୨୫ ପ୍ରତିଭା ଚିହ୍ନଟ ଓ ବିକାଶରେ ଏକ ମାନଦଣ୍ଡ ସ୍ଥିର କରିଛି। ସମଗ୍ର ଭାରତରେ କ୍ରିକେଟ୍ ପ୍ରତି ଆଗ୍ରହ ବଢ଼ିବା ସହିତ ନୂତନ ପ୍ରତିଭା ଚିହ୍ନଟ ତଥା ପୋଷଣ ଦିଗରେ ଏଭଳି ଆୟୋଜନ ଗୁରୁତ୍ୱପୂର୍ଣ୍ଣ। ସେହିପରି ଟୁର୍ଣ୍ଣାମେଣ୍ଟର ସଫଳତା ନେଇ ଶ୍ରୀ ମହାନ୍ତି କହିଛନ୍ତି ଯେ ଏମଜିଏମ ଟି-୨୦ ଚାମ୍ପିଅନସିପ୍ ମାଧମରେ ଯୁବ କ୍ରିକେଟରଙ୍କ ପାଇଁ ଏକ ମଜବୁତ ଭିତ୍ତିଭୂମି ପ୍ରଦାନ କରାଯିବାର ଲକ୍ଷ୍ୟ ରହିଥିଲା। ଏହି ପ୍ରତିଯୋଗିତା ଯୁବ କ୍ରିକେଟର୍‌ଙ୍କୁ ସେମାନଙ୍କ କ୍ୟାରିୟରକୁ ଆଗକୁ ବଢ଼ିବା ଦିଗରେ ସହଯୋଗ କରିବ ବୋଲି ଶ୍ରୀ ମହାନ୍ତି ଆଶା କରିଛନ୍ତି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିବାହ ବିଚ୍ଛେଦ...

ସୁନିଶ୍ଚିତ କରିବା ଓଡ଼ିଶା ରାଜ୍ୟ ମହିଳା ଆୟୋଗର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀମତୀ ପରିଡା ମତ ପ୍ରକାଶ କରିଛନ୍ତି। ବଢୁଥିବା ବିବାହ ବିଚ୍ଛେଦ ହାରକୁ କମେଇବା ନିମନ୍ତେ ଜାତୀୟ ମହିଳା ଆୟୋଗର ଅଧ୍ୟକ୍ଷଙ୍କ ଉପଦେଶ କ୍ରମେ ଓଡ଼ିଶାରେ ପ୍ରାକ୍-ବିବାହ ପରାମର୍ଶ କେନ୍ଦ୍ର ଖୋଲାଯିବ ସେ କହିଛନ୍ତି।ଏହି କାର୍ଯ୍ୟକ୍ରମରେ ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷ ଶ୍ରୀମତୀ ବିଜୟା ରାହତକାର ଯୋଗ ଦେଇ ରାଜ୍ୟ ସରକାରଙ୍କ ମହିଳା କେନ୍ଦ୍ରିତ ଯୋଜନାକୁ ପ୍ରଶଂସା କରିବା ସହ ବାଲ୍ୟ ବିବାହ, ଲିଙ୍ଗଭିତ୍ତିକ ହିଂସା, ସାଇବର୍ ଅପରାଧ, ମାନବ ଚାଲାଣ ଓ କାର୍ଯ୍ୟାଳୟରେ ଯୌନ ନିର୍ଯାତନା ଆଦି ବିଷୟ ଉପରେ ବିଶଦ ଆଲୋଚନା କରିଥିଲେ। ଏହିସବୁ ସମସ୍ୟାର ନିରାକରଣ ପାଇଁ ନିରନ୍ତର ଜନସଚେତନତାର ଆବଶ୍ୟକତା ରହିଛି। ସେଥିନିମନ୍ତେ ଗାଁ ଗାଁ ରେ ମହିଳା ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ କରାଯାଇ ଏ ସବୁ ପ୍ରସଙ୍ଗ ଉପରେ ଚର୍ଚ୍ଚା ଓ ଆଲୋଚନାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଲିଙ୍ଗଗତ ସମାନତା ଓ ମହିଳା ସଶକ୍ତକରଣ ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ସେ ମତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଉପସ୍ଥିତ ରହି ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଆୟୋଗ ତରଫରୁ ମହିଳା ଆଇନ ସମ୍ପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ପାଇଁ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇଛି। ଏହା ୧୩ ତାରିଖ ପର୍ଯ୍ୟନ୍ତ ତିନି ଦିନ ବ୍ୟାପୀ ଆୟୋଜନ କରାଯାଉଛି ବୋଲି ସେ ସୂଚନା ଦେଇଥିଲେ।

### ମହିଳା କମିଶନଙ୍କୁ...

କେବଳ ସୁପାରିସ୍ କରିଆସୁଛନ୍ତି। କମିଶନଙ୍କର ପୁଲିସ କ୍ଷମତା ବିନା କିଛି ମାନେ ନାହିଁ। କମିଶନ ନିଜେ ଆକ୍ସନ ନେବା ଦରକାର, ନହେଲେ ସେହି ପଦବୀର ବିଶେଷ ଗୁରୁତ୍ୱ ରହିବ ନାହିଁ। ମହିଳା କମିଶନଙ୍କୁ ଏବେ କ୍ଷମତା ଦେବାର ସମୟ ଆସିଛି। ତାଙ୍କୁ ସେ ଅଧିକାର ସରକାର ଦେବେ, ମହିଳା କମିଶନ କ୍ଷମତାସମ୍ପନ୍ନ ହେବେ। ଏହାଦ୍ୱାରା ଅନେକ ମହିଳା ତୁରନ୍ତ ନ୍ୟାୟ ପାଇପାରିବେ। ଅନେକ ସମସ୍ୟାର ତୁରନ୍ତ ସମାଧାନ ବାହାରିପାରିବ। ନିଜ କ୍ଷମତା ବଳରେ କମିଶନ ଦୋଷୀଙ୍କୁ ଦଣ୍ଡ ବି ଦେଇପାରିବେ।

### ଏଆଇ ପରିଚାଳନାରେ...

ଦ୍ରୁତ ଗତିରେ ଚାଲିଥିବା ବେଳେ ଆଗାମୀ ଦିନରେ ଏହାର ପରିସୀମା ଆହୁରି ବ୍ୟାପକ ହେବା ନିଶ୍ଚିତ। କିନ୍ତୁ ଏହାର ଭବିଷ୍ୟତ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେବ ବୋଲି ମୋଦି ଆଶା କରିବା ସହ ଏ ଦିଗରେ ସମସ୍ତ ପ୍ରକାର ସହଯୋଗ କରିବାକୁ ଭାରତ ଏହାର ଅଭିଜ୍ଞତା ଏବଂ ଦକ୍ଷତା ବାଣ୍ଟିବାକୁ ପ୍ରସ୍ତୁତ ରହିଛି। ଏଆଇକୁ ଗ୍ରହଣ କରିବା ସହ ଡାଟା ଗୋପନୀୟତା ପାଇଁ ଏକ ଟେକ୍ନୋଲୋଜି-ଲିଗାଲ ଫ୍ରେମୱାର୍କ ପ୍ରତିଷ୍ଠା କରିବାରେ ମଧ୍ୟ ଭାରତ ବେଶ୍ ଆଗରେ ରହିଛି। ଜନସାଧାରଣଙ୍କ ମଙ୍ଗଳ ପାଇଁ ଆମେ ଏଆଇ ଆପ୍ଲିକେସନ୍ ବିକଶିତ କରୁଛୁ। ଭାରତ ଏହାର ୧.୪ ବିଲିୟନରୁ ଅଧିକ ଲୋକଙ୍କ ପାଇଁ ଅତ୍ୟନ୍ତ କମ୍ ଖର୍ଚ୍ଚରେ ସଫଳତାର ସହ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ନିର୍ମାଣ କରିପାରିଛି। ଏଆଇ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ବିଶ୍ୱସ୍ତରୀୟ ମାନଦଣ୍ଡର ଆବଶ୍ୟକତା ରହିଛି ବୋଲି ମୋଦି କହିବା ସହ ଏ ଦିଗରେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ଏହି ଅବସରରେ ମୋଦି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଓ ଆମେରିକା ଉପରାଷ୍ଟ୍ରପତିଜେଡି ଭାନ୍ସଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଗତକାଲି ପ୍ୟାରିସ୍‌ରେ ପହଞ୍ଚିବା ପରେ ମାକ୍ରନ୍ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ରାତ୍ରିଭୋଜନରେ ଆପ୍ୟାୟିତ କରିଥିଲେ। ଏଥିରେ ଜର୍ମାନ୍ ଚାନ୍‌ସେଲର୍ ଓଲାଫ୍ ସ୍କୋଲ୍‌ଜ, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଓ ଜେଡି ଭାନ୍ସ ଉପସ୍ଥିତ ଥିଲେ।

### ଭକ୍ତଙ୍କ ହାତରେ...

କରିଛି। ଭକ୍ତ ଓଡ଼ିଶା ବିଧାନସଭାରେ ଜଣେ ବିଧାୟକ ଭାବେ ଥରେ କାର୍ଯ୍ୟ କରିବା ସହ ଲୋକସଭା ସାଂସଦ ଭାବେ ତିନି ଥର କାର୍ଯ୍ୟ କରିଛନ୍ତି। ୧୯୮୫ରେ ସେ ସର୍ବପ୍ରଥମେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ଭବାନୀପାଟଣା ବିଧାନସଭା ନିର୍ବାଚନମଣ୍ଡଳୀରୁ ୯ମ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ୧୯୮୯, ୧୯୯୬ ଓ ୨୦୦୯ ଭାରତୀୟ ସାଧାରଣ ନିର୍ବାଚନରେ ସେ କଳାହାଣ୍ଡି ଲୋକସଭା ନିର୍ବାଚନମଣ୍ଡଳୀରୁ ଯଥାକ୍ରମେ ୯ମ, ୧୧ଶ ଓ ୧୫ଶ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ୧୯୮୯ରେ ସର୍ବପ୍ରଥମେ ସାଂସଦ ଭାବେ ନିର୍ବାଚିତ ହୋଇଥିବା ଭକ୍ତଙ୍କୁ ଭିପି ସିଂହଙ୍କ ମନ୍ତ୍ରିମଣ୍ଡଳରେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗର ଉପମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଥିଲା। ଅବଶ୍ୟ ତାଙ୍କୁ ଏହି ପଦରେ ମାତ୍ର ୫ ମାସ ପାଇଁ କାମ କରିବାର ସୁଯୋଗ ମିଳିଥିଲା। କିନ୍ତୁ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ମନ୍ତ୍ରିମଣ୍ଡଳରେ ଭକ୍ତଙ୍କୁ ଗୁରୁତ୍ୱପୂର୍ଣ୍ଣ ରେଳ ବିଭାଗ ଦାୟିତ୍ୱ ମିଳିଥିଲା। ଓଡ଼ିଶା ରାଜନୀତିରେ ପ୍ରଥମେ ଜନତା ପାର୍ଟିର କର୍ମକର୍ତ୍ତା ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ଭାରତୀୟ ଜାତୀୟ କଂଗ୍ରେସ (ଆଇଏନ୍‌ସି)ରେ ଯୋଗଦେଇଥିଲେ। ଗତ ବିଧାନସଭା ନିର୍ବାଚନରେ ସେ ପୁଅ ସାଗର ଚରଣଙ୍କୁ ବିଧାୟକ ଭାବେ ବିଧାୟକ ପ୍ରାର୍ଥୀ କରିଥିବା ବେଳେ ସେ ନିର୍ବାଚିତ ହୋଇଛନ୍ତି।

### ତୁମେ ତୁମ...

ସମୟର ଅନୁଭୂତିକୁ ସେ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ସଭାମଞ୍ଚକୁ ଫଟୋ ଉଠାଇବାକୁ ଗଲାମାତ୍ରେ ମୁଖ୍ୟମନ୍ତ୍ରୀ ନିଜ ଚେୟାରରୁ ଉଠିପଡ଼ିଲେ। ଆଉ ସରପଞ୍ଚଙ୍କ ମହତ ରଖି କହିଲେ ତୁମେ ପଞ୍ଚାୟତର ମୁଖ୍ୟମନ୍ତ୍ରୀ, ମୁଁ ରାଜ୍ୟର ମୁଖ୍ୟମନ୍ତ୍ରୀ। ତେଣୁ ତୁମେ ସମ୍ମାନର ହକଦାର। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଉତ୍ତର ଶୁଣି ଭାବବିହ୍ୱଳ ହୋଇଗଲେ ସରପଞ୍ଚ ଜଣକ। ସରପଞ୍ଚମାନେ ୨୫ ବର୍ଷ ଧରି ମୁଖ୍ୟମନ୍ତ୍ରୀଙ୍କ ଛାଇ ମାଡ଼ିପାରୁନଥିବା ବେଳେ ସେ ମୁଖମନ୍ତ୍ରୀଙ୍କ ସହ ସମ୍ମାନର ସହ ଫଟୋ ଉଠାଇବା ରାଜ୍ୟ ମୁଖ୍ୟଙ୍କ ମହାନତାର ପରିଚୟ। ରାଜ୍ୟ ଶାସନର ମୁଖ୍ୟ ହୋଇ ବି ତାଙ୍କ ପାଖରେ ନାହିଁ ପଦପଦବୀର ଅହଂକାର। ଆଉ ତୃଣମୂଳ ସ୍ତରରୁ ଆସିଥିବାରୁ ମଣିଷଙ୍କୁ ମଣିଷ ପରି ସମ୍ମାନ ଦେବା ବି ଜାଣିଛନ୍ତି। କିଛି ଆକାଶରୁ ପଡ଼ିଥିବା ନେତାଙ୍କ ପରି ମଣିଷଙ୍କୁ ଘୃଣା କରନ୍ତିନି।

### ବିଭ୍ରାନ୍ତିକର ତଥ୍ୟ....

ଏହାକୁ କେବେ ପାଳନ କରାଯିବ ଏବଂ ମନ୍ଦିରରେ କେବେ ପାଳିତ ହେବ, ତାହା ପଞ୍ଜିକାରେ ସ୍ପଷ୍ଟ କରିବାକୁ କୁହାଯାଇଛି।

ହ୍ୟୁମାନ୍ ଏରର୍ ବା ମାନବକୃତ ତ୍ରୁଟିରେ ସୁଧାର ଆଣିବା ଉପରେ ମଧ୍ୟ ଦିଆଯାଇଛି ଗୁରୁତ୍ୱ। ସରକାରୀ କ୍ୟାଲେଣ୍ଡରରେ ଥିବା ତ୍ରୁଟିକୁ ପଞ୍ଜିକା ଅନୁସାରେ ସଂଶୋଧନର ଆବଶ୍ୟକତା ଥିବା ମତ ପ୍ରକାଶ ପାଇଛି। ଶ୍ରୀମନ୍ଦିର ପ୍ରଶାସନ ନିକଟରେ ୫ଟି ପଞ୍ଜିକା ପକ୍ଷରୁ ପାଣ୍ଡୁଲିପି ଦାଖଲ ହୋଇଥିବା ବେଳେ ରାଜ୍ୟରେ ପ୍ରଚଳିତ ଅନ୍ୟ ୩ ପଞ୍ଜିକା ଏଥିରେ ଯୋଗ ଦେଇନଥିଲେ।

### ଖୁବ୍‌ଶୀଘ୍ର...

ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ ଜୟଦେବ ବିହାରରେ ଜାତୀୟ ରାଜପଥ ଉପରେ ଥିବା ଫ୍ଲାଏଓଭରକୁ ସଂଯୋଗ କରୁଥିବା ନନ୍ଦନକାନନ ରୋଡ୍ ଉପରେ ଏକ ନୂତନ ଫ୍ଲାଏଓଭର ନିର୍ମାଣ କରାଯିବ। ପ୍ରମୁଖ ଜଙ୍କସନରେ ବାହାରକୁ ଯିବାକୁ ରାସ୍ତା ରହିବ ଯାହା ଦ୍ୱାରା ଫ୍ଲାଏଓଭରରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ସର୍ଭିସ୍ ରୋଡ୍ ନେବା ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ସବୁକିଛିକୁ ଦୃଷ୍ଟିରେ ରଖି ଯୋଜନା ଡିଜାଇନ୍ କରାଯାଇଛି। ପୂର୍ବରୁ ଥିବା ରାସ୍ତା ଉପରେ ଚାରି ଲେନ୍ ରାସ୍ତା ନିର୍ମାଣ କରାଯିବ। ଆଗାମୀ ଦିନରେ ନୂତନ ଫ୍ଲାଏଓଭର ଭୁବନେଶ୍ୱରର ଜୀବନରେଖା ହେବ ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ୨୦୨୭-୨୮ ଆର୍ଥିକ ବର୍ଷ ସୁଦ୍ଧା ଜୟଦେବ ବିହାର-ନନ୍ଦନକାନନ ଫ୍ଲାଏଓଭର ପ୍ରକଳ୍ପର ପ୍ରମୁଖ ଅଂଶ ସମାପ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି।

### ବିଜେବି କଲେଜ ଜମି...

ଜମି ଉପରେ ଆବଶ୍ୟକ ଘର ତିଆରି କରା। ସରକାରଙ୍କଠାରୁ ନିଜ ଜମିର ସୂଚନା ପାଇବା ପରେ କଲେଜ କର୍ତ୍ତୃପକ୍ଷ ହତବାକ୍ ହେବା ସହିତ ଜମି କେଉଁଠି ରହିଛି, ତାହା ଖୋଜିବା ଆରମ୍ଭ କରିଛନ୍ତି। ପ୍ରଥମେ ଦେଖିବାକୁ ପାଇଲେ ଯେ ପ୍ରାୟ ୨ଏକର ଜମି ଜବରଦଖଲ ହେବା ସହିତ ସେଠାରେ ପାରାମାଉଣ୍ଟ ସ୍ପୋର୍ଟିଂ କ୍ଲବ ଚାଲିଛି। ଦୀର୍ଘଦିନରୁ ଏଠାରେ କ୍ରିକେଟ ବେପାର ଚାଲିଥିଲେ ବି କୌଣସି କାରଣରୁ ବିଜେବି କଲେଜ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରୁଥିଲେ। ଏହାପରେ ଏହାର ଆଖପାଖ ଜମିକୁ ଜବରଦଖଲ କରି ସେଠାରେ ବିବାହ ମଣ୍ଡପ ଚାଲିଛି। ବର୍ଷସାରା ସିଜନ ବେପାର। ବାହାଘରଠାରୁ ବ୍ରତଘର ଓ ଅନ୍ୟାନ୍ୟ ଭୋଜିଭାତ ଆୟୋଜନ ସହିତ ଏଠାରେ ଭଲ ବେପାର ଚାଲିଥିଲା।

ନିଜ ଜମି ଉପରେ ଏହି ଦୁଇ ପ୍ରକାର ବେପାର ଚାଲିଥିବା ନଜରକୁ ଆସିଥିବାବେଳେ ଏବେ ପୁଣିଥରେ ଗୋଟିଏ ହୋଟେଲ ଖୋଲିଥିବା ଦେଖିବାକୁ ପାଇଛନ୍ତି କଲେଜ କର୍ତ୍ତୃପକ୍ଷ। କେତେକ ବ୍ୟକ୍ତି ସେଠାରେ ହୋଟେଲ ଖୋଲି ଶସ୍ତା ଦରରେ ମିଲ୍ ବିକୁଛନ୍ତି।

୭୦ ଟଙ୍କାରେ ମିଲ୍ ମିଳୁଥିବାରୁ ଆଖପାଖର ଲୋକଙ୍କ ସହିତ କଲେଜ ଷ୍ଟାଫ୍ ବି ବେଳେବେଳେ ସେଠାରେ ଭୋଜନ କରୁଛନ୍ତି।

ତେବେ ସରକାରୀ ଜମିରେ ଏତେ ପ୍ରକାର ବେପାର ଚାଲିଥିବାବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଜାଣି ଅଜଣା ରହିଥିବା ଆଲୋଚନା ହେଉଛି। କାରଣ ବିବାହ ମଣ୍ଡପ ହେଉ କିମ୍ବା ହୋଟେଲ, ସେଠାରୁ ଆବର୍ଜନା ଉଠାଉଛି ବିଏମସି। ଆଖପାଖରେ ଝାଡୁ ବି ମାରୁଛି। ହେଲେ ସରକାରୀ ଜମିରେ ଏଭଳି ସେବା ଯୋଗାଉଥିବା ବିଏମ୍‌ସି ଜମିଟି କାହାର କିମ୍ବା ସଂସ୍ଥାର ମାଲିକ କିଏ, ତାହା ଜାଣିପାରୁନାହିଁ। ଓଲଟା ବିଏମ୍‌ସି ଏଠାରେ ମୋଟା ଅଙ୍କର ଅର୍ଥ ବ୍ୟୟ କରିଥିବା ନେଇ ଆଲୋଚନା ହେଉଛି।

ତେବେ ବିଜେବି କଲେଜ କର୍ତ୍ତୃପକ୍ଷ ନିଜ ଜମିରେ ତିନି ତିନିଟି ବେପାରକୁ ଠାବ କରିବା ପରେ ଏବେ ଜମି ଫେରାଇବା ଲାଗି ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ଏଥିରେ ସହଯୋଗର ହାତ ବଢ଼ାଇଛନ୍ତି କଲେଜର ଛାତ୍ରଛାତ୍ରୀ ଓ ଆଲୁମିନି ସଦସ୍ୟ। ଯଦି ଜମି ଫେରିବାରେ କୌଣସି ସମସ୍ୟା ଉପୁଜେ, ତେବେ ସେମାନେ ରାସ୍ତାକୁ ଓହ୍ଲାଇବା ପାଇଁ ମଧ୍ୟ ପ୍ରସ୍ତୁତ ଥିବା ସୂଚନା ମିଳିଲାଣି। ଅନ୍ୟ ପକ୍ଷରେ ଦୀର୍ଘଦିନ ଧରି ବିଜେବି କଲେଜ ଜମିରେ ବେପାର ଚଳାଉଥିବା ବ୍ୟକ୍ତି ଓ ସଂସ୍ଥା ଜମି ନଛାଡ଼ିବାକୁ ବିଭିନ୍ନ ସ୍ତରରେ ଉଦ୍ୟମ ଚଳାଇଛନ୍ତି। ତେବେ ରାଜ୍ୟର ଏହି ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନ କେବେ ତାହାର ଜମି ଫେରିପାଉଛି, ତାହା ଉପରେ ସମସ୍ତଙ୍କ ନଜର ।

### ଏକାଠି ଚାଲିବ...

କ୍ଷେତ୍ରରେ ମା'ମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। କିନ୍ତୁ କନ୍ୟା ସନ୍ତାନ ପାଇଁ ପୂର୍ବରୁ ୧୦ ହଜାର ଟଙ୍କା ଦିଆଯାଉଥିବା ବେଳେ ମିଳିତ ଯୋଜନାରେ ୧୨ ହଜାର ଟଙ୍କା ପ୍ରଦାନ କରାଯିବ। ସର୍ବାଧିକ ଦୁଇଟି ସନ୍ତାନ ଜନ୍ମ କ୍ଷେତ୍ରରେ ଏହି ସହାୟତା ମିଳିବ। ତେବେ ଆଦିମ ଜନଜାନତି(ପିଭିଟିଜି) ମହିଳାଙ୍କ କ୍ଷେତ୍ରରେ ଦୁଇଟି ସନ୍ତାନ ସୀମା ଲାଗୁ ହେବ ନାହିଁ ବୋଲି ସୂଚନା ଦିଆଯାଇଛି।

ସେହିପରି ସନ୍ତାନ ପ୍ରସବରେ ସହାୟତା କରୁଥିବା ଅଙ୍ଗନବାଡ଼ି କର୍ମୀମାନଙ୍କୁ ୨୦୦ ଟଙ୍କା ବଦଳରେ ୨୫୦ ଟଙ୍କା ଏବଂ ଅଙ୍ଗନବାଡ଼ି ସହାୟିକାମାନଙ୍କୁ ୫୦ ଟଙ୍କା ପରିବର୍ତ୍ତେ ୧୫୦ ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ଏହି ଉଭୟ ଯୋଜନାର ସମ୍ମିଳିତ କାର୍ଯ୍ୟକାରିତା ପାଇଁ ଆସନ୍ତା ଆର୍ଥିକ ବର୍ଷରେ ପ୍ରାୟ ୫୧୧ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଏଥିପାଇଁ କେନ୍ଦ୍ର ସରକାର ୧୧୫.୯୭ କୋଟି ଟଙ୍କା ପ୍ରଦାନ କରିବାବେଳେ ରାଜ୍ୟ ସରକାର ୩୯୫.୭୫ କୋଟି ଟଙ୍କା ଯୋଗାଇ ଦେବେ । ଏହାଦ୍ୱାରା ପ୍ରାୟ ୪ ଲକ୍ଷ ୫୦ ହଜାର ଗର୍ଭବତୀ ଓ ପ୍ରସୂତି ମହିଳା ଉପକୃତ ହେବାର ସମ୍ଭାବନା ରହିଛି ।

## ସଦରଥାନା-କ୍ଷେତ୍ରିବରପୁର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



**ନୟାଗଡ଼, ୧୧।୨ (ସଂଚାର ବ୍ୟୁରୋ) :** ନୟାଗଡ଼ ନୂତନ ଡି.ଏ.ଭି. ସ୍କୁଲ ନିକଟରେ ନୂତନ ରାସ୍ତା ନିର୍ମାଣ ନିମନ୍ତେ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇ ଭୂମି ପୂଜନ କରିଛନ୍ତି। ଉକ୍ତ ରାସ୍ତା ସଦର ଥାନା ଠାରୁ ସଦରଥାନା-କ୍ଷେତ୍ରିବରପୁର ରାସ୍ତା ପର୍ଯ୍ୟନ୍ତ ନିର୍ମାଣ ହେବ। ଦୁଇ ଲେନ ବିଶିଷ୍ଟ ଉକ୍ତ ରାସ୍ତା ନିର୍ମାଣ କରାଯିବ। ସଦର ଥାନା ଠାରୁ ଅଢ଼େଇ କିଲୋମିଟର ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣ ହେବ। ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପାଖାପାଖି ଦଶ କୋଟି ଟଙ୍କା ମଞ୍ଜୁରୀ କରାଯାଇଛି। ସଦରଥାନା-କ୍ଷେତ୍ରିବରପୁର ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଅଭିଷେକ ସିଂ ସାମନ୍ତ ନାମକ ଠିକାଦାର ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ନେଇଥିବା ବେଳେ ଚଳିତ ବର୍ଷ ଅକ୍ଟୋବର ୨୮ ତାରିଖ ଭିତରେ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ରାସ୍ତା ନିର୍ମାଣ ହେଲେ ନୟାଗଡ଼ ନୂଆ ବସଷ୍ଟାଣ୍ଡ ସହ ନୂଆଗାଁ ବ୍ଲକର ତିନି ଚାରୋଟି ପଞ୍ଚାୟତର ଜନସାଧାରଣ ଉପକୃତ ହେବେ। ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ କରିବା ପାଇଁ ମଧ୍ୟ ବାଟ ଖୋଲିବ। ଏମିତି ଉକ୍ତ ରାସ୍ତା ହେଲେ କ୍ଷେତ୍ରୀବରପୁର, ବଲଭଦ୍ରପୁର, ଖୁଣ୍ଟୁରୀ, ତୁଳସୀପୁର ଅଞ୍ଚଳର ଡେଭଲପମେଣ୍ଟ ହୋଇପାରିବ। କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସନ୍ତୋଷ ବେହେରା, କାର୍ଯ୍ୟ ନିର୍ବାହି ଯନ୍ତ୍ରୀ ଅଭିଷେକ ଓଝା, ସହକାରୀ ଯନ୍ତ୍ରୀ କିଶୋର ଚନ୍ଦ୍ର ଶତପଥୀ, ଡି.ଏ.ଭି. ସ୍କୁଲର ପ୍ରିନ୍ସପାଲ ସରୋଜ କୁମାର ମିଶ୍ର, ନୟାଗଡ଼ ପୌରଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, କାଉନସିଲର ଲକ୍ଷ୍ମୀଧର ମହାପାତ୍ର, ଜାନକୀ ବଲ୍ଲଭ ଜେନା ଓ ଶ୍ୟାମପ୍ରଭା ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## ୫ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେବେ ୯୨୨ଜଣ ପରୀକ୍ଷାର୍ଥୀ



- ସିସିଟିଭି ନଜରରେ ରହିବ ୫ଟି ସ୍କୁଲ
- ସ୍ୱତନ୍ତ୍ର ଡେସପାଚ ଟିମ୍ ନିଯୁକ୍ତି

**କାକଟପୁର/ଅସ୍ତରଙ୍ଗ, ୧୧।୨ (ସଂଚାର ବ୍ୟୁରୋ) :** ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଚଳିତ ମାଟ୍ରିକ ପରୀକ୍ଷା ଫେବୃଆରୀ ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୬ରେ ସରିବ। ପରୀକ୍ଷାକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ନୋଡାଲ ସେଣ୍ଟର ଓ ଏଥିରେ ସାମିଲ କେନ୍ଦ୍ରଗୁଡ଼ିକର ତାଲିକା ରୂପରେଖ ପ୍ରସ୍ତୁତ କରାଯାଇଛି। ଚଳିତ ବର୍ଷ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୫ଟି ପରୀକ୍ଷା କେନ୍ଦ୍ରରେ ୯୨୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଛାତ୍ର ଛାତ୍ରୀ ଙ୍କ ସୁବିଧା ଦୃଷ୍ଟିରୁ ୨୦୧୮ମସିହାରୁ ୧୦କିଲୋମିଟର ମଧ୍ୟରେ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପରୀକ୍ଷା ଦେବାର ବ୍ୟବସ୍ଥା ହୋଇଛି। ତେଣୁ ଅଧିକାଂଶ ପରୀକ୍ଷା କେନ୍ଦ୍ର ସିସିଟିଭି ସ୍କାନରରେ ରହିବ ବୋଲି ଆଶା କରାଯାଉଛି। ମିଳିଥିବା ସୂଚନା ଅନୁସାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ୫ଟି ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ଜନତା ହାଇସ୍କୁଲ ବନ୍ତିଲୋ ରେ ୧୧୧ଜଣ, ଐଶାନେଶ୍ୱର ବିଦ୍ୟାପୀଠ, ଅଠଡିରା ୨୬୭ଜଣ, ପାଟଳଦା ହାଇସ୍କୁଲ, ପାଟଳଦା ୧୬୨ଜଣ, ସୁରେନ୍ଦ୍ର ନାଥ ବିଦ୍ୟାପୀଠ ସୁନ୍ଦର ୧୮୭ଜଣ ଓ ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ, ଅସ୍ତରଙ୍ଗ ରେ ୧୯୫ଜଣ ପରୀକ୍ଷାର୍ଥୀ ଦେବାକୁ ଥିବା ବେଳେ ମୋଟ ୯୨୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପରୀକ୍ଷା ପରିଚାଳନା କୁ ଅବାଧ ଏବଂ କପି ମୁକ୍ତ କରିବାକୁ ସ୍ୱତନ୍ତ୍ର ସ୍କୁଆଡ଼ ଗଠନ କରାଯିବ। ପରୀକ୍ଷା ପରେ ଉତ୍ତର ଖାତା ଗୁଡ଼ିକ ଡେସପାଚ ଟିମ୍ ଦ୍ୱାରା ସଂଗ୍ରହ କରାଯାଇ ବୋର୍ଡ ଜିମା ଦିଆଯିବ। ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ସାରିବା ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି।

### ବନପାଳଙ୍କ ନିଷ୍କ୍ରିୟତା ଯୋଗୁଁ କାଠ ମାଫିଆଙ୍କ ପ୍ରାଦୁର୍ଭାବ ବଢୁଛି

# ପଦା ହୋଇଗଲାଣି ମୂଲ୍ୟବାନ ଗଛଭରା ଜଙ୍ଗଲ

**କୋଣାର୍କ, ୧୧।୨ (ସଂଚାର ବ୍ୟୁରୋ) :** କୋଣାର୍କ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ରାମଚଣ୍ଡୀ ବିଟ୍ ହାଉସ ଦାୟିତ୍ୱରେ ଥିବା ବନପାଳଙ୍କ ନିଷ୍କ୍ରିୟତା ଯୋଗୁଁ ଏହି ସେକ୍ସନରେ ଥିବା ଜଙ୍ଗଲରେ କାଠ ମାଫିଆଙ୍କ ପ୍ରାଦୁର୍ଭାବ ଯୋଗୁଁ ବ୍ୟାପକ କାଠ ଚୋରା ଚାଲାଣ ବୃଦ୍ଧି ଘଟଣାକୁ ନେଇ ପରିବେଶବିତ ଓ ପ୍ରକୃତିପ୍ରେମୀ ମହଲରେ ଉଦବେଗ ପ୍ରକାଶ ପାଇଛି।

**ସୁରକ୍ଷା ବ୍ୟବସ୍ଥା କାଗଜ କଲମରେ ସୀମିତ**
**ପରିବେଶବିତ୍‌ଙ୍କ ତଦନ୍ତ ଦାବି**



ଖବରରୁ ପ୍ରକାଶ ଯେ ରାମଚଣ୍ଡୀ ଫରେଷ୍ଟ ବିଟ ହାଉସ ଦାୟିତ୍ୱରେ ଥିବା ଫରେଷ୍ଟର ନିଜ ଦାୟିତ୍ୱ ସଠିକ ଭାବେ ସଂପାଦନ କରୁ ନ ଥିବା ବେଳେ ସଂପୃକ୍ତ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ରାମଚଣ୍ଡୀ ଅଂଚଳରେ ଦିନକୁ ଦିନ କାଠ ମାଫିଆମାନେ ବନ କର୍ମଚାରୀ ମାନଙ୍କ ଆଖିରେ ଧୂଳି ଦେଇ କଞ୍ଚା ଝାଉଁ ଓ ଆକାଶୀ ଗଛ କାଟି ଜଙ୍ଗଲ ପଦା କରିବାରେ ଲାଗିଛନ୍ତି। ରାମଚଣ୍ଡୀ ଫରେଷ୍ଟ ବିଟ ହାଉସ ଅଧିନ ଖାଲକଟାପାଟଣା ସନ୍ନିକଟ ପଞ୍ଚମୁଖୀ ହନୁମାନ ମନ୍ଦିର ସଂଲଗ୍ନ ଜଙ୍ଗଲରୁ ହଜାର ହଜାର ସଂଖ୍ୟାରେ ଝାଉଁ ଓ ଆକାଶୀ ଗଛ କଟାଯାଇ ଚୋରା ଚାଲାଣ ହେଉଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। କାଠ ମାଫିଆଙ୍କ ସହିତ ରାମଚଣ୍ଡୀ ଫରେଷ୍ଟ ବିଟ ହାଉସ ଅଧିକାରୀଙ୍କ ଭିତିରି ବୁଝାମଣା ଓ ମଧୁ ଚନ୍ଦ୍ରିକା ନୀତି ଯୋଗୁଁ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲ ଦିନକୁ ଦିନ ଶ୍ରୀହୀନ ହେବାରେ ଲାଗିଛି ବୋଲି ପରିବେଶବିତ ଓ ପ୍ରକୃତିପ୍ରେମୀ ମହଲରେ ଆଲୋଚନା ହେଉଛି। ବାଲୁଖଣ୍ଡ ଅଭୟାରଣ୍ୟ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ରକ୍ଷକ ହୋଇ ଭକ୍ଷକ ସାଜିବା ନୀତି ଯୋଗୁଁ ସବୁଜ ବନାନୀ ଭରା ଜଙ୍ଗଲ ଏବେ ଲୋପ ହେବାକୁ ବସିଛି ବୋଲି ପ୍ରକୃତି ପ୍ରେମୀ ଓ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି।

କାଠ ମାଫିଆଙ୍କ ବିରୋଧରେ ବନବିଭାଗର ଏଭଳି ଲଗାମ ଛଡା ଓ ବେପରୁଆ ମନୋଭାବ ଯୋଗୁଁ ରାମଚଣ୍ଡୀ ଫରେଷ୍ଟ ବିଟ ହାଉସ ଅଧିନସ୍ଥ ଇଡିସି ଅଂଚଳରେ ଅବାଧ ଗଛ କଟା ବୃଦ୍ଧି ପାଇବା ସହିତ ପରିବେଶ ପ୍ରତି ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଛି। ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲର ସୁରକ୍ଷା ଓ କାଠ ମାଫିଆଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରାମଚଣ୍ଡୀ ଫରେଷ୍ଟ ବିଟ ହାଉସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ, ବିଭାଗୀୟ ସଚିବ, ମୁଖ୍ୟ ଶାସନ ସଚିବ, ପୁରୀ ଜିଲ୍ଲାପାଳ ଓ ଜିଲ୍ଲା ବନ ଅଧିକାରୀ ଦୃଷ୍ଟି ଦେବାକୁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ପରିବେଶବିତ, ବରିଷ୍ଠ ନାଗରିକ, ପ୍ରକୃତିପ୍ରେମୀ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

## ବିଜେପିର ସମର୍ପଣ ଦିବସ

**ନବରଙ୍ଗପୁର, ୧୧।୨ (ସଂଚାର ବ୍ୟୁରୋ) :** ପ୍ରତି ବର୍ଷ ଫେବୃଆରୀ ଏଗର ତାରିଖ ପଣ୍ଡିତ ଦିନଦୟାଲ ଉପଧ୍ୟାଙ୍କ ପୁଣ୍ୟ ତିଥିରେ ଭାରତୀୟ ଜନତା ପାର୍ଟି "ସମର୍ପଣ ଦିବସ "ରୁପେ ପାଳନ କରି ଆସୁଅଛି । ପଣ୍ଡିତ ଦିନଦୟାଲ ଉପଧ୍ୟାଙ୍କ ଜନ୍ମ ୨୫ ସେପ୍ଟେମ୍ବର ୧୯୧୬ ଉତ୍ତର ପ୍ରଦେଶର ମଥୁରା ଜିଲ୍ଲାର ଏକ ଗ୍ରାମରେ ହୋଇଥିଲା। ସେ ଅତ୍ୟନ୍ତ ଗରିବ ପରିବାରର, ବାଲ୍ୟ ବୟସରୁ ପରିବାରର ମୃତ୍ୟୁ ଦେଖିଛନ୍ତି। ମାମୁ ଘରେ ପାଠ ପଢି ବଢ଼ିଲେ। ୧୯୩୭ରେ ଆରଏସଏସରେ ସାମିଲ ହୋଇଥିଲେ। ୧୯୫୨ରେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସଂସ୍ପର୍ଶରେ ଆସି ଭାରତୀୟ ଜନ ସଂଘର ସ୍ଥାପନା କରିଥିଲେ ଏବଂ ଅଦ୍ଧକ୍ଷତା ମଧ୍ୟ କରିଥିଲେ। ସେ ଭାରତକୁ କୃଷି, ରକ୍ଷା ଓ ନ୍ୟାୟ କ୍ଷେତ୍ରରେ ଏକ ଆତ୍ମନିର୍ଭର ରାଷ୍ଟ୍ର ରୁପେ ଦେଖିବାକୁ ଚାହିଁଥିଲେ। ସେ ଏକାତ୍ମ ମାନବ ବାଦ ପ୍ରତିଷ୍ଠିତ ପ୍ରତିକ ଥିଲେ। ଦର୍ଶନ ଓ ବିଚାରକ ଥିଲେ, ସେ ଶାସନ ଓ ରାଜନିତିର ବୌକଳ୍ପିକ ରେ ବିଶ୍ୱାସ ରଖୁଥିଲେ ।

ଦୁଃଖର ବିଷୟ ୧୯୬୮ ଫେବୃଆରୀ ଏଗାର ତାରିଖ ଦିନ ତାଙ୍କର ରହସ୍ୟଜନକ ମୃତ୍ୟୁ ଘଟିଥିଲା। ଏହି ପରିପ୍ରେକ୍ଷୀରେ




ଆଜି ଉମରକୋଟ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟ ଠାରେ ତାଙ୍କରି ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଓ ପୁଷ୍ପାଞ୍ଜଳୀ ଅର୍ପଣ କରି ଧୂପ ଦୀପ ପ୍ରଜ୍ୱଳନ କରି ସ୍ମୃତିଚାରଣ କରାଯାଇଥିଲା ଏଥିରେ ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ କୁମାର ପାଢୀ, ବିଧାନସଭା ସଂଯୋଜକ ଶୁରେସ ଆଚାର୍ଯ୍ୟ, ମହିଳା ସାଧାରଣ ସମ୍ପାଦିକା ମନ୍ଦିରା ନାୟକ, ପୂର୍ବତନ ନଗର ସଭାପତି ଗୋପୀନାଥ ସାହୁ, ନଗର ସଭାପତି ସନ୍ତୋଷ ଶର୍ମା, ପ୍ରଦୀପ ମିଶ୍ର, ସନ୍ତୋଷ ସରକାର, ଅଭିରାମ ଦାସ, ରମେଶ ଦାସ, ପ୍ରମୋଦ ନାୟକ, ଶଂକର ଭାଇ, ସାନ ଭାଇନା ଏଭଳି ବହୁ ବିଜେପି କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।ଏହି ଶ୍ରଦ୍ଧାଞ୍ଜଳୀ ସଭାକୁ ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ ପରିଚାଳନା କରିଥିଲେ ।

## ବିଜେପିରେ ମିଶିଲେ ବିଜେଡି ଓ କଂଗ୍ରେସ କର୍ମୀ

**କାକଟପୁର/ଅସ୍ତରଙ୍ଗ, ୧୧।୨ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ରେ ସଶକ୍ତ ହେଉଛି ବିଜେପି। ମଙ୍ଗଳବାର ସନ୍ଧ୍ୟା ସମୟରେ ଅସ୍ତରଙ୍ଗ ବ୍ଲକ କୋରଣା ଗ୍ରାମ ପଂଚାୟତ ଗାଙ୍ଗପୁର ଗ୍ରାମରେ ଗାଙ୍ଗେଶ୍ୱରୀ ମନ୍ଦିର ପ୍ରାଙ୍ଗଣ ରେ ଅସ୍ତରଙ୍ଗ ମଣ୍ଡଳ-୧ର ସଭାପତି ଇନ୍ଦ୍ରମଣି ଜେନା ଓ ଦିବାକର ଛାଟୋଇଙ୍କ ନେତୃତ୍ୱ ରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି ରେ ସାମିଲ ହୋଇଛନ୍ତି ଗାଙ୍ଗପୁର




ଗ୍ରାମର ୨୫ରୁ ଉର୍ଦ୍ଧ ପରିବାର। ବିଜେଡି ଓ କଂଗ୍ରେସ ପରିତ୍ୟାଗ କରି ବିଜେପି ରେ ମିଶିଛନ୍ତି। ଆଗାମୀ ପଂଚାୟତ ନିର୍ବାଚନ ପୂର୍ବରୁ ସଶକ୍ତ ହେଉଛି ବିଜେପି।ଏହି ମିଶ୍ରଣ ପର୍ବରେ ନରେନ୍ଦ୍ର ପ୍ରଧାନ, କପିଳ ପ୍ରଧାନ, ମାୟାଧର ବାଗ, ବିଚିତ୍ରାନନ୍ଦ ପ୍ରଧାନ ପ୍ରମୁଖ ମିଶ୍ରଣ ପର୍ବସମୟରେ ଉପସ୍ଥିତ ଥିଲେ।

## ଲୋକଙ୍କ ପାଇଁ କାଳ ସାଜିଛି ଜାତୀୟ ରାଜପଥ

**ବୈଶିଙ୍ଗା, ୧୧।୨ (ସଂଚାର ବ୍ୟୁରୋ) :** ବୈଶିଙ୍ଗା ବଜାର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଜଳ ନିଷ୍କାସନ ପାଇଁ ଠିକ୍ ଭାବରେ ଡ୍ରେନ୍ ନିର୍ମାଣ ହୋଇ ନ ଥିବାରୁ ଯାନବାହନ ଚଳାଚଳରେ ବାଧାପ୍ରାପ୍ତ ହେବା ସହିତ ସାଧାରଣ ଲୋକ ତଥା ସାଇକେଲ ଓ ବାଇକ ଚାଳକଙ୍କୁ ବିପଦରେ ପକାଉଛି। ଅଧିକ ବର୍ଷା ହେଲେ ରାଜପଥ ଉପରେ ପାଣି ପ୍ରବାହିତ ହେଉଛି। ବଜାର ମଧ୍ୟ ଭାଗରେ ଏକ କିଲୋମିଟର ଲମ୍ବର ଉଡନ୍ତା ପୋଲ ନିର୍ମାଣ ହୋଇଥିବାରୁ ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ପାଇଁ ଆପ୍ରୋଚ୍ ରୋଡ ନିର୍ମାଣ ହୋଇଛି ସତ ମାତ୍ର ଠିକ୍ ମାପ ଯୋଗରେ ତିଆରି ହୋଇ ନ ଥିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟି ଚାଲିଛି।

ତିନି ଶହ ମିଟର ବ୍ୟବଧାନରେ ଏହି ରାଜପଥକୁ ଦୁଇଟି ସ୍ଥାନରେ ମାଣତ୍ରୀ ରାସ୍ତା ଓ ରୁପସା ରାସ୍ତା ସଂଯୋଗ କରୁଥିବାରୁ ଦୁଇଟି ଅଣ୍ଡରପାସ୍ ନିର୍ମାଣ ହେବାର ଯୋଜନା ରହିଥିଲା। ମାତ୍ର ଶେଷ ମୂହୁର୍ତ୍ତରେ ଦୁଇଟି କରିବା ବଦଳରେ ୫୦୦ ମିଟର ବ୍ୟବଧାନର ମଧ୍ୟ ଭାଗରେ ହିଁ ଗୋଟିଏ ଅଣ୍ଡରପାସ୍ ନିର୍ମାଣ ହୋଇଥିବାରୁ ଟ୍ରାଫିକ ନିୟମର ଉଲଙ୍ଘନ ଘଟାଇ ଯାନବାହନ ଚଳାଚଳ କରିବା ହେତୁ ଏଭଳି ଦୁର୍ଘଟଣାର ଶୀକାର ହେଉଛନ୍ତି ଗାଡି ଚାଳକମାନେ। ଏହି ଆପ୍ରୋଚ୍ ରୋଡର ଶେଷ ଭାଗରେ ଓଭରବ୍ରୀଜ୍ ପାଣି ବୋହି ଆସି ଗୋଟିଏ ସ୍ଥାନରେ ରାସ୍ତା ପାର୍ଶ୍ୱକୁ ବୋହିବା ଯୋଗୁଁ ରାସ୍ତା ପାର୍ଶ୍ୱରେ ପ୍ରାୟ ଦଶ ଫୁଟ ଗଭୀରର



ଗର୍ତ୍ତ ସୃଷ୍ଟି ହେବା ସହ ପିଚୁ ରାସ୍ତାର ତଳ ପାର୍ଶ୍ୱକୁ ଖାଇ ଚାଲାଣି। ପାର୍ଶ୍ୱବର୍ତ୍ତୀ ଘରମାନଙ୍କରେ ରହୁ ଥିବା ଲୋକେ ଏଥିପାଇଁ ପ୍ରମାଦ ଗଣୁଛନ୍ତି। କେତେବେଳେ କେଉଁ ମୂହୁର୍ତ୍ତରେ ତାଙ୍କ ଘର ଗୁଡ଼ିକୁ ଟାଣି ନେଇଯିବ ତାହା କିଏ କହିବ।ଡ୍ରେନେଜ୍ ବ୍ୟବସ୍ଥା ହୋଇଥିଲେ ଏ ଦୁର୍ଦ୍ଦଶା ଦେଖିବାକୁ ମିଳି ନଥାନ୍ତା। ଦୁଇ ମାସ ଧରି ଓଭର ବ୍ରିଜ୍‌ର ଉଭୟ ପାର୍ଶ୍ୱରେ ଆଲୋକୀକରଣ ପାଇଁ ଲଗାଯାଇଥିବା ଷ୍ଟ୍ରୀଟ୍ ଲାଇଟ୍‌ର କେତେକ ସ୍ଥାନରେ ଜଳୁନାହିଁ। କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ଫଳପ୍ରଦ ହୋଇପାରି ନାହିଁ। ଏଣୁ ତୁରନ୍ତ ଏହାର ପ୍ରତିକାର ନିମନ୍ତେ ଦାବୀ ହେଉଛି। ଏଥି ସହିତ ଓଭରବ୍ରିଜ୍‌ର ଉଭୟ ପାର୍ଶ୍ୱ ସଫେଇ କରା ନ ଯିବା ଯୋଗୁଁ ପରିବେଶ ପ୍ରଦୂଷଣ ହେବାରେ ଲାଗିଛି।

### ବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

## ଅଙ୍କିତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା

**କାକଟପୁର/ଅସ୍ତରଙ୍ଗ, ୧୧।୨ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ପ୍ରାଥମିକ ବିଦ୍ୟାଳୟ ସ୍ତରୀୟ ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ବ୍ଲକ ଶିକ୍ଷାଅଧିକାରୀ କାର୍ଯ୍ୟାଳୟର ସୂଚନା କ୍ରମେ ୫ମ ଶ୍ରେଣୀରୁ ୧୪ଜଣ ମେଧାବୀ ଛାତ୍ର ଛାତ୍ରୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ରାଇକଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ର ଛାତ୍ରୀ ଅଙ୍କିତା ସ୍ୱାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ରାଇକଣା ଗ୍ରାମର ଅକ୍ଷୟ ସ୍ୱାଇଁଙ୍କ ଝିଅ



ଅଙ୍କିତା ସ୍ୱାଇଁ ବୃତ୍ତି ପରୀକ୍ଷାରେ ଯୋଗ୍ୟ ବିବେଚିତ ହେବା ପରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ବାନାମ୍ବର ବେହେରା ଓ ଶିକ୍ଷୟିତ୍ରୀ ଜାନକୀ ସାମାଡ଼ ଙ୍କ ଉପସ୍ଥିତ ରେ କୃତି ଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା।

# କଣାସ ଅଞ୍ଚଳରେ ଥମିଲା ଝାଡ଼ାବାନ୍ତି

**କଣାସ, ୧୧।୨ (ସଂଚାର ବ୍ୟୁରୋ) :** କଣାସ ବ୍ଲକରେ ଡିସେମ୍ବର ମାସ ପ୍ରଥମ ସପ୍ତହରୁ ଗଡ଼ିଶାଗୋଦା ଗ୍ରାମପଞ୍ଚାୟତର ନୂଆଗାଁ ଗ୍ରାମରେ ଝାଡାବାନ୍ତି ଆରମ୍ଭ ହୋଇ ତିନି ଜଣ ବ୍ୟକ୍ତି ମୃତ୍ୟୁ ବରଣ କରିଥିବାବେଳେ ପାଖ ଗ୍ରାମ ନଇକୂଳପାଟଣାରେ ଝାଡାବାନ୍ତି ଲାଗି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବାବେଳେ ଗୋପୀନାଥପୁର ପଞ୍ଚାୟତର ଜାଗୁଳାଇପଦର ଗ୍ରାମରେ ଝାଡାବାନ୍ତି ଲାଗି ଜଣଙ୍କର ମୃତ୍ୟୁ ହୋଇଥିଲା। ଦିନକୁ ଦିନ ପାଖଗ୍ରାମ କଳାପଦର, ଗୋପୀନାଥପୁର, ପାଇକମରା, ହରିହରପାଟଣା, ଯାମଳଗୋଦା, ଗଡ଼ିଶାଗୋଦା ପ୍ରଭୃତି ଆଖପାଖ ଗ୍ରାମରେ ଝାଡାବାନ୍ତି ମାଡି ଚାଲିଥିଲା। ଯାହାଫଳରେ କି ଜିଲ୍ଲା ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ହୋଇପଡ଼ିଥିଲା।

ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ପୁରୀ ଜିଲ୍ଲା ମୂଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ରୁପଭାନୁ ମିଶ୍ର ବାରମ୍ବାର ଝାଡାବାନ୍ତି ଅଞ୍ଚଳ ଗସ୍ତ କରି ଦୟାନଦୀର ଜଳ ପ୍ରଦୁଷିତ ଥିବା ଯୋଗୁଁ ଝାଡାବାନ୍ତି ଗାଁକୁ ଗାଁ ବ୍ୟାପିଥିବା ଜାଣିବା ପରେ ଦୟାନଦୀ କୂଳରେ ଥିବା ୪୨ଟି ଗ୍ରାମକୁ ଦୟାନଦୀ ଜଳ ବ୍ୟବହାର ନକରିବାକୁ ନିର୍ଦ୍ଦେଶ ଦେବା ସହିତ ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ଝାଡାବାନ୍ତି ଲାଗିଥିବା ଗ୍ରାମଗୁଡିକରେ ଟ୍ୟାଙ୍କର ଯୋଗେ ପର୍ଯ୍ୟାପ୍ତ ପରିମାଣର ଜଳ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେବାପରେ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟ ଉପସ୍ଥିତ ରହି ଝାଡାବାନ୍ତି ଲାଗିଥିବା ୨୨ଟି ଗ୍ରାମକୁ ୩୪ଟି ଟ୍ୟାଙ୍କର ଯୋଗେ ଦୈନନ୍ଦିନ ଜଳ ଯୋଗାଣ କାର୍ଯ୍ୟ ଚାଲୁ ରଖିଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ନୂଆଗାଁ ଓ ଜାଗୁଳାଇପଦର ଗ୍ରାମରେ ଦୁଇଟି ଅସ୍ଥାୟୀ ସ୍ୱାସ୍ଥ୍ୟସେବା କେନ୍ଦ୍ର ଖୋଲାଯାଇ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ରହି ଗାଁକୁ ଗାଁ ବୁଲି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛନ୍ତି। ସେହିପରି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପୁରୀରୁ ତିନି ଜଣ ଡାକ୍ତର ଆସି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପସ୍ଥିତ ରହି ଝାଡାବାନ୍ତି ରୋଗୀମାନଙ୍କ ଚିକିତ୍ସା କରୁଛନ୍ତି। ଆଶାକର୍ମୀ ଓ ଅଙ୍ଗନବାଡି କର୍ମୀ ଘରକୁ ଘର ବୁଲି ଜଳ ଫୁଟାଇ ପିଇବା ପାଇଁ ନିର୍ଦ୍ଦେଶ ଦେବା ସହ ଜଳ ବିଶୋଧନ ପାଇଁ ହଲୋଜିନ ଟାବଲେଟ ଦେଉଛନ୍ତି। ଯାହାଦ୍ୱାରାକି ୫ ଦିନ ହେଲା କେହି ଝାଡାବାନ୍ତିରେ ଆକ୍ରାନ୍ତ ହୋଇନଥିବା ଜଣାପଡ଼ିଛି।

## ମହିମା ଆଶ୍ରମରେ ଚତୁର୍ଦ୍ଦଶୀ ମେଳା

**ନାଉଗାଁ, ୧୧।୨ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଦ୍ୱିତୀୟ ଯୋରନ୍ଦା ନାମରେ ଅଭିହିତ ଶାଳିଜଙ୍ଗା ମହିମା ଆଶ୍ରମରେ ମଙ୍ଗଳବାର ମାଘ ଚତୁର୍ଦ୍ଦଶୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହିମା ଆଶ୍ରମର ବାବା ଗଦାଧର ଦାସ ଅଖଣ୍ଡ ଝାଡ ଦୀପ ଲଗାଇଥିଲେ। ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳି ସମେତ ମହିମା ଅଲେଖ ଡାକରେ ଆଶ୍ରମ ପରିସର ପ୍ରକମ୍ପିତ ହୋଇ ଉଠିଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ଶ୍ରଦ୍ଧାଳୁ ପ୍ରାତଃ ସମୟରୁ ଉକ୍ତ ପୀଠକୁ ଆସିବାର ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ଧୁନିରେ ପକାଇବା ପାଇଁ ଘିଅ, ନଡିଆ, କଦଳୀ ଆଦି ଆଣି ଆସିଥିଲେ। ଆଶ୍ରମ ପରିସରରେ ଥିବା ଶୂନ୍ୟ ମନ୍ଦିର ତଥା ଅନ୍ୟାନ୍ୟ ମନ୍ଦିର ଗୁଡିକ ରଙ୍ଗବେରଙ୍ଗର ଫୁଲରେ ସଜ୍ଜା ଯାଇଥିଲା। ସଂଧ୍ୟା ସମୟରେ ଶତାଧିକ ଶ୍ରଦ୍ଧାଳୁଙ୍କର ସମାଗାମ ହୋଇଥିଲା।

## ଷ୍ଟୁଡିଓ ମାଲିକଙ୍କୁ ହତ୍ୟା ମାମଲାରେ ୨ ଗିରଫ

**ଯାଜପୁରରୋଡ, ୧୧।୨ (ସଂଚାର ବ୍ୟୁରୋ):** ଯାଜପୁର ରୋଡ ଥାନା ଅନ୍ତର୍ଗତ ସୋବରା ଅଂଚଳରେ ଗତ ଶନିବାର ରାତିରେ ଘଟିଥିବା ଏକ ବୀଭତ୍ସ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଯାଜପୁର ରୋଡ଼ ପୋଲିସ୍ ଧରିବାରେ ସଫଳତା ହାସଲ କରିଛି। ଗତ ୯ ତାରିଖରେ ଓମ ଡିଜିଟାଲ ଫିଲ୍ମ ଷ୍ଟୁଡିଓର ମାଲିକ ଦୀପକ କୁମାର ସାହୁଙ୍କୁ ହତ୍ୟା କରାଯାଇଥିଲା। ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟାଇଥିବା ଅଭିଯୁକ୍ତ ହେଲେ ଯାଜପୁର ରୋଡ଼ ଥାନା ଅଧୀନସ୍ଥ ସୋବରା ଗ୍ରାମର ଶ୍ରୀଧର କବି(୨୩) ଓ ରାମଚନ୍ଦ୍ର ପୁର ଥାନା ଅଧୀନସ୍ଥ ପୁରାଣ ଗଡ଼ ବାନ୍ଦଗୋଡା ଗ୍ରାମର ବିଶ୍ୱ ରଞ୍ଜନ ପଟ୍ଟନାୟକ (୨୩) ବୋଲି ଯାଜପୁର ଜିଲ୍ଲାର ଏସପି ଶ୍ରୀ ୟସ୍ ପ୍ରତାପ ଶ୍ରୀମଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏବଂ ଏପରିକି ଷ୍ଟୁଡିଓ ଭିତରେ ଥିବା ବିଭିନ୍ନ ଦାମି କ୍ୟାମେରା, ସୁନା ମୁଦି ଆଦି ସମସ୍ତ ସାଜ ସରଞ୍ଜାମକୁ ଲୁଟିଥିବା ସାମାନକୁ ଜବତ ହତ୍ୟାକାଣ୍ଡ ଘଟାଇଥିବା ଅଭିଯୁକ୍ତଙ୍କ ଠାରୁ ଜବତ କରାଯାଇଅଛି।

## ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରତିକାର ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା, ୧୧।୨ (ସଂଚାର ବ୍ୟୁରୋ) :** ଓଡ଼ିଶା ସରକାର ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ ଅନୁଯାଇ ଜିଲ୍ଲା ସ୍ତରୀୟ ଗ୍ରୀଷ୍ମ ପ୍ରବାହ ପ୍ରତିକାର ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ବିଡିଓ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦଙ୍କ ଅନୁମୋଦନ କ୍ରମେ ନିର୍ଦ୍ଦିଷ୍ଟ ସ୍ଥାନ ମାନଙ୍କରେ ପିଇବାପାଣି ଟାଙ୍କିର ବ୍ୟବସ୍ଥା କରାଯିବ। ଆରଡବ୍ଲୁଏସଏସ, ୱାଟକୋ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଡ଼ିଓ ଏବଂ ବିଏମସିର ଅଧିକାରୀମାନେ ଏଥି ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବେ। ଜନଗହଳିପୂର୍ଣ୍ଣ ସ୍ଥାନ ମାନଙ୍କରେ ଜଳଛତ୍ର ଖୋଲିବା ସହ ନାଳ ତଥା କେନାଲରେ ଆବଶ୍ୟକ ସ୍ଥଳେ ପାଣି ଛାଡିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ନିୟମିତ ସ୍ୱଚ୍ଛ ତଥା ବିଶୁଦ୍ଧ ଜଳ ସ୍ୱୟଂ ସହାୟକ ଗୋଷ୍ଠୀ ତଥା ଏନଜିଓ ମାନଙ୍କ ସହ ପରାମର୍ଶ କରି ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ ।

ଦିନ ସମୟରେ ଗୃହହିନ ଏବଂ ନିରାଶ୍ରୟଙ୍କୁ ଆଶ୍ରୟସ୍ଥଳ ଯୋଗାଇ ଦେବା ସହ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିବା, କାର୍ଯ୍ୟାଳୟ ମାନଙ୍କରେ ପାଣିର ବ୍ୟବସ୍ଥା କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପିଲାମାନଙ୍କୁ ସାଙ୍ଗରେ ପାଣି ବୋତଲ ଆଣି ଆସିବାକୁ ପରାମର୍ଶ ଦେଇଥଲେ। ଜିଲ୍ଲା ସମାଜ ମଙ୍ଗଳ



ଅଧିକାରୀଙ୍କୁ ଗର୍ଭବତୀ ମା ମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ, ପରିବହନ ଅଧିକାରୀ ଯାତାୟତ ବସରେ ପାନୀୟ ଜଳର ବ୍ୟବସ୍ଥା କରିବାକୁ, ଶ୍ରମ ଅଧିକାରୀଙ୍କୁ ପୂର୍ବାହ୍ନ ୧୧.୦୦ ଘଣ୍ଟାରୁ ଅପରାହ୍ନ ୩.୦୦ଟା ପର୍ଯ୍ୟନ୍ତ ଶ୍ରମିକମାନେ ଖରାରେ କାମ ନ କରିବାକୁ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ବିଦ୍ୟୁତ ବିଭାଗକୁ ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ସ୍ୱାସ୍ଥ୍ୟ ବିଭାଗ ତରଫରୁ ଓ ଆର୍ ଏସ, ଆବଶ୍ୟକୀୟ ଔଷଧ, ସ୍ୱତନ୍ତ୍ର ଅଂଶୁଘାତ ଜନିତ ୱାର୍ଡ ଏବଂ ଅଂଶୁଘାତଜନିତ ମୃତ୍ୟୁକୁ ତହସିଲଦାର ଏବଂ ମେଡିକାଲ ଅଫିସରଙ୍କ ମିଳିତ ଅନୁସନ୍ଧାନ ପରେ ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ ।

## ପତ୍ନୀହନ୍ତାକୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

**ବାରିପଦା, ୧୧।୨ (ସଂଚାର ବ୍ୟୁରୋ):** ଆଜି ଏକ ହତ୍ୟା ମାମଲାର ବିଚାର କରି ମାନ୍ୟବର ଆଡିସନାଲ ସେସନ ଜଜ କମ ସ୍ପେଶାଲ ଜଜ ଭିଜିଲାନ୍ସ ପୁର୍ଣିମା ଜେନା ଅଭିଯୁକ୍ତ ମୟୁରଭଞ୍ଜ ଜିଲ୍ଲା ମୋରଡା ଥାନା ଅନ୍ତରଗତ ଚିକଟାମାଟିଆ ଗ୍ରାମର ବିଦା ଏଲିଏସ ବିଦ୍ୟାଧର ନାଏକ (୭୦) କୁ ଭାରତୀୟ ନ୍ୟାୟ ସଂହିତା ଦଫା ୩୦୪(ଭାଗ-୨) ଆଇପିସି ଅନୁଯାୟୀ ଦଶବର୍ଷ ସଶ୍ରମ କାରାଦଣ୍ଡ ସମେତ ଦଶ ହଜାର ଟଙ୍କା ଜୋରିମାନା ଅନାଦେୟ ଅଧିକ ଛଅ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାର ବିବରାଣୀରୁ ପ୍ରକାଶ ଯେ ୨୦୨୨ ମଇ ୨୪ ତାରିଖରେ ଅଭିଯୁକ୍ତ ବିଦ୍ୟାଧର ନାଏକ ପତ୍ନୀ ପ୍ରଶୋନୀ ନାଏକଙ୍କୁ ଘରୋଇ କଳିକୁ ନେଇ ଏକ ଠେଙ୍ଗା ରେ ନିର୍ଘାତ ପିଟିବା ସହିତ ଗୋଇଠା ବିଧା ମଧ୍ୟ ମାରିଥିଲା।

## ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

**ନବରଙ୍ଗପୁର, ୧୧।୨ (ସଂଚାର ବ୍ୟୁରୋ) :** ରାଜ୍ୟ ମହିଳା କମିଶନଙ୍କ ତରଫରୁ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଦ୍ୱାରା ଆଜି ନବରଙ୍ଗପୁର ସହର ସ୍ଥିତ ବୈଭବ କଲ୍ୟାଣ ମଣ୍ଡପ ଠାରେ ବ୍ଲକ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ବ୍ଲକ ସ୍ତରୀୟ କର୍ମଶାଳାରେ ନବରଙ୍ଗପୁର ମାନ୍ୟବର ବିଧାୟକ, ନବରଙ୍ଗପୁର ଗୌରୀ ଶଙ୍କର ମାଝି ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି କର୍ମଶାଳାକୁ ଉଦଘାଟନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବ୍ଲକ ସ୍ତରୀୟ କର୍ମଶାଳାରେ ବିଧାୟକ ଗୌରୀ ଶଙ୍କର ମାଝି ନିଜର ବକ୍ତବ୍ୟରେ ଭାରତୀୟ ସଂସ୍କୃତିରେ ନାରୀମାନଙ୍କର ମହନୀୟତାକୁ ସ୍ମରଣ କରାଇବା ସହିତ ସାମ୍ବିଧାନିକ ବିଧିବ୍ୟବସ୍ଥାରେ ମହିଳା ମାନଙ୍କ ନିମନ୍ତେ ଅଧିକାର ଓ ନ୍ୟାୟ ଗୁଡ଼ିକ ଆଲୋଚନା କରିବା ସହିତ ସମସ୍ତ ମହିଳାମାନଙ୍କୁ ଆଇନ ସଂଗତ ଅଧିକାର ଏବଂ ସଚେତନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ ନିଜର ବକ୍ତବ୍ୟରେ ଭାରତୀୟ ସଂସ୍କୃତିରେ ଲକ୍ଷ୍ମୀ ସରସ୍ୱତୀ ଓ ଦୂର୍ଗାଙ୍କ ମହିମା ଉପରେ ଆଲୋକପାତ କରିବା ସହିତ ମହିଳା ମାନେ ନିଜକୁ ଦୁର୍ବଳା ବୋଲି ନିଜକୁ




ନଭାବି ପରିବାରରୁ ରାଷ୍ଟ୍ର ପର୍ଯ୍ୟନ୍ତ ନେତୃତ୍ୱନେବାକୁ ଆହ୍ୱାନ ଦେଇଥିଲେ। ମହିଳା ଅଧିକାର ଆଇନ ବିଶେଷଜ୍ଞ ଭାବରେ ଯୋଗଦେଇ ଆଡଭୋକେଟ କିଶୋରୀ ପଟ୍ଟନାୟକ ଓ ଆକ୍ସନଏଡ ର ଜିଲ୍ଲା ପରାମର୍ଶ ଦାତା ଫକିର ଚରଣ ରାଉତ ମହିଳା ମାନଙ୍କ ସୁରକ୍ଷା ନିମନ୍ତେ ଥିବା ଲିଙ୍ଗ ଭ୍ରୂଣ ନିରୂପଣ ନିବାରଣ ଆଇନ, ବାଲ୍ୟ ବିବାହ ନିଷେଦ୍ଧ ଆଇନ, ଯୌତୁକ ନିବାରଣ ଆଇନ, କର୍ମ ସ୍ଥଳରେ ମହିଳାଙ୍କୁ ଯୌନ ଶୋଷଣ ନିବାରଣ ଆଇନ, ଘରୋଇ ହିଂସା ନିବାରଣ ଆଇନ, ଡାହାଣୀ ନିବାରଣ ଆଇନ ଓ ମହିଳା ଚାଲାଣ ଆଇନ ଉପରେ ବିଷଦ ଭାବରେ ଆଲୋଚନା କରିବା ସହିତ, ମହିଳା ମାନଙ୍କ ନିମନ୍ତେ ଉଦିଷ୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ ଉପସ୍ଥିତ ମହିଳା ମାନଙ୍କୁ ବୁଝାଇ ଥିଲେ ।

## ଭିଜିଲାନ୍ସ ଜାଲରେ ତହସିଲଦାର, ୭ ସ୍ଥାନରେ ଏକକାଳୀନ ଚଢ଼ାଉ



**ଭୁବନେଶ୍ୱର,୧୧।୨ (ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ପୁଣି ଜଣେ ସରକାରୀ ବାବୁ । ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କ ଘରେ ରେଡ୍ ହୋଇଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଭିଯୋଗରେ ଭୁବନେଶ୍ୱର ଓ ବାଲେଶ୍ୱରର ୭ଟି ସ୍ଥାନରେ ଚାଲିଛି ଚଢାଉ। ରେଡ୍ ରେ ୬ ଡିଏସ୍‌ପି, ୩ ଇନ୍ସପେକ୍ଟର, ୧୦ ଏଏସ୍ଆଇ ସାମିଲ ଅଛନ୍ତି । ସ୍ପେଶାଲ ଜଜଙ୍କ ନିର୍ଦ୍ଦେଶରେ ଭିଜିଲାନ୍ସର ଚଢ଼ାଉ କରାଯାଉଛି । ରେମୁଣା କାର୍ଯ୍ୟାଳୟ, ବାଲେଶ୍ୱର ଭଡ଼ାଘର, ଭୁବନେଶ୍ୱରର ଶୈଳଶ୍ରୀବିହାର, ରୁଦ୍ରପୁର ଫ୍ଲାଟ, ବାଲେଶ୍ୱରର କୁରୁଡ଼ା ଓ ସୋରସ୍ଥିତ ଘରେ ଚଢ଼ାଉ କରାଯାଉଛି।

## ବନ୍ୟଜନ୍ତୁ ଅଙ୍ଗ ଚାଲାଣ ଅଭିଯୋଗରେ ୭ ଅଟକ, ବାଘ ଛାଲ ଜବତ



**ଦେବଗଡ଼,୧୧।୨ (ସଂଚାର ବ୍ୟୁରୋ):** ରିଆମାଳ ଥାନା ଅନ୍ତର୍ଗତ ତାରଙ୍ଗ ଗ୍ରାମରେ ରିଆମାଳ ଥାନା ପୁଲିସର ଚଢ଼ାଉ । ବେଆଇନ ବନ୍ୟ ଜନ୍ତୁ ଅଙ୍ଗ ତସ୍କରୀ ଅଭିଯୋଗରେ ୭ ଅଟକ । ବାଘ ଛାଲ ସହ ୨ ବାଇକ ଓ ୬ ମୋବାଇଲ ଫୋନ ଜବତ। ଏସଡିପିଓ ସୌମ୍ୟ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ରିଆମାଳ ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସ୍ୱତନ୍ତ୍ର ଟିମ କରିଥିଲେ ଚଢ଼ାଉ। ରିଆମାଳ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଏସପି ଅନିଲ କୁମାର ମିଶ୍ର ।

## ବ୍ୟାରିକେଡ ଭାଙ୍ଗି ଘରେ ପଶିଲା ବିଏମ୍‌ଡବ୍ଲୁ କାର, ଅଳ୍ପକେ ବର୍ତ୍ତିଗଲେ ଘରଲୋକ



**ଭୁବନେଶ୍ୱର,୧୧।୨ (ସଂଚାର ବ୍ୟୁରୋ):** ଘରେ ପଶିଗଲା ବିଏମ୍‌ଡବ୍ଲୁ । ଘର ଭିତରେ ଲୋକ ଶୋଇଥିବାବେଳେ ବିଳମ୍ବିତ ରାତିରେ ବାଡ଼ ଭାଙ୍ଗି ଭିତରେ ପଶିଯାଇଥିଲା । ଭୁବନେଶ୍ୱର ୟୁନିଟ ୪ ଅଞ୍ଚଳରେ ଶାସ୍ତ୍ରୀନଗର ଟ୍ରାଫିକ ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି । ତେବେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଘରଲୋକ। ଘର କାନ୍ଥ ଓ ବାରିକେଡ୍ ଭାଙ୍ଗିଯାଇଛି । ଗାଡ଼ିଟି ଏତେ ଜୋରରେ ପିଟି ହୋଇଥିଲା ଯେ, ସେଫ୍ଟି ବେଲୁନ୍ ବାହାରିଯାଇଥିଲା। ଗାଡି ମାଲିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଗାଡିରେ ଦୁଇ ଜଣ ଥିଲେ ବୋଲି ସୂଚନା ମିଳିଛି ।

● ଟଙ୍କପାଣି ସାଇମନ୍ଦିର ନିକଟରେ ଦୁର୍ଘଟଣା

## ବାଇକକୁ ଧକ୍କା ଦେଲା କାର, ୩ ମୃତ



**ଭୁବନେଶ୍ୱର,୧୧।୨ (ସଂଚାର ବ୍ୟୁରୋ):** ପୁଣି ପୁରୀ ବାଇପାସ ରାସ୍ତାରେ ଗଲା ଜୀବନ । ବାକକୁ ଧକ୍କା ଦେଲା କାର ଫଳରେ ୩ ଜଣଙ୍କର ମୃତ୍ୟୁ ହୋଇଛି । ଭୁବନେଶ୍ୱର ଟଙ୍କପାଣି ସାଇମନ୍ଦିର ନିକଟରେ ଘଟିଛି ଏହି ଭୟଙ୍କର ସଡ଼କ ଦୁର୍ଘଟଣା । ବର୍ତ୍ତମାନ ସୁଦ୍ଧା ମୃତକଙ୍କ ପରିଚୟ ମିଳିନାହିଁ । ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଜାରି ରଖିଛି । ମିଳିଥିବା ଖବର ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ତିନି ଜଣ ଯୁବକ ଏକ ବାକରେ ଯାଉଥିଲେ । ହେଲେ ପୁରୀ ବାଇପାସ ସାଇମନ୍ଦିର ନିକଟରେ ବାଇକକୁ ଧକ୍କା ଦେଇଥିଲା କାର୍। ଘଟଣାସ୍ଥଳରେ ତିନି ଜଣଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ସଂପର୍କରେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ମୃତକଙ୍କ ପରିଚୟ ମିଳିପାରିନାହିଁ । କାର୍ ମାଲିକଙ୍କୁ ଅଟକ ରଖିଛି ପୋଲିସ । କାରଟି ଜଗତସିଂହପୁରରୁ ପୁରୀ ଅଭିମୁଖେ ଯାଉଥିଲା । ପୋଲିସର ପ୍ରାଥମିକ ତଦନ୍ତ ରିପୋର୍ଟ ପରେ ଅନେକ କଥା ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି ।

### ରାଣୀହାଟ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ମୁଖ୍ୟମନ୍ତ୍ରୀ

# ବିଦ୍ୟାଳୟକୁ ଐତିହ୍ୟ ମାନ୍ୟତା, ୬ କୋଟିର ସହାୟତା

- ପିଏମ୍ ଶ୍ରୀ ଯୋଜନାରେ ୮୦୦ ସ୍କୁଲ ହେବ ଉତ୍କର୍ଷ କେନ୍ଦ୍ର
- କଟକର ସ୍ୱତନ୍ତ୍ର ପରିଚୟ ପାଲଟିଛି ରାଣୀହାଟ ବିଦ୍ୟାଳୟ



**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ଓଡ଼ିଶା ଇତିହାସର ଅନନ୍ୟ ମୂକସାକ୍ଷୀ ରାଣୀହାଟ ଉଚ୍ଚ ବିଦ୍ୟାଳୟ ଆଜିଠାରୁ ଶହେ ବର୍ଷରେ ପଦାର୍ପଣ କରିବାକୁ ଯାଉଛି ଏବଂ ଏହି ଖ୍ୟାତି ସମ୍ପନ୍ନ ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟର ମାନ୍ୟତା ଦିଆଯିବା ପାଇଁ ନିଷ୍ପତ୍ତି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଘୋଷଣା କରିଛନ୍ତି। କଟକସ୍ଥିତ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିଅମଠାରେ ଆୟୋଜିତ ରାଣୀହାଟ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଐତିହ୍ୟ ବିଦ୍ୟାଳୟ ଭାବେ ମାନ୍ୟତା ଦୃଷ୍ଟିରୁ ଏହାର ଆନୁଷଙ୍ଗିକ ବିକାଶ ପାଇଁ ୪ କୋଟି ଟଙ୍କା ଏହି ବିଦ୍ୟାଳୟକୁ ପ୍ରଦାନ କରାଯିବ ଓ ଏହାର ଉନ୍ନତିକରଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆହୁରି ୨ କୋଟି ଟଙ୍କା ଅନୁଦାନ ଦିଆଯିବ ବୋଲି ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୩୬ରେ ଯେତେବେଳେ ସ୍ୱତନ୍ତ୍ର ଓଡିଶା ତା'ର ୧୦୦ ବର୍ଷ ପୂରଣ କରିବ, ସେତେବେଳେ ରାଣୀହାଟ ଉଚ୍ଚ ବିଦ୍ୟାଳୟ ସେହି ୧୦୦ ବର୍ଷର ଅନ୍ୟତମ ସଫଳତାର କାହାଣୀ ବ୍ୟାଖ୍ୟା କରିବ। ଉତ୍କର୍ଷତାର କେନ୍ଦ୍ରବିନ୍ଦୁ ପାଲଟିବା ସହିତ ଶିକ୍ଷାଭୂମିର ଅନନ୍ୟ ଦୃଷ୍ଟାନ୍ତ ହୋଇ ଆଗାମୀ ପୀଢ଼ିକୁ ଦିଗଦର୍ଶନ ଦେବ। ଯେ କୌଣସି ଅନୁଷ୍ଠାନର ଯାତ୍ରାରେ ଶହେ ବର୍ଷ ସଫଳତାର ସହିତ ପୂର୍ଣ୍ଣ କରିବା ନିଶ୍ଚିତ ଭାବେ ଅଭିନନ୍ଦନୀୟ। ଶତାୟୁ ଅନୁଷ୍ଠାନ ରାଣୀହାଟ ଉଚ୍ଚବିଦ୍ୟାଳୟର ଇତିହାସ ଗୌରବମୟ ଓ ବଳିଷ୍ଠ। ଏହି ଶହେ ବର୍ଷ ମଧ୍ୟରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀମାନେ ସେମାନଙ୍କ ଅତୁଟ ସମର୍ପଣ ଏବଂ ପ୍ରତିବଦ୍ଧତା ପାଇଁ ଏହା ଏକ ସ୍କୁଲ ନୁହେଁ ବରଂ ଏହା କଟକ ସହରର ଏକ ସ୍ୱତନ୍ତ୍ର ପରିଚୟ ପାଲଟିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଣୀହାଟ ଉଚ୍ଚ ବିଦ୍ୟାଳୟ କେବଳ ଏକ ସ୍କୁଲ ନୁହେଁ, ଏହା କଟକ ସହରରର ଏକ ସ୍ୱତନ୍ତ୍ର ପରିଚୟ। ଏହି ବିଦ୍ୟାଳୟରେ କଟକ ସହରର ଅନେକ ତୁଙ୍ଗ ବ୍ୟକ୍ତିତ୍ୱ ପାଠପଢି ନିଜ ନିଜ କ୍ଷେତ୍ରରେ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଏହି ବିଦ୍ୟାଳୟରେ ପୂର୍ବତନ ସାଂସଦ ସ୍ୱର୍ଗତ ଜୟନ୍ତୀ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେ ଏବଂ ସ୍ୱର୍ଗତ ଦାମୋଦର ରାଉତଙ୍କ ପରି ଅନେକ ପ୍ରତିଭା ସମ୍ପନ୍ନ ସଫଳ ବ୍ୟକ୍ତିତ୍ୱ ନିଜର ଛାତ୍ର ଜୀବନ କଟେଇଛନ୍ତି। ଏହା ବ୍ୟତୀତ, ରାଣୀହାଟ ହାଇସ୍କୁଲର ପୂର୍ବତନ ଛାତ୍ରମାନଙ୍କ ମଧ୍ୟରେ ବିଶିଷ୍ଟ ଶିଳ୍ପପତି, ଯେପରିକି ଇମ୍ଫାର ପ୍ରତିଷ୍ଠାତା ସ୍ୱର୍ଗତ ବଂଶୀଧର ପଣ୍ଡା, ରୁଚି ମସଲାର ପ୍ରତିଷ୍ଠାତା ଶରତ କୁମାର ସାହୁ। ଏହି ସଫଳ ବ୍ୟକ୍ତିମାନଙ୍କ ଉତ୍କର୍ଷତା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସର୍ବଦା ପ୍ରେରଣା ହୋଇ ରହିଛି। ବ୍ରିଟିଶ୍ ଅମଳରୁ ରହିଥିବା ୩ଟି ଖୋଲା ଛାତ ଘରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟ, ଏବଂ ପରବର୍ତ୍ତୀ ସମୟରେ ବାଞ୍ଛାନିଧି ଶତପଥୀଙ୍କ ପ୍ରଚେଷ୍ଟାରେ ଚାଲୁଥିବା ଏହି ବିଦ୍ୟାଳୟ ବର୍ତ୍ତମାନ ଓଡ଼ିଶାର ଏକ ବୃହତ୍ତ ବିଦ୍ୟାଳୟ ଭାବେ ପରିଗଣିତ ହେଉଛି। ଏହି ଶତବାର୍ଷିକୀ ପାଳନ କେବଳ ଛାତ୍ରଛାତ୍ରୀଙ୍କ ପାଇଁ ନୁହେଁ ବରଂ ସମାଜ ପାଇଁ ମଧ୍ୟ ଶୈକ୍ଷିକ ବିକାଶକୁ ଅଭିବୃଦ୍ଧି ତଥା ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକଳାପ ବର୍ଷସାରା ପାଳନ କରିବା ଯୋଜନା ପ୍ରକୃତରେ ପ୍ରଶଂସନୀୟ ବୋଲି ସେ କହିଥିଲେ। ଆମ ସରକାର ଆମ ଛାତ୍ରଛାତ୍ରୀଙ୍କ ପାଇଁ ଉତ୍କୃଷ୍ଟ ଶୈକ୍ଷିକ ସୁଯୋଗ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ, ଏବଂ ଆମେ ଆମ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟର ଭିତ୍ତିଭୂମିକୁ ନବୀକରଣ କରିବାକୁ ଯୋଜନା କରୁଛୁ ଯାହା ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଆଧୁନିକ ଶିକ୍ଷା ସୁବିଧା ମିଳିବା ସହିତ ଶିକ୍ଷାର ମଧ୍ୟ ମାନ ବୃଦ୍ଧି ହେବ।

### ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଏଚଆଇଏଫ୍ ପ୍ରତିନିଧିଦଳ

# ଅକ୍ଷୟ ଶକ୍ତି କ୍ଷେତ୍ରରେ ୧ ବିଲିଅନ୍ ଡଲାର୍ ନିବେଶ କରିବ




**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ ପରେ ମଧ୍ୟ ଓଡ଼ିଶାକୁ ନିବେଶର ସୁଅ ଛୁଟି ଚାଲିଛି। ଚିଲିର ବହୁରାଷ୍ଟ୍ରୀୟ କମ୍ପାନୀ ଏଚଆଇଏଫ ଗ୍ଲୋବାଲ ଇଣ୍ଡିଆ ଓଡ଼ିଶାରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏନେଇ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଇ-ଫୁଏଲ ଉତ୍ପାଦନ ନେଇ କମ୍ପାନୀ ପକ୍ଷରୁ ଏକ ଉପସ୍ଥାପନା ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନିକଟରେ ଉପସ୍ଥାପିତ କରାଯାଇଛି। ସାମ୍ପ୍ରତିକ ସମୟରେ ବାୟୋଫୁଏଲର ଯଥେଷ୍ଟ ଚାହିଦା ରହିଥିବା ବେଳେ ପରିବେଶ ସୁରକ୍ଷା ସହ ଜୈବମଣ୍ଡଳର ସନ୍ତୁଳନ ରକ୍ଷା କ୍ଷେତ୍ରରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଚଆଇଏଫ ସମ୍ପ୍ରତି ଯୁକ୍ତରାଷ୍ଟ୍ର ଆମେରିକା, ଚିଲି, ଉରୁଗୁଏ, ଅଷ୍ଟ୍ରେଲିଆ ଆଦି ଦେଶରେ ମିଥାନଲ ସିନ୍ଥେସିସ୍ କ୍ଷେତ୍ରରେ କାର୍ଯ୍ୟ କରୁଛି। ଓଡ଼ିଶାରେ ମଧ୍ୟ କମ୍ପାନୀ ୧ ବିଲିୟନ ଆମେରିକୀୟ ଡଲାର ନିବେଶ ପୂର୍ବକ ମିଥାନଲ ସିନ୍ଥେସିସ୍ ପ୍ରକଳ୍ପ ଆରମ୍ଭ କରିବାକୁ ଆଗ୍ରହୀ ରହିଛି। ସରକାରୀ ନିୟମାବଳୀ ଅନୁସାରେ କମ୍ପାନୀ ନିବେଶ କରିବାକୁ ପ୍ରସ୍ତୁତ ଥିବା ବେଳେ ଏଥିପାଇଁ ଆବଶ୍ୟକ ୫୦ ଏକର ଜମି, ଜଳ ଓ ବିଦ୍ୟୁତ ଯୋଗାଣ ଭଳି ଆନୁଷଙ୍ଗିକ ସୁବିଧା ଯୋଗାଇଦେବା ସକାଶେ ସରକାରଙ୍କୁ ନିବେଦନ କରିଛି। ଆଲୋଚନା ସମୟରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଓଡ଼ିଶାର ପରିବେଶ ଏବେ ନିବେଶ ପାଇଁ ଶତପ୍ରତିଶତ ଅନୁକୂଳ ରହିଛି। ସରକାରୀ ନିୟମାନୁଯାୟୀ ଆମେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରସ୍ତୁତ ଅଛୁ। ଆମର ନିବେଶ ଅନୁକୂଳ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ବ୍ୟବସ୍ଥା ମଧ୍ୟ ରହିଛି। ନିବେଶ କ୍ଷେତ୍ରରେ କମ୍ପାନୀ ଏହାର ବ୍ୟବହାର କରିପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରାରମ୍ଭିକ କ୍ଷେତ୍ରରେ ୨୫୦ରୁ ଉର୍ଦ୍ଧ୍ୱ ଓ ପରବର୍ତ୍ତୀ ସମୟରେ ୫ ଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ରୋଜଗାର ମିଳିପାରିବ ବୋଲି ଆକଳନ କରାଯାଇଛି। ସେହିପରି କମ୍ପାନୀ ବାର୍ଷିକ ସାଢ଼େ ୩ ଲକ୍ଷ ଟନର ଇ-ମିଥାନଲ ଉତ୍ପାଦନ କରିବ। ଯାହାଦ୍ୱାରା ୯୫ ପ୍ରତିଶତ କାର୍ବନ ନିର୍ଗମନ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ଇପିକଲ ଏମଡି ଭୂପିନ୍ଦର ସିଂ ପୁନିଆ, ଟାଟା ପାୱାର ଓ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

● 'ଏକ ସ୍ୱାସ୍ଥ୍ୟ'ର ଏସ୍‌ଏପି ଓ ଆଇଡିଏସପି-ଆଇଏଚ୍‌ଆଇପି ବାର୍ଷିକ ରିପୋର୍ଟ ଉନ୍ମୋଚିତ

## ପ୍ରତିଷ୍ଠା ହେବ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଅପରେସନ କେନ୍ଦ୍ର




**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ରାଜ୍ୟରେ ଜନସ୍ୱାସ୍ଥ୍ୟକୁ ଅଧିକ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଆଜି ଲୋକସେବା ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ 'ଏକ ସ୍ୱାସ୍ଥ୍ୟ' କାର୍ଯ୍ୟକ୍ରମର ଷ୍ଟେଟ ଆକ୍ସନ ପ୍ଲାନ (ଏସ୍‌ଏପି) ଓ ଆଇଡିଏସପି-ଆଇଏଚ୍‌ଆଇପିର ବାର୍ଷିକ ରିପୋର୍ଟକୁ ଉନ୍ମୋଚନ କରିଛନ୍ତି। 'ଏକ ସ୍ୱାସ୍ଥ୍ୟ' କାର୍ଯ୍ୟକ୍ରମରେ ଓଡ଼ିଶାରେ ଏକ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଅପରେସନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଭାରତ ସରକାରଙ୍କ ସହ ସ୍ୱାକ୍ଷରିତ ହୋଇଥିବା ବୁଝାମଣାପତ୍ର ମଧ୍ୟ ଉନ୍ମୋଚିତ ହୋଇଛି। ସମ୍ଭାବ୍ୟ ଜରୁରୀକାଳୀନ ଜନସ୍ୱାସ୍ଥ୍ୟ ପରିସ୍ଥିତି ପାଇଁ ପ୍ରାକ୍ ପ୍ରସ୍ତୁତି ଓ ପ୍ରତିକ୍ରିୟା କ୍ଷମତାକୁ ବୃଦ୍ଧି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି। 'ଏକ ସ୍ୱାସ୍ଥ୍ୟ'ର ଏସ୍‌ଏପିରେ ମାନବ ସ୍ୱାସ୍ଥ୍ୟ, ପଶୁ ସ୍ୱାସ୍ଥ୍ୟ ଏବଂ ପରିବେଶ ସ୍ୱାସ୍ଥ୍ୟର ସମନ୍ୱିତ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରାଯାଇଛି। ଏହା ଜୁନୋଟିକ୍ ରୋଗର ନୀରିକ୍ଷଣ ଓ ପ୍ରତିକ୍ରିୟା ପ୍ରଣାଳୀକୁ ମଜବୁତ କରିବା ସହ ଉଭୟ ମାନବ ଏବଂ ପଶୁ ସ୍ୱାସ୍ଥ୍ୟରେ ଆଣ୍ଟିମାଇକ୍ରୋବିଆଲର ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହିତ ଏବଂ ସ୍ୱାସ୍ଥ୍ୟ, କୃଷି ଏବଂ ପରିବେଶ କ୍ଷେତ୍ର ମଧ୍ୟରେ ଅନ୍ତଃବିଭାଗୀୟ ସହଭାଗିତାକୁ ସୁଦୃଢ଼ କରିବ। ଆଇଡିଏସପି-ଆଇଏଚ୍‌ଆଇପିର ବାର୍ଷିକ ରିପୋର୍ଟ-୨୦୨୪ରେ ବିଗତ ବର୍ଷର ସମନ୍ୱିତ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମ ଓ ସମନ୍ୱିତ ସ୍ୱାସ୍ଥ୍ୟ ସୂଚନା ପ୍ଲାଟଫର୍ମର ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ଭାରତ ସରକାରଙ୍କ ଏନସିଡିସିର ଯୁଗ୍ମ ନିର୍ଦ୍ଦେଶିକା ଡା. ସିମ୍ମି ତିୱାରୀ, ଏନଏଚଏମ (ଓଡ଼ିଶା)ର ମିଶନ ନିର୍ଦ୍ଦେଶିକା ଡା. ବୃନ୍ଦା ଡି, ଏନସିଡିସି ଓ ଆଇଡିଏସପି-ଆଇଏଚ୍‌ଆଇପିର ପରାମର୍ଶଦାତା ଡା. ବିନିତା ଗୁପ୍ତା, ରାଜ୍ୟ ଆଇଡିଏସପି ସେଲର ସଦସ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ବରିଷ୍ଠ ବିଭାଗୀୟ ଅଧିକାରୀ, ଜିଲ୍ଲା ନୀରିକ୍ଷଣ ଦଳ ଯୋଗ ଦେଇଥିଲେ।

### କ୍ୟୋର ଇଣ୍ଡିଆ ଟ୍ରଷ୍ଟ ସହ ଓଡ଼ିଶା ସରକାରଙ୍କ ବୁଝାମଣା

## ଦୁଇ ବର୍ଷ ବଢ଼ିଲା କ୍ଲବଫୁଟ ଅଭିଯାନ ଅବଧି

- କ୍ଲବଫୁଟ କ୍ଷେତ୍ରରେ ତ୍ୱରିତ ଚିକିତ୍ସା ଜରୁରୀ: ସ୍ୱାସ୍ଥ୍ୟମନ୍ତ୍ରୀ
- କ୍ଲବଫୁଟର ଚିକିତ୍ସା ପାଇଁ ଅସ୍ତ୍ରୋପ୍ରଚାର ଜରୁରୀ ନୁହେଁ: ଡା. ଜର୍ଜ




**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାର କ୍ୟୋର ଇଣ୍ଡିଆ ଟ୍ରଷ୍ଟ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଫଳରେ ରାଜ୍ୟରେ କ୍ଲବଫୁଟ ଅଭିଯାନକୁ ଆଉ ଦୁଇ ବର୍ଷ ସମ୍ପ୍ରସାରିତ କରାଯାଇଛି। କ୍ଲବଫୁଟ ଦ୍ୱାରା ପ୍ରଭାବିତ ହେଉଥିବା ନବଜାତ ଶିଶୁମାନଙ୍କ ସମ୍ପୂର୍ଣ୍ଣ ମାଗଣା ଓ ଉତ୍ତମ ଚିକିତ୍ସା ଏହି ଚୁକ୍ତିନାମାର ମୁଖ୍ୟ ଆଭିମୁଖ୍ୟ। 'କ୍ଲବଫୁଟ କ୍ଷେତ୍ରରେ ପ୍ରାରମ୍ଭିକ ଚିକିତ୍ସା ଅର୍ଥାତ ପ୍ରଥମ ଏକ/ଦୁଇ ମାସ ନବଜାତଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନବଜାତ ଶିଶୁ କ୍ଲବଫୁଟ୍‌ରେ ଆକ୍ରାନ୍ତ ହୋଇଥିବା ଜାଣିବା କ୍ଷଣି ପିତାମାତା ତୁରନ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ ସହଯୋଗୀଙ୍କ ସାହାଯ୍ୟ ନେଲେ ଏହି ରୋଗକୁ ସମ୍ପୂର୍ଣ୍ଣ ପରାହତ ଭାବେ କରାଯାଇପାରିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ସେହିପରି କ୍ୟୋର ଇଣ୍ଡିଆ ଟ୍ରଷ୍ଟ ବିନା ଦେୟରେ ଏହି ସେବା ଯୋଗାଉଥିବାରୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଟ୍ରଷ୍ଟକୁ ସାଧୁବାଦ ଜ୍ଞାପନ କରିବା ସହ ରାଜ୍ୟବାସୀ ଏହି ଚିକିତ୍ସା ସୁଯୋଗର ପୂର୍ଣ୍ଣ ଫାଇଦା ନେବାକୁ ପରାମର୍ଶ ଦେଇଛନ୍ତି।
ଏ ସଂକ୍ରାନ୍ତରେ ଟ୍ରଷ୍ଟ ନିର୍ଦ୍ଦେଶକ ଡା. ସନ୍ତୋଷ ଜର୍ଜ କହିଛନ୍ତି ଯେ କ୍ଲବ୍‌ଫୁଟର ଚିକିତ୍ସା ପାଇଁ ଅସ୍ତ୍ରୋପଚାରର ବିଶେଷ ଆବଶ୍ୟକତା ନାହିଁ। ଟ୍ରଷ୍ଟ ଏହାର ଉପଚାର ପାଇଁ ୨୨ଟି ଆକାରର ସ୍ୱତନ୍ତ୍ର ଜୋତା ପ୍ରସ୍ତୁତ କରିଛି, ଯାହାକୁ ଶିଶୁମାନେ ରାତିରେ ଶୋଇବା ସମୟରେ ବ୍ୟବହାର କରିପାରିବେ। ସମ୍ପ୍ରତି କ୍ଲବଫୁଟ ଚିକିତ୍ସାର ସଫଳତା ହାର ପାଖାପାଖି ୫୦ ପ୍ରତିଶତ ରହିଛି। ସରକାରଙ୍କ ନିରନ୍ତର ସହଯୋଗ ମାଧ୍ୟମରେ ଆସନ୍ତା କିଛି ବର୍ଷ ମଧ୍ୟରେ ଏହାକୁ ଶତ ପ୍ରତିଶତ କରାଯାଇପାରିବ ବୋଲି ଡା ଜର୍ଜ ଆଶା ପ୍ରକାଶ କରିଛନ୍ତି। ଆଜି ସ୍ୱାକ୍ଷରିତ ହୋଇଥିବା ଚୁକ୍ତି ଅନୁସାରେ, ସାରା ରାଜ୍ୟରେ କ୍ଲବ୍‌ଫୁଟର ଚିକିତ୍ସା ସୁବିଧା ଉପଲବ୍ଧ ହେବା ସହ ପୋନସେଟୀ ପଦ୍ଧତି ମାଧ୍ୟମରେ ସ୍ୱାସ୍ଥ୍ୟ ସହଯୋଗୀ ଓ ଆଶା କର୍ମୀଙ୍କୁ କ୍ଲବଫୁଟର ସଂଶୋଧନ ପାଇଁ ଅଣସର୍ଜିକାଲ୍ କୌଶଳ ସମ୍ବନ୍ଧରେ ବ୍ୟାପକ ପ୍ରଶିକ୍ଷଣ ପ୍ରଦାନ କରାଯାଇପାରିବ। ସେହିପରି କ୍ୟୋର୍ ଇଣ୍ଡିଆ ଟ୍ରଷ୍ଟ ଅଭିଯାନ ସହ ଜଡ଼ିତ ସମସ୍ତ ଖର୍ଚ୍ଚ ବହନ କରିବ। ଗତ ଡିସେମ୍ବର ୧୮ ତାରିଖ ସୁଦ୍ଧା ଟ୍ରଷ୍ଟ ପକ୍ଷରୁ ରାଜ୍ୟର ୬ ,୩୦୧ ଶିଶୁଙ୍କ ଚିକିତ୍ସା କରାଯାଇଛି। ଏହି ଚୁକ୍ତିନାମା ଗତ ୧୬ ଜାନୁଆରୀରୁ ଆସନ୍ତା ୨୦୨୭ ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ, ବିଭାଗୀୟ ଯୁଗ୍ମ ଶାସନ ସଚିବ ଜସ୍ମିନ ପଟ୍ଟନାୟକ, କ୍ୟୋର ଇଣ୍ଡିଆ ଟ୍ରଷ୍ଟର ରାଷ୍ଟ୍ରୀୟ ସଂଯୋଜକ ଡା ଅତୁଲା ଜମିର, କ୍ୟୋର ଇଣ୍ଡିଆ ଟ୍ରଷ୍ଟର ରାଜ୍ୟ ସଂଯୋଜକ ଉପାସନା ସାହୁ ଉପସ୍ଥିତ ଥିଲେ।

## ୨୭ କ୍ୱିଣ୍ଟାଲ୍‌ରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ, ବେପାରୀ ଫେରାର୍

**ବୌଦ୍ଧ,୧୧।୨(ସଂଚାର ବ୍ୟୁରୋ):** ଆଜି ଭୋର ସମୟରେ ବୌଦ୍ଧ ଜିଲ୍ଲା ପୁଲିସ ବାଘିଆପଡ଼ା ଓ ଖଣ୍ଡବର ରାସ୍ତା କଡ଼ରେ ପାଣ୍ଡେଇ ଛକ ନିକଟରୁ ୨୭ କ୍ୱିଣ୍ଟାଲ୍‌ରୁ ଉର୍ଦ୍ଧ୍ୱ ଓଜନର ଗଞ୍ଜେଇ ଜବତ କରିଛି। ଚୋରା ଚାଲାଣ ନେଇ କୌଣସି ସୂତ୍ରରୁ ସୂଚନା ପାଇବା ପରେ ପୁଲିସ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ତେବେ ଏହି ଚାଲାଣରେ ଲିପ୍ତ ଥିବା ୩ ଜଣ ବେପାରୀ ଫେରାର୍ ହୋଇଯାଇଛନ୍ତି। କିନ୍ତୁ ସେମାନଙ୍କୁ ଧରିବା ସକାଶେ ପୁଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ମିଳିଥିବା ସୂଚନାନୁସାରେ, ସ୍ଥାନୀୟ ଅଞ୍ଚଳର ବାସିନ୍ଦା ତରଣୀ ସୁନା, ଦେବେନ୍ଦ୍ର ସୁନା ଓ ପୂର୍ଣ୍ଣ ସାହୁ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ପୁଲିସ୍ ଆଜି ଆଜି ଅଚାନକ ଚଢ଼ାଉ କରିଥିଲା। ତେବେ ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଗଞ୍ଜେଇ ଛାଡ଼ି ଖସି ପଳାଇବାରେ ସକ୍ଷମ ହୋଇଥିଲେ। ପୁଲିସ୍ ୨୭ କ୍ୱିଣ୍ଟାଲ୍ ୨୦ କିଲୋଗ୍ରାମ୍ ଓଜନର ଗଞ୍ଜେଇକୁ ଜବତ କରିବା ସହ ଏନେଇ ୭୫/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ ରାଜ୍ୟ ପୁଲିସ୍ ଡିଜି ଯୋଗେଶ ବାହାଦୁର ଖୁରାନିଆ ଗଞ୍ଜେଇ ଚୋରା ଚାଲାଣ ତଥା ନିଶା ଦ୍ରବ୍ୟ ଚୋରା ଚାଲାଣ ଉପରେ ରୋକ ଲଗାଇବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ବିଭିନ୍ନ ସ୍ଥାନରେ ପୁଲିସ ପକ୍ଷରୁ ଏହି ଅଭିଯାନକୁ ଜୋରଦାର କରାଯାଇଛି। ଗତ ବର୍ଷ ନଭେମ୍ବର ୧ରୁ ଏହି ଅଭିଯାନ ଆରମ୍ଭ ହୋଇଥିବା ବେଳେ ଅଦ୍ୟାବଧି ୫୯୧ଟି ମାମଲା ରୁଜୁ କରାଯାଇଥିବା ବେଳେ ପ୍ରାୟ ୨୫ ହଜାର ଏକରରୁ ଅଧିକ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ନଷ୍ଟ କରାଯାଇଛି। ଏହି ଅଭିଯାନ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଲେଙ୍କା ଗଲେ, ଠିକା କର୍ମଚାରୀ କେବେ ଯିବେ ?

# ଅଧିକାରୀ ଗଲେ, ଠିକା କର୍ମଚାରୀ ରହିଲେ

- ଘଣ୍ଟ ଘୋଡ଼ାଇଛନ୍ତି କମିସନର
- ଯାନବାହନ ଟେଣ୍ଡର କେଳେଙ୍କାରୀ




**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ଯାନବାହାନ ଟେଣ୍ଡରକୁ ନେଇ ବିବାଦକୁ ଆସିଥିବା ବିଏମ୍‌ସି ଡେପୁଟି କମିସନର ଶେଷରେ ଭୁବନେଶ୍ୱର ଛାଡ଼ିଛନ୍ତି। କଟକକୁ ବଦଳି ହେବା ପରେ ମଧ୍ୟ ସେ ବିଏମ୍‌ସିରେ ରହିବା ପାଇଁ ମସୁଧା କରୁଥିବା ନେଇ ଯେଉଁ ଚର୍ଚ୍ଚା ଚାଲିଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।। କମିସନର ରାଜେଶ ପ୍ରଭାକର ପାଟିଲ ଟେଣ୍ଡର ସମେତ ସମ୍ପୃକ୍ତ ଅଧିକାରୀଙ୍କୁ ସମର୍ଥନ କରିଆସୁଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ତାଙ୍କ ମୁଣ୍ଡ ଉପରୁ ହାତ ଉଠାଇ ଆଣିଛନ୍ତି। ଟେଣ୍ଡର ଅନିୟମିତତା ହୋଇଥିବା ଓ ବିବାଦୀୟ ଡେପୁଟି କମିସନରଙ୍କ ପଛରେ କମିସନରଙ୍କ ପ୍ରଚ୍ଛନ୍ନ ହାତ ଥିବା ନେଇ ସାରା ରାଜ୍ୟରେ ଚର୍ଚ୍ଚା ହେବା ପରେ କମିସନର ସରକାରୀ ଆଦେଶକୁ ବେଖାତିର କରିବାକୁ ସାହସ ଜୁଟାଇ ପାରି ନାହାନ୍ତି। ଯଦିଓ କମିସନର ଶ୍ରୀ ପାଟିଲ୍ ସରକାରୀ ଆଦେଶକୁ ଦଳିମକଚି ଦେଇଥିବା ଏକାଧିକ ଉଦାହରଣ ରହିଛି। ତେବେ ଅଧିକାରୀ ସିନା ଗଲେ, କିନ୍ତୁ ପୂର୍ବରୁ ପେଟ୍ରୋକାର୍ଡରେ ହୋଇଥିବା ଦୁର୍ନୀତି ଏବେ ବି ବିଏମ୍‌ସିକୁ କବଳିତ କରି ରଖିଛି। ବିଏମ୍‌ସିର ବିଭିନ୍ନ ଗାଡ଼ିରେ ଦିନକୁ ପଡୁଥିବା ଲକ୍ଷାଧିକ ଟଙ୍କାର ତେଲ ବାବଦକୁ ଆସୁଥିବା କମିସନ ଦରମା ଆକାରରେ ନେଇ ଯାଉଥିବା ଠିକା ମହିଳା କର୍ମଚାରୀ ଏବେ ମଧ୍ୟ ବିଏମ୍‌ସିରେ ଅଛନ୍ତି। ତେଲରୁ ଆସୁଥିବା ଯେଉଁ କମିସନ ରାଜସ୍ୱ ଆକାରରେ ବିଏମ୍‌ସି ପାଣ୍ଠିକୁ ଯିବା କଥା, ତାହା ସେ ଠିକା କର୍ମଚାରୀ ନେଇଯାଉଛନ୍ତି। ଅଧିକାରୀଙ୍କୁ ବସିବାକୁ ଯାଗା ମିଳୁନଥିବା ବେଳେ ତାଙ୍କୁ ବିଏମ୍‌ସି-ଆଇସିଓଏମ୍‌ସି କୋଠାର ପ୍ରଥମ ମହଲାରେ ଚାମ୍ବର ଦିଆଯାଇଛି। ସମ୍ପୃକ୍ତ ମହିଳା ଠିକା କର୍ମଚାରୀ ଏକ ଆଉଟ୍‌ସୋର୍ସିଂ ସଂସ୍ଥା ଜରିଆରେ ନିଯୁକ୍ତି ପାଇଥିଲେ ମଧ୍ୟ ସମ୍ପୃକ୍ତ ବିବାଦୀୟ ଅଧିକାରୀ ହିଁ ନିଯୁକ୍ତି ଦେଇଥିଲେ। ଯିବାଆସିବା ପାଇଁ ସମ୍ପୃକ୍ତ ମହିଳା ଠିକା କର୍ମଚାରୀଙ୍କୁ ଗାଡ଼ି ମଧ୍ୟ ଦିଆଯାଇଥିବା ନେଇ ସେତେବେଳେ ଅଭିଯୋଗ ହୋଇଥିଲା। ହେଲେ କୌଣସି ଅଭିଯୋଗକୁ ଖାତିର ନକରି କମିସନର ଡେପୁଟି କମିସନରଙ୍କ ସମସ୍ତ ସୁପାରିସ ଉପରେ ମୋହର ମାରିଥିଲେ। ଗୋଟିଏ ପଟେ ତେଲ କମିସନ ସମ୍ପୃକ୍ତ ମହିଳା କର୍ମଚାରୀ ନେଉଥିବା ବେଳେ, ଏଣେ ବିଏମ୍‌ସିର ଯେଉଁ ସ୍ଥାୟୀ କର୍ମଚାରୀ ଏହି ତେଲ ହିସାବ ରଖୁଥିଲେ ସେ ବସି ବସି ଘରକୁ ଯାଉଛନ୍ତି। ଏ କଥା ଆମେ କହୁନାହୁଁ ବରଂ ଏ ନେଇ ବାରମ୍ବାର କର୍ପୋରେସନ ବୈଠକରେ ଉଠିଛି। ତେଲ କମିସନ କାହିଁକି ବିଏମ୍‌ସି ପାଣ୍ଠିକୁ ଆସିବ ନାହିଁ? କାହିଁକି ସ୍ଥାୟୀ କର୍ମଚାରୀ ଥାଉଥାଉ ଠିକା ଥଇଥାନ ହୋଇଥିବା କର୍ମଚାରୀ କମିସନର ନେଇଯିବେ? କମିସନର କାହିଁକି ଏ ସବୁକୁ ଅଣଦେଖା କରୁଛନ୍ତି? ଏଭଳି ଗଦାଗଦା ଅଭିଯୋଗ ହୋଇଥିଲେ ମଧ୍ୟ କମିସନର ସବୁ ଜାଣି କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲେ। ଯେଉଁ କେତୋଟି ହାତଗଣତି କର୍ପୋରେଟର ଏହି ପ୍ରସଙ୍ଗରେ ତୀବ୍ର ବିରୋଧ କରୁଥିଲେ ସେମାନେ କମିସନରଙ୍କ ଅସମ୍ଭବ ନୀରବତା ଦେଖି ନୀରବି ଗଲେଣି। ଏଣୁ କଙ୍କଡ଼ାକୁ ଗୋଳି ପାଣି ଭଳି କମିସନରଙ୍କୁ ବିଏମ୍‌ସି ସୁହାଇଛି। ଯାନବାହନ ଟେଣ୍ଡର ବାତିଲ୍ କରିବା ନେଇ କର୍ପୋରେସନ ବୈଠକରେ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଏହାର ତଦନ୍ତ କରିବାକୁ କମିସନର ନିଷ୍ପତ୍ତି ନେଲେ। ବିଏମ୍‌ସିରେ ମାସେ ହେବ ନିଯୁକ୍ତି ପାଇଥିବା ଜଣେ ଅଧିକାରୀଙ୍କୁ ସେ ଦାୟିତ୍ୱ ଦେଲେ। କିନ୍ତୁ ଏହି ଗାଡ଼ି କାରବାର ବାବଦରେ ଆମୂଳଚୂଳ ଜାଣିଥିବା ଅତିରିକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ସମସ୍ତ ନିୟମକାନୁନ୍‌କୁ ଜଳାଞ୍ଜଳି ଦେଇ ରାତିଅଧିଆ ବଦଳି କରିଦେଲେ। ତଦନ୍ତ ହୋଇ ରିପୋର୍ଟ ଆସିଲା। ସେଥିରେ ଟେଣ୍ଡର ଡାକିଥିବା ବିବାଦୀୟ ଅଧିକାରୀଙ୍କୁ କ୍ଲିନ୍‌ଚିଟ୍ ମିଳିଲା। ତଥାପି ଏଥିରେ ତ୍ରୁଟି ଦର୍ଶାଇ କର୍ପୋରେଟର ହଲ୍ଲା କରିବାରୁ ମେୟରଙ୍କ ଅଧ୍ୟକ୍ଷତାରେ ପୁଣି କମିଟି ଗଠନ କରି ତଦନ୍ତ କରିବାକୁ ନିଷ୍ପତ୍ତି ନେଲେ। ଏବେ ଏହି କମିଟି ରିପୋର୍ଟକୁ ଅପେକ୍ଷା କରାଯାଉଛି। କିନ୍ତୁ ଟେଣ୍ଡର ନେଇଥିବା କାମ ଯେମିତି ଚାଲିବା କଥା ଚାଲିଛି। ଟେଣ୍ଡର ବାତିଲ୍ ହେବ ନାହିଁ ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ବଢ଼ିଲା ସୁନା ରେଟ୍

ସାରା ବିଶ୍ୱରେ ବଢ଼ି ବଢ଼ି ଚାଲିଛି ସୁନା ଦର। ରେକର୍ଡ ସ୍ତରରେ ପହଞ୍ଚିଛି ସୁନା ମୂଲ୍ୟ। ଦୀପାବଳି ସୁଦ୍ଧା ଲକ୍ଷେ ଛୁଇପାରେ ସୁନା। ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମକୁ ୮୮ ହଜାର ପାର କଲାଣି। ଆଗକୁ ସୁନା ଦର ୯୦ ହଜାର ଅତିକ୍ରମ କରିବା ଆଶଙ୍କା କରାଯାଉଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୭ ହଜାର ୦୬୦ ଟଙ୍କା ଛୁଇଁଛି। ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୬ ହଜାର ୯୩୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୦ ହଜାର ୬୦୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନାଦର ୮୭ ହଜାର ୯୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାଦର ୮୦ ହଜାର ୬୦୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୦,୬୦୦ ଟଙ୍କା ଓ ୮୭,୯୩୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୦, ୭୫୦ ଟଙ୍କା ଓ ୮୮, ୦୮୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୦,୬୦୦ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୭, ୯୩୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୦,୬୦୦ ଟଙ୍କା ଓ ୮୭,୯୩୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୯, ୫୦୦ ଟଙ୍କା ହୋଇଛି।

# ସେନସେକ୍ସ ୧୦୦୦ ପଏଣ୍ଟ ହ୍ରାସ

**ମୁମ୍ବାଇ,୧୨:** ମଙ୍ଗଳବାର ଭାରତୀୟ ଷ୍ଟକ ବଜାରରେ ବଡ଼ଧରଣର ହ୍ରାସ ଦେଖିବାକୁ ମିଳିଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ସେନସେକ୍ସ କାରବାର ଅଧିବେଶନରେ ୧,୨୮୧.୨୧ ପଏଣ୍ଟ ହ୍ରାସ ପାଇ ଗୋଟିଏ ଦିନର ସର୍ବନିମ୍ନ ସ୍ତର ୭୬,୦୩୦.୫୯ ପଏଣ୍ଟରେ ପହଞ୍ଚିଛି। ଶେଷରେ ସେନସେକ୍ସ ୧୦୧୮.୮୦ ପଏଣ୍ଟ ହ୍ରାସ ପାଇ ୭୬,୨୯୩.୬୦ ପଏଣ୍ଟରେ ବନ୍ଦ ହୋଇଛି। ସେନସେକ୍ସ ସୋମବାର ୭୭,୩୧୧.୮୦ ପଏଣ୍ଟରେ ବନ୍ଦ ହୋଇଥିଲା। ସେହିପରି ନିଫଟି ୩୧୦ ପଏଣ୍ଟ ହ୍ରାସ ପାଇ ୨୩,୧୦୦ ପଏଣ୍ଟରେ ବନ୍ଦ ହୋଇଛି। ଅନ୍ତର୍ଜାତୀୟ ବଜାର ପ୍ରଭାବରୁ ବିଶ୍ୱର ବିଭିନ୍ନ ଷ୍ଟକ ବଜାରରେ ହ୍ରାସ ପରିଲକ୍ଷିତ ହେଉଛି। ଏହାର ପ୍ରଭାବ ଭାରତୀୟ ଷ୍ଟକ ବଜାର ଉପରେ ପଡ଼ିଛି।

ସେୟାର ମାର୍କେଟରେ ଏହି ହ୍ରାସ ଯୋଗୁଁ ନିବେଶକମାନେ ଯଥେଷ୍ଟ କ୍ଷତି ସହିଛନ୍ତି। ନିବେଶକଙ୍କ କ୍ଷତି ବିଏସଇର ମାର୍କେଟ୍ କ୍ୟାପ୍ ରେ ଅସ୍ଥିରତା ଉପରେ ନିର୍ଭର କରେ। ଗୋଟିଏ ଦିନ ପୂର୍ବରୁ ବିଏସଇର ମାର୍କେଟ କ୍ୟାପ ୪,୧୭,୮୨,୫୭୩.୭୯ କୋଟି ଟଙ୍କା ଥିଲା, ଯାହା କି କାରବାର ଅଧିବେଶନରେ ୪୦୭ ଲକ୍ଷ କୋଟି ଟଙ୍କାତଳକୁ ଖସି ଆସିଥିଲା। ଅର୍ଥାତ୍ ଚଳିତ କାରବାର ଅଧିବେଶନରେ ନିବେଶକମାନେ ୧୦ ଲକ୍ଷ କୋଟି ଟଙ୍କାରୁ ଅଧିକ କ୍ଷତି ସହିଛନ୍ତି। ଫେବ୍ରୁଆରି ୪ ରୁ ଗତ ୫ଟି ଟ୍ରେଡିଂ ଅଧିବେଶନରେ ନିବେଶକମାନେ ଅଧିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ୪ରେ ବିଏସଇର ମାର୍କେଟ କ୍ୟାପ ୪,୨୫,୫୦,୮୨୬.୧୧ କୋଟି ଟଙ୍କା ଥିଲା, ଯେଉଁଥିରୁ ବର୍ତ୍ତମାନ ସୁଦ୍ଧା ୧୭.୭୬ ଲକ୍ଷ କୋଟି ଟଙ୍କାରୁ ଅଧିକ କ୍ଷତି ହୋଇଛି।




## ନିବେଶକ ହରାଇଲେ ୬ ଲକ୍ଷ କୋଟି

**ମୁମ୍ବାଇ,୧୧।୨:** ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ଘଟଣାବଳୀର ପ୍ରଭାବ ସିଧା ଭାରତୀୟ ପୁଞ୍ଜି ବଜାର ଏବଂ ଷ୍ଟକ ମାର୍କେଟ କାରବାର ଉପରେ ପଡୁଛି। ଏପରିକି ଘରୋଇ ଶେୟାର ବଜାରର ନିବେଶକ ପ୍ରତିଦିନ ବହୁ ଲକ୍ଷ କୋଟି ଟଙ୍କାର ନିବେଶ ହରାଉଛନ୍ତି। ଗୋଟିଏ ପଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ନୀତି ଓ ନିଷ୍ପତ୍ତି ବୈଶ୍ୱିକ ବଜାରରେ ପ୍ରଭାବ ପକାଉଥିବାବେଳେ ବିଦେଶୀ ନିବେଶକ ଘରୋଇ ପୁଞ୍ଜି ବଜାରରୁ ନିବେଶ ପ୍ରତ୍ୟାହାର ଏବଂ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଷ୍ଟକ ବଜାରର କାରବାର ପ୍ରଭାବିତ ହେଉଛି ବୋଲି ବଜାର ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଛନ୍ତି। ସେହିଭଳି ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍ଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର କାରବାର କ୍ରମାଗତ ଭାବେ ହ୍ରାସ ଘଟୁଛି। ଫଳରେ ନିବେଶକ ନିରାଶ ଓ ଆଶଙ୍କା ମଧ୍ୟରେ ନିବେଶ କରୁଛନ୍ତି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଶେଷ ସୁଦ୍ଧା ପୁଞ୍ଜି ବଜାରର ନିବେଶକମାନେ ପ୍ରାୟ ୬ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ଏପରିକି ପୂର୍ବ କାର୍ଯ୍ୟ ଦିବସର ଶେଷ ଫଳାଫଳ ସୁଦ୍ଧା ବଜାର ପୁଞ୍ଜି୪୨୪ ଲକ୍ଷ କୋଟି ଥିଲା। ସୋମବାରର ବଜାର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୬ ଲକ୍ଷ କୋଟି କମି ୪୧୮ ଲକ୍ଷ କୋଟିରେ ପହଞ୍ଚିଛି।ସେହିପରି ସୋମବାର ବିଏସଇ ସେନସେକ୍ସର କାରବାର ୫୪୮.୩୯ ପଏଣ୍ଟ ହ୍ରାସ ଘଟି ୭୭,୩୧୧.୮୦ ଅଙ୍କରେ ରହିଥିଲାବେଳେ ଏନ୍ଏସ୍ଇ ନିଫ୍ଟି ୧୭୮.୩୫ ପଏଣ୍ଟ କମି ୨୩,୩୮୧.୬୦ ଅଙ୍କରେ କାରବାର ବନ୍ଦ କରିଥିଲା। ଏପରିକି ବିଏସଇ ସେନସେକ୍ସର ମିଡକ୍ୟାପରେ ୨.୦୬% ଏବଂ ସ୍ମଲକ୍ୟାପରେ ୨.୨୫% କାରବାର ହ୍ରାସ ଘଟିଛି। ଅପରପକ୍ଷରେ ନିଫ୍ଟି ମିଡକ୍ୟାପ କାରବାର ୨.୧୨% ଏବଂ ସ୍ମଲକ୍ୟାପରେ ୨.୨୮% ହ୍ରାସ ଘଟିଛି। ନିଫ୍ଟି ବ୍ୟାଙ୍କରେ ୧୭୭.୮୫ ପଏଣ୍ଟ ହ୍ରାସ ଘଟି ୪୯,୯୮୧ ଅଙ୍କରେ ବନ୍ଦ ହୋଇଛି।





## ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୨ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ .୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ରଣବୀର ଆଲ୍ଲାହବାଦିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ୟୁଟ୍ୟୁବ୍

**ମୁମ୍ବାଇ, ୧୧।୨:** କେନ୍ଦ୍ରର ନୋଟିସ ପରେ ସୋସିଆଲ ମିଡ଼ିଆ ଇନ୍ଫ୍ଲୁଏନ୍ସର ରଣବୀର ଆଲ୍ଲାହବାଦିଆଙ୍କ ଭିଡିଓକୁ ଡିଲିଟ୍ କରିଛି ୟୁଟ୍ୟୁବ୍। ହାସ୍ୟ ଅଭିନେତା ସମୟ ରାଇନାଙ୍କ ଦ୍ୱାରା ପରିଚାଳିତ ୟୁଟ୍ୟୁବ୍ ରିୟଲିଟି ସୋ' 'ଇଣ୍ଡିଆଜ୍ ଗଟ୍ ଲାଟେଷ୍ଟ'ରେ ଆଲ୍ଲାହବାଦିଆ କହିଥିଲେ, ତୁମେ ତୁମର ପିତାମାତାଙ୍କୁ ସାରା ଜୀବନ ପ୍ରତିଦିନ ଯୌନସମ୍ପର୍କ ରଖୁଥିବା ଦେଖିବାକୁ ପସନ୍ଦ କରିବ ନା ଥରେ ଏଥିରେ ଯୋଗ ଦେଇ ଏହାକୁ ସବୁଦିନ ପାଇଁ ବନ୍ଦ କରିବ? ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ୟୁଟ୍ୟୁବ ଏବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମଙ୍ଗଳବାର ଦିନ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ବରିଷ୍ଠ ପରାମର୍ଶଦାତା କାଞ୍ଚନ ଗୁପ୍ତା ଟ୍ୱିଟ୍ କରି କହିଛନ୍ତି, "ଭାରତ ସରକାରଙ୍କ ନିର୍ଦ୍ଦେଶ ପରେ ୟୁଟ୍ୟୁବ୍‌ରୁ ରଣବୀର ଆଲ୍ଲାହବାଦିଆଙ୍କ ଅଶ୍ଳୀଳ ଏବଂ ବିକୃତ ମନ୍ତବ୍ୟ ଥିବା 'ଇଣ୍ଡିଆଜ୍ ଗଟ୍ ଲାଟେଷ୍ଟ' ଏପିସୋଡକୁ ଡିଲିଟ୍ କରାଯାଇଛି।" ସେ ଏକ ସ୍କ୍ରିନ୍‌ସଟ୍‌କୁ ବି ତାଙ୍କ ପୋଷ୍ଟରେ ସେୟାର୍ କରିଛନ୍ତି। ଯେଉଁଥିଲେ ଲେଖାଯାଇଛି, "ଭିଡିଓ ଉପଲବ୍ଧ ନାହିଁ।" ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ସମେତ ରାଜନେତା, ସାମାଜିକ କର୍ମୀ, ସୋସିଆଲ ମିଡିଆ ବ୍ୟବହାରକାରୀ ଓ ଅନ୍ୟମାନେ ତାଙ୍କ ମନ୍ତବ୍ୟକୁ ଅଶ୍ଳୀଳ ଓ ଆପତ୍ତିଜନକ ବୋଲି କହି ତୀବ୍ର ସମାଲୋଚନା କରିଛନ୍ତି। ଆଲ୍ଲାହବାଦିଆ କ୍ଷମା ମାଗିବା ଅବସରରେ କହିଛନ୍ତି, "କମେଡି ମୋର ବିଶେଷତା ନୁହେଁ। ମୁଁ ଆଶା କରୁଛି, ଆପଣ ଜଣେ ମଣିଷ ଭାବରେ ମୋତେ କ୍ଷମା କରିଦେବେ।" ଆଲ୍ଲାହବାଦିଆଙ୍କ ଆପତ୍ତିଜନକ ମନ୍ତବ୍ୟ ବିବାଦ ସୃଷ୍ଟି କରିବା ପରେ ଜାତୀୟ ମାନବାଧିକାର ଆୟୋଗ (ଏନ୍ଏଚ୍ଆର୍‌ସି)ର ଜଣେ ସଦସ୍ୟ ସୋମବାର ୟୁଟ୍ୟୁବ୍‌କୁ ଏକ ଚିଠି ଲେଖି ଏହାକୁ ପ୍ଲାଟଫର୍ମରୁ ହଟାଇବାକୁ କହିଥିଲେ।






## ଅମ୍ବାଲାରେ ରାଜଶ୍ରୀର ଏକ୍ସକ୍ଲୁସିଭ ଆଉଟଲେଟ୍

**ନୂଆଦିଲ୍ଲୀ,୧୧।୨:** ଦିଭିସା ହର୍ବାଲ୍ସ ପ୍ରାଇଭେଟ ଲିମିଟେଡର ସହାୟକ ସଂସ୍ଥା ତଥା ଗାର୍ମେଣ୍ଟସ ବ୍ରାଣ୍ଡ୍ 'ରାଜଶ୍ରୀ'ର ଏକ୍ସକ୍ଲୁସିଭ ଆଉଟଲେଟ ନିକଟରେ ପଞ୍ଜାବର ଅମ୍ବଲା ସହରସ୍ଥିତ ପୂଜା କମ୍ପ୍ଲେକ୍ସରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ବ୍ୟବସାୟୀ ସଞ୍ଜୀବ ଜୁନେଜାଙ୍କ ସମେତ ଗୀତିକାର ଯଶବୀର ଜସୀ ଏବଂ ରାଧିକା ଚିମା ଓ ସରଗମ ଚାଓ୍ବାଲ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଉଭୟ ବର ଓ କନ୍ୟାଙ୍କ ପାଇଁ ଆକର୍ଷଣୀୟ ଡିଜାଇନ ସହିତ ବ୍ୟାପକ ରେଞ୍ଜରର ଲେହଙ୍ଗା ଏବଂ ବିବାହ ପୋଷାକ ଓ ସମସ୍ତ ପ୍ରକାରର ପରିଧାନ ଉପଲବ୍ଧ। ଏ ସମ୍ପର୍କରେ ରାଜଶ୍ରୀର ସଞ୍ଚାଳକ ରାଧିକା ଚିମା କହିଥିଲେ, ଏହି ଆଉଟଲେଟ ସ୍ୱତନ୍ତ୍ର ଭାବେ ଉଭୟ ବର ଓ କନ୍ୟାଙ୍କ ପାଇଁ ଡିଜାଇନ କରାଯାଇଛି। ଏଠାରେ ସମସ୍ତ ପ୍ରକାରର ବିବାହ ପୋଷାକ ଏବଂ ଡିଜାଇନର ଲେହେଙ୍ଗା ଆଦି ଉପଲବ୍ଧ। ବିଶେଷ ଏହା ଆମ ଦୁଇ ବନ୍ଧୁ (ରାଧିକା ଏବଂ ସରଗମ) ଙ୍କ ମାନସ ସନ୍ତାନ ହୋଇଥିଲାବେଳେ ଆମ ଦୁଇଜଣଙ୍କର ଚିନ୍ତାଧାରା ଏବଂ ସରଗମର କଳା ଓ କାରିଗରି (ଆର୍ଟ ଆଣ୍ଡ କ୍ରିଏଟିଭ) ସହିତ ପୋଷାକ କ୍ଷେତ୍ରରେ ବିଶେଷ ଅଭିଜ୍ଞତାରୁ ଏହାର ଅୟମାରମ୍ଭ ହୋଇଛି ବୋଲି ରାଧିକା ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## କ୍ରୀଡ଼ା ପାନୀୟ 'ସ୍ପିନର'ର ଶୁଭାରମ୍ଭ




**ମୁମ୍ବାଇ,୧୧।୨:** ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟ ଲିମିଟେଡ୍ (ଆର୍‌ସିପିଏଲ୍)ର ନୂତନ ଉତ୍ପାଦ ତଥା ଉନ୍ନତମାନର କ୍ରୀଡ଼ା ପାନୀୟ 'ସ୍ପିନର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ସ୍ପୋର୍ଟସ୍ ଡ୍ରିଙ୍କସ/କ୍ରୀଡ଼ା ପାନୀୟ ବର୍ତ୍ତମାନ ବଜାରରେ ଉପଲବ୍ଧ। ସ୍ପିନ୍ ଯାଦୁଗର ତଥା ପୂର୍ବତନ ଶ୍ରୀଲଙ୍କା କ୍ରିକେଟିୟର ମୁଥୟା ମୁରଲୀଧରନ ଏବଂ ଆର୍‌ସିପିଏଲ୍‌ର ମିଳିତ ସହଯୋଗରେ ଏହି ବ୍ରାଣ୍ଡର ଅୟମାରମ୍ଭ ହୋଇଛି। ଏପରିକି ମାତ୍ର ୧୦ ଟଙ୍କାରେ 'ସ୍ପିନର' କ୍ରୀଡ଼ା ପାନୀୟ ଲେମ୍ବୁ, କମଳା ଏବଂ ନାଇଟ୍ରୋ ବ୍ଲୁ ଭଳି ତିନୋଟି ସ୍ୱାଦରେ ଉପଲବ୍ଧ। ହାଇଡ୍ରେସନ୍ ପାଇଁ ଏଥିରେ ଆବଶ୍ୟକ ଇଲେକ୍ଟ୍ରୋଲାଇଟ୍ ମିଶ୍ରିତ ହୋଇଛି, ଅତ୍ୟଧିକ ଝାଳ ବାହାରିବା ବେଳେ ଏହା ଶରୀରକୁ ହାଇଡ୍ରେଟ୍ କରିବାରେ ସାହାଯ୍ୟ କରିଥାଏ। 'ସ୍ପିନର'ର ଶୁଭାରମ୍ଭ ସହିତ ହାଇଡ୍ରେସନ୍ ପାଇଁ ଏହା ଏକ ସୁଲଭ ତଥା ପ୍ରଭାବଶାଳୀ ସମାଧାନ ବୋଲି ଆର୍‌ସିପିଏଲ୍ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଆର୍‌ସିପିଏଲ୍‌ର ସିଓଓ କେତନ ମୋଦି କହିଛନ୍ତି, ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ଭାରତୀୟଙ୍କ ପାଖରେ ଗୁଣାତ୍ମକ ଉତ୍ପାଦ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉ। ସ୍ପିନର ସହିତ ଆମେ ଏକ ସୁଲଭ ତଥା ପ୍ରଭାବଶାଳୀ ହାଇଡ୍ରେସନ ପାନୀୟ ସୃଷ୍ଟି କରିଛୁ।

## ଶୂନ୍ୟ-କ୍ଷତି ପରିବେଶ ସୁନିଶ୍ଚିତ ଉପରେ ଗୁରୁତ୍ୱ

### ବେଦାନ୍ତର 'ବାର୍ଷିକ ଖଣି ସୁରକ୍ଷା ପକ୍ଷ' ପାଳିତ

**ଭୁବନେଶ୍ୱର,୧୧।୨(ସଂଚାର ବ୍ୟୁରୋ):** ନିରାପଦ ଖଣି ଖନନ କାର୍ଯ୍ୟ ପ୍ରତି ଅତୁଟ ପ୍ରତିବଦ୍ଧତାକୁ ସୁଦୃଢ଼ କରି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ପକ୍ଷରୁ ବାର୍ଷିକ ଖଣି ସୁରକ୍ଷା ପକ୍ଷ (ଏଏମ୍ଏସ୍ଏଫ୍) ସୁନ୍ଦରଗଡ଼ ଜିଲ୍ଲାର ଜାମକାନି କୋଇଲା ଖଣିରେ ଆୟୋଜିତ ହୋଇଛି। ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମଏସ) ସହଯୋଗରେ ଆୟୋଜିତ ଏହି ଦୁଇ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ କର୍ମଚାରୀ ଓ ବ୍ୟାବସାୟିକ ଅଂଶୀଦାର ଅଂଶଗ୍ରହଣ କରିଛନ୍ତି।

କାର୍ଯ୍ୟକ୍ରମର ବିଷୟବସ୍ତୁ 'ଆପକା ପରିବାର ଆପକା ଇନ୍ତଜାର କର ରହା ହୈ' ଉପରେ ପର୍ଯ୍ୟବସିତ ଥିବାବେଳେ ଏହା ଦୁର୍ଘଟଣାକୁ ରୋକିବା ଓ କର୍ମଚାରୀଙ୍କ କଲ୍ୟାଣ ସୁନିଶ୍ଚିତ କରିବା ଦିଗରେ ଏକ ଠୋସ୍ ପଦକ୍ଷେପ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଭୁବନେଶ୍ୱରସ୍ଥିତ ଡିଜିଏମସ୍‌ର ଖଣି ସୁରକ୍ଷା ନିର୍ଦ୍ଦେଶକ ପ୍ରଫୁଲ୍ଲ ରଞ୍ଜନ ଠାକୁର ବାର୍ଷିକ ଖଣି ସୁରକ୍ଷା ପକ୍ଷ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରିଥିବାରୁ ବେଦାନ୍ତ ଆଲୁମିନିୟମର ଜାମକାନି କୋଇଲା ଖଣି ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ସେ କହିଛନ୍ତି ଯେ ନିୟମିତ ସୁରକ୍ଷା ଡ୍ରିଲ୍ ଓ ସଚେତନତା କାର୍ଯ୍ୟକ୍ରମର ଆୟୋଜନ, ସୁରକ୍ଷା ପ୍ରୋଟୋକଲକୁ କଡ଼ାକଡ଼ି ପାଳନ ଓ ଭାରୀଯାନ ପରିବହନ ପାଇଁ ଏକ ସୁରକ୍ଷିତ ଏକପାଖିଆ ପ୍ରବେଶ ରାସ୍ତା ବେଦାନ୍ତର କର୍ମଚାରୀମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରୁଛି। ସେହିପରି ବେଦାନ୍ତ ଆଲୁମିନିୟମର ସୁରକ୍ଷା-ପ୍ରଥମ ସଂସ୍କୃତି ଉପରେ ଆଲୋକପାତ କରି ସିଇଓ ଡେଭିଡ ଷ୍ଟୋନ ଏକ ସଂସ୍ଥା ଭାବେ ସୁରକ୍ଷା ଆମର ମୂଳ ମୂଲ୍ୟବୋଧର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବା ବେଳେ କାର୍ଯ୍ୟକ୍ଷେତ୍ରରେ ଶୂନ୍ୟ-କ୍ଷତି ପରିବେଶ ସୁନିଶ୍ଚିତ ଆମର ପ୍ରମୁଖ ଉଦ୍ଦେଶ୍ୟ ବୋଲି କହିଛନ୍ତି। ଏଥିସହ ବାର୍ଷିକ ଖଣି ସୁରକ୍ଷା ପକ୍ଷ ପଦକ୍ଷେପ ଏକ 'ଯତ୍ନ ସଂସ୍କୃତି'କୁ ପ୍ରୋତ୍ସାହିତ କରିବା ସହ ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରୁଛି ବୋଲି ମଧ୍ୟ ସିଇଓ କହିଛନ୍ତି।

ଏହି ପକ୍ଷ ପାଳନ ଅବସରରେ ୧୫ ଦିନ ଧରି ବେଦାନ୍ତ ଆଲୁମିନିୟମର ଖଣି ଟିମ୍ ନିୟମିତ କର୍ମଶାଳା ମାଧ୍ୟମରେ ଏହାର କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସୁରକ୍ଷା ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିଥିଲା। ଏଥିରେ ପ୍ରତିରକ୍ଷା ମକ୍ ଡ୍ରିଲ୍, ଅଗ୍ନି ନିରାପତ୍ତା ଅଧିବେଶନ, ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ ଓ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆଦି ରହିଥିଲା। ଏହି କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲା ୧୦ ଜଣ ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ବାହ୍ୟ ଏଏମ୍ଏସ୍ଏଫ୍ ଦଳ ଦ୍ୱାରା କରାଯାଇଥିବା ସୁରକ୍ଷା ଯାଞ୍ଚ। ଏଥିରେ ଜଣେ ଆଭ୍ୟନ୍ତରୀଣ ସୁରକ୍ଷା ସଂଗଠନ (ଆଇଏସ୍ଓ) ପର୍ଯ୍ୟବେକ୍ଷକ ଓ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍)ର ବରିଷ୍ଠ ଅଧିକାରୀମାନେ ସାମିଲ୍ ଥିଲେ।

## ନାଲ୍କୋର ୧୫୮୩ କୋଟି ନିଟ୍ ଲାଭ

**ଭୁବନେଶ୍ୱର, ୧୧।୨:** ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନି ଲିମିଟେଡ (ନାଲ୍କୋ)ପକ୍ଷରୁ ଆର୍ଥିକ ବର୍ଷ ୨୦୨୪-୨୫ର ତୃତୀୟ ତ୍ରୈମାସିକ ଫଳାଫଳ ଘୋଷିତ ହୋଇଛି। ୨୦୨୪ ଡିସେମ୍ବରରେ ଶେଷ ହୋଇଥିବା ତ୍ରୈମାସିକରେ କମ୍ପାନିର ନିଟ୍ ଲାଭ ୧,୫୮୩ କୋଟି ଟଙ୍କା ହୋଇଛି। ବିଗତ ବର୍ଷରେ ତାହା ୪୮୮ କୋଟି ଟଙ୍କା ଥିଲା। ସୋମବାର ଭୁବନେଶ୍ୱରରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ଉପସ୍ଥାପନ କରାଯାଇଥିବା ଫଳାଫଳ ଅନୁଯାୟୀ କମ୍ପାନିର ମୋଟ ଆୟ ୪,୭୬୧ କୋଟି ଟଙ୍କା ହୋଇଛି ଯାହା ଗତବର୍ଷ ଏହି ସମୟରେ ୩୩୯୮ କୋଟି ଟଙ୍କା ଥିଲା। ୨୦୨୪ ଡିସେମ୍ବର ସୁଦ୍ଧା ଶେଷ ୯ ମାସରେ କମ୍ପାନିର ମୋଟ କାରବାର ୧୧,୫୨୦ କୋଟି ଟଙ୍କା ଓ ନିଟ୍ ଲାଭ ୩,୨୪୬ କୋଟି ଟଙ୍କା ହୋଇଛି। ପୂର୍ବବର୍ଷ ତାହା ଯଥାକ୍ରମେ ୯,୫୭୦ କୋଟି ଟଙ୍କା ଏବଂ ୧,୦୪୪ କୋଟି ଟଙ୍କା ଥିଲା। ନିଟ ଲାଭ ୨୧୧ ପ୍ରତିଶତ ଓ ମୋଟ୍ କାରବାର ୨୦ ପ୍ରତିଶତ ବୃଦ୍ଧି ପାଇଛି।

## ରାଜସ୍ୱ ବୃଦ୍ଧି ଲକ୍ଷ୍ୟ: ବିୟର ପିଉଥିବା ଲୋକଙ୍କୁ ବଡ଼ ଝଟକା




ମୂଲ୍ୟ ବୃଦ୍ଧି କଲେ ସରକାର

**ନୂଆଦିଲ୍ଲୀ,୧୧।୨:** ଗ୍ରୀଷ୍ମ ଋତୁ ପୂର୍ବରୁ ବିୟର ପ୍ରେମୀମାନଙ୍କ ପାଇଁ ବଡ ଖବର। ବ୍ୟବସାୟୀମାନଙ୍କ ଅନେକ ଦିନର ଦାବିକୁ ନଜରରେ ରଖି ମୂଲ୍ୟ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଅର୍ଥାତ ଏଣିକି ବିୟର ପ୍ରେମୀମାନଙ୍କୁ ସେମାନଙ୍କର ଆଶା ପୂରଣ କରିବା ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ସୂଚନା ଅନୁଯାୟୀ ତେଲେଙ୍ଗାନା ରାଜ୍ୟରେ ବିୟରର ମୂଲ୍ୟରେ ଏକ ବଡ଼ ବୃଦ୍ଧି ଘଟିଛି। ଏଠାରେ ସରକାର ବିୟର ମୂଲ୍ୟରେ ୧୫ ପ୍ରତିଶତ ବୃଦ୍ଧି କରିଛନ୍ତି। ରାଜ୍ୟରେ ଲାଗୁ ହୋଇଥିବା ସଂଶୋଧିତ ମୂଲ୍ୟ ସରକାରଙ୍କ ନୂତନ ଉତ୍ପାଦ ଶୁଳ୍କ ନୀତି ଅନୁଯାୟୀ କରାଯାଇଛି, ଯାହାର ଲକ୍ଷ୍ୟ ମଦ ବିକ୍ରୟରୁ ରାଜସ୍ୱ ବୃଦ୍ଧି କରିବା। ମଙ୍ଗଳବାରଠାରୁ ନୂତନ ମୂଲ୍ୟ ଲାଗୁ ହୋଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଉତ୍ପାଦ ଶୁଳ୍କ ସଂଶୋଧନ କରାଯାଇଛି, ଯାହା ଯୋଗୁଁ ବିୟରର ମୂଲ୍ୟରେ ଏହି ୧୫ ପ୍ରତିଶତ ବୃଦ୍ଧି କରାଯାଇଛି। ଏହା ପରେ, ତେଲେଙ୍ଗାନା ଦକ୍ଷିଣ ଭାରତରେ ବିୟର ପିଇବା ପାଇଁ ସବୁଠାରୁ ମହଙ୍ଗା ରାଜ୍ୟ ମଧ୍ୟରୁ ଗୋଟିଏ ପାଲଟିଛି। ବିୟରର ମୂଲ୍ୟରେ ଏହି ବୃଦ୍ଧି ସହିତ, ବ୍ରାଣ୍ଡ ଉପରେ ନିର୍ଭର କରି ଏକ ନିୟମିତ ୬୫୦ ମିଲି ବିୟର ବୋତଲର ମୂଲ୍ୟ ପ୍ରାୟ ୧୭୦-୧୮୦ ଟଙ୍କା ହେବ ବୋଲି ଆଶା କରାଯାଉଛି। ସୋମବାର ବିଳମ୍ବିତ ରାତିରେ ଜାରି ହୋଇଥିବା ଏକ ନିର୍ଦ୍ଦେଶନାମାରେ, ତେଲେଙ୍ଗାନା ପ୍ରମୁଖ ସଚିବ (ରାଜସ୍ୱ) ଏସ୍.ଏ.ଏମ୍. ମୂଲ୍ୟ କମିଟିର ସୁପାରିଶଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ରିଜଭି ତେଲେଙ୍ଗାନା ପାନୀୟ ନିଗମ ଲିମିଟେଡର ପରିଚାଳନା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଠାରେ ଆପଣଙ୍କୁ କହି ରଖୁଛୁ ଯେ ଅବସରପ୍ରାପ୍ତ ବିଚାରପତି ଜୟସୱାଲଙ୍କ ନେତୃତ୍ୱରେ ଗଠିତ ପ୍ୟାନେଲ ବିୟର ମୂଲ୍ୟରେ ୧୫ ପ୍ରତିଶତ ବୃଦ୍ଧି ପ୍ରସ୍ତାବ ଦେଇଥିଲେ ଏବଂ ଏହାକୁ ମଞ୍ଜୁରୀ ଦେଇ, ସରକାର ମଙ୍ଗଳବାର, ଫେବୃଆରୀ ୧୧, ୨୦୨୫ ଠାରୁ ସଂଶୋଧିତ ବିୟର ଏମଆରପି ଲାଗୁ କରିଛନ୍ତି।

## ୧୦୦ ଟଙ୍କା ଟିକସରେ ୧୧ ଟଙ୍କାର ସେସ୍, ସର୍‌ଚାର୍ଜ

ରାଜ୍ୟଙ୍କୁ ହସ୍ତାନ୍ତର ଭାଗ କମୁଛି

**ନୂଆଦିଲ୍ଲୀ, ୧୧।୨:** ଡ. ଅରବିନ୍ଦ ପାନାଗାରିଆଙ୍କ ଅଧ୍ୟକ୍ଷତାରେ ଗଠିତ ଷୋଡ଼ଶ ଅର୍ଥ ଆୟୋଗ ବିଭିନ୍ନ ରାଜ୍ୟ ଗସ୍ତ କରି ଆଲୋଚନା ଜାରି ରଖିଛନ୍ତି। ଏହି ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସାମ୍ନାକୁ ଆସିଛି। ତାହା ହେଉଛି କେନ୍ଦ୍ର ସରକାର ସେସ୍ ଓ ସର୍‌ଚାର୍ଜ ଆକାରରେ ସଂଗ୍ରହ କରୁଥିବା ଟିକସ। ନିୟମ ଅନୁସାରେ ଷୋଡ଼ଶ ଅର୍ଥ ଆୟୋଗଙ୍କ ସୁପାରିସ ଆଧାରରେ କେନ୍ଦ୍ରୀୟ ଟିକସର ଭାଗକୁ ରାଜ୍ୟମାନଙ୍କୁ ହସ୍ତାନ୍ତର କରାଯାଉଛି। କିନ୍ତୁ ବାସ୍ତବରେ ରାଜ୍ୟଗୁଡ଼ିକ ଯେତିକି ଟଙ୍କା ପାଇବା କଥା ପାଉନାହାନ୍ତି। ଏଥିରେ ଯେଉଁ ବଡ଼ ବାଧକଟି ରହିଛି ତାହା ହେଉଛି ସେସ୍ ଓ ସର୍‌ଚାର୍ଜ।

୨୦୧୭ରେ ଜିଏସ୍‌ଟି ଲାଗୁ ହେବା ପରେ ରାଜ୍ୟଗୁଡ଼ିକର ଟିକସ ରାଜସ୍ୱ ସଂଗ୍ରହ କରିବା କ୍ଷମତା ସଙ୍କୁଚିତ ହୋଇଛି। ତେଣୁ ପୂର୍ବାପେକ୍ଷା ରାଜ୍ୟଗୁଡ଼ିକ କେନ୍ଦ୍ରୀୟ ଟିକସ ଭାଗ ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇପଡ଼ିଛନ୍ତି। ଏଭଳି ପରିସ୍ଥିତିରେ ସେସ୍ ଓ ସର୍‌ଚାର୍ଜ ଆକାରରେ କେନ୍ଦ୍ର ସରକାର ଟିକସ ସଂଗ୍ରହ କରିବା ଓ ତାହାକୁ ରାଜ୍ୟମାନଙ୍କ ସହ ନ ବାଣ୍ଟିବା ସ୍ଥିତିକୁ ଅଧିକ ଜଟିଳ କରିଛି। ୨୦୨୦-୨୧ରେ କରୋନା ମହାମାରୀ ବ୍ୟାପିବା ପରେ ସେସ୍ ଓ ସର୍‌ଚାର୍ଜ ଟିକସ ଭାଗ ଯଥେଷ୍ଟ ବଢ଼ିଛି। କେନ୍ଦ୍ର ସରକାରଙ୍କ ରାଜକୋଷକୁ ଯାଉଥିବା ପ୍ରତି ୧୦୦ ଟଙ୍କାର ଟିକସରେ ୧୧ ଟଙ୍କା ସେସ୍ ଓ ସର୍‌ଚାର୍ଜ ଆକାରରେ ସଂଗ୍ରହ କରାଯାଉଛି। ସେହି ଟଙ୍କା ସିଧାସଳଖ କେନ୍ଦ୍ର ଖାତାକୁ ଯାଉଛି। ତାହା ଉପରେ ରାଜ୍ୟଗୁଡ଼ିକର କିଛି ଭାଗ ରହୁନାହିଁ। ଏଥି ସହିତ ଟିକସ ସଂଗ୍ରହ କରିବା ଲାଗି ପ୍ରତି ୧୦୦ ଟଙ୍କା ପାଇଁ ୧-୨ ଟଙ୍କା ଖର୍ଚ୍ଚ ହେଉଥିବା କେନ୍ଦ୍ର କହୁଛି। ମୋଟ ଉପରେ ପାଖାପାଖି ୧୩ ଟଙ୍କା ୫୦ ପଇସା କେନ୍ଦ୍ର ପାଖରେ ରହୁଛି। ଏହି ରାଶିକୁ ଭାଗ୍ୟଗୁଡ଼ିକ ସହ ବାଣ୍ଟିବା ଲାଗି ଯେଉଁ ପାଣ୍ଠି ରହିଛି, ସେଥିରେ ତାହା ସାମିଲ କରାଯାଉନାହିଁ। କିଛି ବର୍ଷ ପୂର୍ବରୁ ସେସ୍, ସରଚାର୍ଜ ଓ ଟିକସ ସଂଗ୍ରହ ଖର୍ଚ୍ଚର ଭାଗ ପ୍ରତି ୧୦୦ ଟଙ୍କାରେ ୫-୭ ଟଙ୍କା ଭିତରେ ରହୁଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ତାହା ୧୦ ଟଙ୍କା ୯୭ ପଇସା ରହିବ ବୋଲି ଆକଳନ କରାଯାଇଛି।




ସେସ୍ ଓ ସର୍‌ଚାର୍ଜ ବାବଦ ରାଶି କେନ୍ଦ୍ର ପାଖରେ ରହିବା ପରେ ରାଜ୍ୟଗୁଡ଼ିକୁ ହସ୍ତାନ୍ତର କରିବା ପାଣ୍ଠି କମିଯାଉଛି। ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିସ ଅନୁସାରେ ସେହି ପାଣ୍ଠିର ୪୧ ପ୍ରତିଶତ ରାଜ୍ୟଗୁଡ଼ିକୁ ହସ୍ତାନ୍ତର କରାଯିବା କଥା। କିନ୍ତୁ ସେତିକି ବି ରାଜ୍ୟମାନଙ୍କ ପାଖରେ ପହଞ୍ଚୁନାହିଁ। ରାଜ୍ୟଙ୍କୁ ହସ୍ତାନ୍ତର ଭାଗକୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇବାକୁ ବହୁ ରାଜ୍ୟ ଷୋଡ଼ଶ ଅର୍ଥ ଆୟୋଗଙ୍କ ନିକଟରେ ଦାବି ରଖିଛନ୍ତି। କେନ୍ଦ୍ରୀୟ ପାଣ୍ଠି ଉପରେ ଅତ୍ୟଧିକ ନିର୍ଭରଶୀଳତା କାରଣରୁ ରାଜ୍ୟଗୁଡ଼ିକ ନିଜ ଯୋଜନା ପାଇଁ ପାଣ୍ଠି ରଖିପାରୁନାହାନ୍ତି। ଏହା ସଂଘୀୟ ବ୍ୟବସ୍ଥା ପ୍ରତି ଏକ ବଡ଼ ଆହ୍ୱାନ ହୋଇଛି। ପାଣ୍ଠି ଦେବାର କ୍ଷମତା କେନ୍ଦ୍ର ପାଖରେ ରହୁଥିବାରୁ ତାହା ରାଜନୈତିକ ସମୀକରଣକୁ ମଧ୍ୟ ବଦଳାଇପାରୁଥିବା ଅଭିଯୋଗ ହେଉଛି।

## ଏମସିଏଲ ବସୁନ୍ଧରା ତରଫରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର




**ସୁନ୍ଦରଗଡ, ୧୧।୨ (ସଂଚାର ବ୍ୟୁରୋ) :** ସୁନ୍ଦରଗଡ଼ ଜିଲ୍ଲା ହେମଗିରି ବ୍ଲକ ଅନ୍ତର୍ଗତ କନିକା ଗ୍ରାମ ପଞ୍ଚାୟତ ପରିସରରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏମସିଏଲ ବସୁନ୍ଧରା ସହଯୋଗରେ ଭୁବନେଶ୍ୱର ଏସଏସପିପିପି ଟ୍ରଷ୍ଟ ଏବଂ ହେମଗିର ହସ୍ପିଟାଲର ଚକ୍ଷୁ ପରୀକ୍ଷକଙ୍କ ମିଳିତ ଉଦ୍ୟମରେ ବିଭିନ୍ନ ଅଞ୍ଚଳର ଅନେକ ବ୍ୟକ୍ତି ଆଖି ପରୀକ୍ଷା କରାଇ ଥିଲେ । ଶିବିରରେ ୧୨୫ ଜଣ ରୋଗୀ ପଞ୍ଜିକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କୁ ମାଗଣାରେ ଔଷଧ ୭୦ ଜଣଙ୍କୁ ମାଗଣାରେ ଔଷଧ ଓ ଚଷମା ପ୍ରଦାନ କରାଯାଇଥିବା ବେଳେ ୩୫ ଜଣ ମୋତିଆବିନ୍ଦୁ ଥିବା ରୋଗୀ ଙ୍କୁ ଚିହ୍ନଟ କରି ଅସ୍ତ୍ରୋପଚାର ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବାର ବ୍ୟବସ୍ଥା କରାଯାଇଛି। ଉକ୍ତ ଶିବିରରେ ଏମସିଏଲ ବସୁନ୍ଧରା ସାମାଜିକ ଦାୟିତ୍ୱ ଅଧିକାରୀ ଦୁର୍ଗେଶ ସାହୁ, ଚକ୍ଷୁ ଚିକିତ୍ସକ ଭଗବାନ ରାଉଳ, ସୁଦୀପ୍ତ କୁମାର ପଲେଇ, ସମାଜ ସେବୀ ଈଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଚିକିତ୍ସା ଶିବିର ପରିଚାଳନା କରିଥିଲେ ।

## ମାର୍ଚ୍ଚ ୧ରୁ ଦ୍ୱିତୀୟ ମା' ଭୂ-ବାସିନୀ ମହୋତ୍ସବ

**ବାଲିପାଟଣା, ୧୧।୨ (ସଂଚାର ବ୍ୟୁରୋ) :** ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ଅନ୍ତର୍ଗତ ପମ୍ପାଲ ପଞ୍ଚାୟତରେ ଥିବା ମା' ଭୁବାସିନୀ ମନ୍ଦିରରଐତିହ୍ୟ ସମ୍ପନ୍ନ କୁଳନ୍ତିରା ବାଗିଲ ଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆୟୋଜିତ ହେବାକୁ ଯାଉଛି ଏହି ମହାର୍ଘ୍ୟ ଉତ୍ସବ। ଏହି ମହୋତ୍ସବ ମାର୍ଚ୍ଚ ୧ ଏବଂ ୨ଦୁଇ ଦିନ ଧରି ଅନୁଷ୍ଠିତ ହେବବୋଲିମା ଭୁବାସିନୀ ଚାରି ଟେବୁଲ୍ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରୀୟଞ୍ଜନ ସ୍ୱାଇଁ ଆଜି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହା କେବଳ ଏକ ଉତ୍ସବ ନୁହେଁ ଆମ ଓଡ଼ିଶାର ଐତିହ୍ୟ, ପରମ୍ପରା, ଅସ୍ମିତା, କଳା, ସଂସ୍କୃତି, ପରିଚୟକୁ ଉଜ୍ଜୀବିତ ରଖିବା ଉନ୍ମୁକ୍ତ କରିବା ନିମନ୍ତେ ମା ଭୁ ବାସିନୀ ଚାରି ଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଏହା ଏକ ପ୍ରୟାସ ଏକ ବିଦ୍ରାହ। ରାଜ୍ୟର ଅନେକ ବିଶିଷ୍ଟ ଖ୍ୟାତି ସଂପନ୍ନ ବ୍ୟକ୍ତିବିଶେଷମାନେ ଏହି ମହୋତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ସବର ପ୍ରଥମ ଦିବସରେ ଓଡ଼ିଶୀ, ସମ୍ବଲପୁରୀ, ଭଜନ ସମାରୋହ ଦ୍ୱାରା ଦର୍ଶକଙ୍କ ମନ ମୋହିବେ ଭୁବନେଶ୍ୱରର କଳାକାରମାନେ। ଏହାପରେ ବିଭିନ୍ନ ସମରକଳା ଓ ଆତ୍ମରକ୍ଷା କୌଶଳ ପଦର୍ଶନ ହେବ। ପରେ ପରେ ରାଜୁ ଦାସ (ସାହୁ ବାବୁ)ଙ୍କ କମେଡି ସହିତ ଜଟଣୀ ଖୋର୍ଦ୍ଧାରୁ ଆସିଥିବା ନୂପୁର ଧ୍ୱନି ଅନୁଷ୍ଠାନର କଳାକାରଙ୍କ ମାନଙ୍କ ଦ୍ୱାରା ପ୍ରଦର୍ଶିତ ହେବ ଆଦିବାସୀ ଓ ଢେମସା ନୃତ୍ୟ। ସେହିପରି ଦ୍ୱିତୀୟ ଦିନରେ ଓଲିଉଡ ଜଗତର ଅଭିନେତା ସମ୍ବିତ,କଣ୍ଠଶିଳ୍ପୀ ଲିନା ଯୋଗଦେବା ସହ ଶୀତୁଆ ସନ୍ଧ୍ୟାରେ ଦର୍ଶକ ମାନଙ୍କୁ ବିମୋହିତ କରିବେ। ଏହା ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ବ୍ୟକ୍ତି ବିଶେଷଙ୍କୁ ଆମ ଗାଁ ଆମ ସମ୍ମାନ ପ୍ରଦାନ କରାଯିବ।

## ୧୯୮୮ ବ୍ୟାଚ ଜୟଚଣ୍ଡୀ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ



**ଦଶରଥପୁର, ୧୧।୨ (ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚବିଦ୍ୟାଳୟର ୧୯୮୮ ବ୍ୟାଚ ଛାତ୍ରଛାତ୍ରୀ ମାନଙ୍କ ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୧୯୮୮ ବ୍ୟାଚର ଛାତ୍ର ଦେବଦତ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସର ପ୍ରାପ୍ତ ଶିକ୍ଷକ ଶସଧର ନାୟକ, ଚକ୍ରଧର ଓଝା, ଜଗନ୍ନାଥ ସାହୁ, ଉମେଶ ଚନ୍ଦ୍ର ସାହୁ,ନିରୋଦ କୁମାର ରାୟ,ସଚିଦାନନ୍ଦ ନନ୍ଦ ନାୟକ, କର୍ମଚାରୀ ଗୋଲେଖ ବାରିକ ଓ ବର୍ତ୍ତମାନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ବିଦ୍ୟାଳୟର ଶିକ୍ଷକ ଲକ୍ଷ୍ମୀଧର ତ୍ରିପାଠୀ ଓ ସହପାଠୀ ମାନଙ୍କ ବିୟୋଗରେ ସେମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ଉଦ୍ଦେଶ୍ୟରେ ୧ମିନିଟ ନିରବ ପ୍ରାର୍ଥନା କରିଥିଲେ । ଦେବେନ୍ଦ୍ର ପଣ୍ଡା ଗୁରୁବନ୍ଦନା ସଂଗୀତ ଗାନ କରିଥିବାବେଳେ ଛାତ୍ରୀ ମାନେ ପୁଷ୍ପଗୁଛ ଓ ଛାତ୍ରମାନେ ଉପଢୌକନ ପ୍ରଦାନ କରି ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୩୭ ବର୍ଷପରେ ନିଜ ଗୁରୁ ମାନଙ୍କୁ ଏତେ ପାଖରେ ପାଇ ଛାତ୍ରଛାତ୍ରୀମାନେ ଭାବବିହ୍ୱଳ ହେବା ସହ ଶିକ୍ଷକମାନେ ନିଜ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପଦପଦବୀରେ ଥିବାର ଜାଣି ବେଶ ଆନନ୍ଦିତ ହୋଇଥିଲେ।

## ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟିଲା ଆଞ୍ଜନେୟ ଟ୍ରାଭେଲ୍ସ



**ହିଞ୍ଜିଳିକାଟୁ, ୧୧।୨ (ସଂଚାର ବ୍ୟୁରୋ):** ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଚାଲିଛି ମହାକୁମ୍ଭମେଳା। ୧୪୪ ବର୍ଷ ପରେ ଏହି ମହାକୁମ୍ଭରେ ଦେଶବିଦେଶର କୋଟି କୋଟି ଶ୍ରଦ୍ଧାଳୁ ସାମିଲ ହୋଇଛନ୍ତି । ମହାକୁମ୍ଭରେ ସ୍ନାନ କରିବା ଦ୍ୱାରା ପାପରୁ ମୁକ୍ତି ସହ ପୁର୍ଣ୍ୟ ପ୍ରାପ୍ତି ହୋଇଥାଏ ନେଇ ବିଶ୍ୱାସ ରହିଛି । ତେବେ ଏହି ଅବସରରେ ଗଂଜାମ ଜିଲ୍ଲା ହିଞ୍ଜିଳିକାଟୁର "ଆଞ୍ଜନେୟ ଟ୍ରାଭେଲସ" ସଂସ୍ଥାର ପରିଚାଳକ କହ୍ନେୟାଲାଲ ପାଠୀଙ୍କ ତରଫରୁ ପ୍ରୟାଗରାଜରେ ଏକ ସପ୍ତାହ ହେଲାଣି ଚାଲିଛି ହଜାର ହଜାର ଶ୍ରଦ୍ଧାଳୁଙ୍କୁ ମାଗଣା ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ। ଏହିଭଳି ମହତ୍ କାର୍ଯ୍ୟରେ ଉକ୍ତ ସଂସ୍ଥା ଆଗେଇ ଆସିଥିବାରୁ ଶ୍ରଦ୍ଧାଳୁ ମାନେ ଧନ୍ୟବାଦ ଜଣାଇବା ସହ ଆଗକୁ ବି ଏହି ପ୍ରୟାସ ଜାରି ରହୁ ବୋଲି କହିଛନ୍ତି ।

ବ୍ୟବସ୍ଥା ଅଛି, କାର୍ଯ୍ୟକାରୀ ହେଉନି

# ମାନସିକ ରୋଗୀଙ୍କ ଦୁଃଖ ବୁଝିବ କିଏ ?



**ହିଞ୍ଜିଳିକାଟୁ, ୧୧।୨ (ସଂଚାର ବ୍ୟୁରୋ) :** ମାନସିକ ଭାରସାମ୍ୟ ହରାଇ ସେମାନେ ରାସ୍ତା କଡ଼ରେ ଘୁରି ବୁଲନ୍ତି। ଅଳିଆ ଗଦାରୁ ଖାଦ୍ୟ ଖୋଜନ୍ତି। ଖରା, ବର୍ଷା, ଶୀତ ଖୋଲା ଆକାଶ ତଳେ ବିତେ ଦିନରାତି। କାରଣ ସେମାନେ ହେଉଛନ୍ତି ମାନସିକ ରୋଗୀ। ସେମାନଙ୍କର ଯେମିତି ସମାଜରେ ସମ୍ମାନର ସହ ବଞ୍ଚିବାର ଅଧିକାର ନାହିଁ। କିନ୍ତୁ ଶାରୀରିକ ଭିନ୍ନକ୍ଷମଙ୍କ ଭଳି ମାନସିକ ଭିନ୍ନକ୍ଷମଙ୍କ ପାଇଁ ମଧ୍ୟ ସରକାରୀ ଯୋଜନା ରହିଛି। ସେମାନଙ୍କୁ ଚିକିତ୍ସା କରାଇ ଆବଶ୍ୟକ ଥଇଥାନ ନିମନ୍ତେ ସରକାରୀସ୍ତରରେ ବ୍ୟବସ୍ଥା ଅଛି। ହେଲେ ହିଂଜିଳି ପୌରପରିଷଦରେ ଉକ୍ତ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉନାହିଁ। ଏମାନଙ୍କ ଦୁଃଖ ବୁଝିବାକୁ ସତେ ଯେମିତି କାହା ପାଖରେ ସମୟ ନାହିଁ।

ସୂଚନା ପ୍ରକାରେ, ଗତ କିଛି ଦିନ ହେବ ହିଞ୍ଜିଳି ମୁଖ୍ୟ ବଜାରରେ ଏକ ମାନସିକ ରୋଗୀଙ୍କୁ ଦେଖିବାକୁ ମିଳୁଛି । ପରିଚୟ ପଚାରିଲେ କିଛି କହୁନାହାନ୍ତି କି କେଉଁ ଅଂଚଳରୁ ଆସିଛ ନେଇ ପଚାରିଲେ ଧାଇଁ ପଳାଉଛନ୍ତି । ଅତି ପରିତ୍ୟକ୍ତ ଅବସ୍ଥାରେ ରହୁଥିବା ବେଳେ ସହରର ବିଭିନ୍ନ ସ୍ଥାନରେ ବୁଲାବୁଲି କରନ୍ତି, ଯିଏ ଯେଉଁଠି ପାରିଲା ଖାଇବାକୁ ଦେଲେ ଖାଇଦିଅନ୍ତୁ ନଚେତ ଭୋକ ଉପାସରେ ଦିନ କାଟନ୍ତି । ସେଇପରି କିଛି ବର୍ଷ ହେବ ସହରରେ ଏକ ମାନସିକ ରୋଗୀ ରାହୁଲ ନାମରେ ସହରରେ ନାମିତ। ଅଞ୍ଚଳର ମାଟି, ପାଣି ଓ ପବନ ଏତେ ନିଜର ଲାଗିଲା ଯେ, ଆଉ ଫେରି ଆସିଥିବା ଜାଗାକୁ ଯିବାକୁ ଉଚିତ ମନେ କଲେ ନାହିଁ। ବର୍ତ୍ତମାନ କିଛି ଦିନ ହେବ ରାତ୍ରି ସମୟରେ ଜାତୀୟ ରାଜପଥର ଡ଼ିଭାଇଡର ଉପରେ ଶୋଇବାର ଦୃଶ୍ୟ ଆସିଛି। ତେବେ ଏହି ରାସ୍ତା ଦେଇ ପ୍ରବଳ ମାତ୍ରାରେ ବହୁ ଦ୍ରୁତଗତିରେ ଗାଡ଼ି ଯିବା ଆସିବା କରୁଥିବା ବେଳେ ଜୀବନ ଯିବାର ବି ସମ୍ଭାବନା ରହିଛି।

ତେବେ ମାନସିକ ଭିନ୍ନକ୍ଷମ, ବିଧବା, ଅବିବାହିତ ମା', ଘରୋଇ ହିଂସାର ଶିକାର ମହିଳା ମାନଙ୍କୁ ୫ ବର୍ଷ ନିମନ୍ତେ ସରକାରୀ ସ୍ତରରେ ଥଇଥାନ କରିବା ପାଇଁ ଯୋଜନା ରହିଛି । ଏପରିକି ଏହି ମହିଳା ଓ ପୁରୁଷଙ୍କୁ କାଉନସେଲିଂ କରାଯିବା ସହିତ ଆବଶ୍ୟକ ସ୍ଥଳେ ମାମଲା ଲଢ଼ିବାର ବ୍ୟବସ୍ଥା ମଧ୍ୟ ଅଛି। କିନ୍ତୁ ହିଞ୍ଜିଳିକାଟୁ ପୌରପରିଷଦରେ ମାନସିକ ଭିନ୍ନକ୍ଷମଙ୍କ ଥଇଥାନ ପାଇଁ ଏ ଯାଏଁ କୌଣସି ବ୍ୟବସ୍ଥା କାର୍ଯ୍ୟକାରୀ ହେଉନାହିଁ।ତେବେ ସାମାଜିକ ସୁରକ୍ଷା ଅଧିକାର ବଳରେ ଏମାନଙ୍କୁ ଥଇଥାନ କରିବା ପାଇଁ ସହରର ସବୁ ମହଲରେ ଦାବି ଦୃଢ଼ୀଭୂତ ହୋଇଛି।

## ବରିଷ୍ଠ ନାଗରିକ ସଂଘକୁ ମିଳିଲାନି ସରକାରୀ ଅନୁଦାନ

**ବେତନଟୀ, ୧୧।୨ (ସଂଚାର ବ୍ୟୁରୋ) :** ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷରେ ସରକାରୀ ପଞ୍ଜିକୃତ ବିଭିନ୍ନ ସମାଜସେବୀ ବରିଷ୍ଠ ନାଗରିକ ସଂଗଠନମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ରାଜ୍ୟର ୩୭ ଗୋଟି ବରିଷ୍ଠ ନାଗରିକ ସଂଘ ନିମନ୍ତେ 'ଅବଦାନ' ସ୍କିମରେ ମଂଜୁର କରିଥିଲେ। ତଦନୁଯାୟୀ ମୟୂରଭଞ୍ଜ ଜିଲ୍ଲାର ନଅଗୋଟି ଅନୁଷ୍ଠାନ ନିମନ୍ତେ ୫୦ ହଜାର ଲେଖାଏଁ ମୋଟ ସାଢେ ଚାରିଲକ୍ଷ ଟଙ୍କା ଆଜକୁ ଦେଢ ବର୍ଷ ହେବ ଆସିଥିବାର ଜିଲ୍ଲା ସାମାଜିକ ସୁରକ୍ଷା( ଡି.ଏସ୍.ଏସ୍. ଓ) କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।ବେତନଟୀ ସିଭିଲ ସୋସାଇଟିର ସଂପାଦକ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ବହୁବାର ଜିଲ୍ଲା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାପରେ ମଧ୍ୟ ଏହାର ବଣ୍ଟନ ହୋଇପାରିନାହିଁ। ଜିଲ୍ଲା କାର୍ଯ୍ୟାଳୟ କର୍ତ୍ତୃପକ୍ଷ ଉକ୍ତଟଙ୍କା କିଭଳି କାର୍ଯ୍ୟରେ ଖର୍ଚ୍ଚ ହେବ, ତାର ସ୍ପଷ୍ଟୀକରଣ ଚିଠିନମ୍ବର ୧୫୬୪ ତା ୨୦-୦୮- ୨୪ ଓ ଚିଠି ନମ୍ବର ୨୪୨୬ତା ୧୯-୧୨-୨୪ ରେ ଦୁଇଗୋଟି ଚିଠିରେ ଉପରିସ୍ଥ ଭୁବନେଶ୍ୱର କାର୍ଯ୍ୟାଳୟକୁ କରିଥିବାର ଜଣାଇଛନ୍ତି। ଯେହେତୁ ପୁଣି ମାର୍ଚ୍ଚମାସ ଆସି ଯାଇଛି ଓ ଟଙ୍କାର ବିନିଯୋଗପତ୍ର ଦେବାକୁ ପଡିବ , ଏଣୁ ଯଥାଶିଘ୍ର ଉକ୍ତ ଟଙ୍କା ବଣ୍ଟନ ନିମନ୍ତେ ନିଜେ ମଧ୍ୟ ସରକାରଙ୍କ ସଂପୃକ୍ତ ବିଭାଗ ନାମରେ ଅନୁରୋଧ ପତ୍ରଟିଏ ନିକଟରେ ସିଭିଲ ସୋସାଇଟି ,ବେତନଟୀ ତରଫରୁ ପ୍ରେରଣ କରାଯାଇଥିବାର ଶ୍ରୀ ମହାନ୍ତି ଜଣାଇଛନ୍ତି । ଯେହେତୁ ବୟସ୍କ ବ୍ୟକ୍ତିଙ୍କ ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ସଂଗଠନମାନଙ୍କୁ ଏହି ଟଙ୍କା ବଣ୍ଟନ କରିବାର ସରକାରଙ୍କ ଚିଠି ନମ୍ବର ୫୮୮୬ ତା ୬।୮।୨୦୨୪ରେ ନିର୍ଦ୍ଦେଶ ରହିଛି, ଏଣୁ ସ୍ପଷ୍ଟୀକରଣ ନାମରେ ଆଉ ବିଳମ୍ବ ନକରି ତୁରନ୍ତ ଟଙ୍କା ସଂଗଠନମାନଙ୍କୁ ଦେବାର ବ୍ୟବସ୍ଥା କରିବାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏବଂ ମାନ୍ୟବର ଜିଲ୍ଲାପାଳ, ମୟୁରଭଞ୍ଜଙ୍କୁ ଏଥିରେ ହସ୍ତକ୍ଷେପ କରିବାକୁ ମଧ୍ୟ ଅନୁରୋଧ କରାଯାଇଅଛି ।

ଜଳ ନିକାଶ ବିଭାଜନର ଠିକାଦାର ପୋଷଣ ନୀତି

# ଅବଧି ପରେ ବି ସରୁନି କାମ

**ବିଞ୍ଝାରପୁର, ୧୧।୨ (ସଂଚାର ବ୍ୟୁରୋ) :** ବର୍ଷା ଦିନରେ ଯଦି ବିଞ୍ଝାରପୁରର କୌଣସି ପଞ୍ଚାୟତ ଅଧିକ ପ୍ରଭାବିତ ହୋଇଥାଏ ତାହା ହେଉଛି ବିଞ୍ଝାରପୁର ବ୍ଲକ୍‌ର ସୟଦପୁର ପଞ୍ଚାୟତ। ବର୍ଷା ଦିନରେ ଆବଶ୍ୟକ ଥିବା ଡ୍ରେନର ଅଭାବରୁ ଏଠି ରାସ୍ତା ଉପରେ ନାଳ ନର୍ଦ୍ଦମା ପାଣି ଖେଳେ, ନାଳ ନର୍ଦ୍ଦମା ପାଣି ପାଇଁ ଏଠି



ଜୀବନ ଜଳବନ୍ଦୀରେ ରହେ। ଏଭଳି ଦୁର୍ଦ୍ଦଶାରୁ ରକ୍ଷା ପାଇବା ପାଇଁ ପଦକ୍ଷେପ ନେବାକୁ ବାରମ୍ବାର ଦାବି କରନ୍ତି ଗ୍ରାମବାସୀ।

ତେବେ ଏହି ଦୁର୍ଦ୍ଦଶାରୁ ରକ୍ଷା ପାଇବା ପାଇଁ ଓଡ଼ିଶା ସରକାରଙ୍କ ଜଳ ସଂପଦ ବିଭାଗ ପକ୍ଷରୁ ଯାଜପୁର ଜଳ ନିକାଶ ଅଧୀନରେ ସୟଦପୁର ଗାଁରେ ଡ୍ରେନ ନିର୍ମାଣ ପାଇଁ ୨୦୨୪ ମସିହା ଫେବୃଆରୀ ମାସ ରେ ବ୍ୟୟ ବରାଦ ହୋଇଥିଲା ୪ କୋଟି ୭୨ ଲକ୍ଷ ୭୫ ହଜାର ଟଙ୍କା। କାର୍ଯ୍ୟ ଫେବୃଆରୀ ୨୬, ୨୦୨୪ରୁ ଆରମ୍ଭ ହୋଇ ୨୦୨୫ ମସିହା ଜାନୁଆରି ୨୫ ତାରିଖ ମଧ୍ୟରେ ସମାପ୍ତ ହେବାର ଥିଲା। କିନ୍ତୁ ଏଠି କାର୍ଯ୍ୟାଦେଶର ଅବଧି ସରିଯାଇଥିଲେ ବି କାର୍ଯ୍ୟ ସରିଲା ନାହିଁ। ଆରମ୍ଭରୁ ଏହି ଡ୍ରେନ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନଥିଲା। ଅଭିଯୋଗ ଅନୁଯାୟୀ କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀ ଅନୁପସ୍ଥିତି ରହୁଥିବା ବେଳେ କାର୍ଯ୍ୟର ଭାଗ ମାପ ଠିକ୍ ରହି ନ ଥିଲା । ପତଳା ବାଲି ସାଙ୍ଗକୁ ଆଶ ବେଶ ସିମେଣ୍ଟରେ କାର୍ଯ୍ୟ କରି ଠିକାଦାର ଲାଭଖୋର ମନବୃତି ଥିବାକୁ ଜଳ ନିକାଶ ବିଭାଗ ପ୍ରଶୟ ଦେଉଥିବା ଅଭିଯୋଗ ହୋଇଛି। ଉଦ୍ଦିଷ୍ଟ ଥିବା ଅବଧି ଭିତରେ କାର୍ଯ୍ୟ ସରି ନଥିବାରୁ ଏହି ଡ୍ରେନ ଅଧାପନ୍ତରିଆ ହୋଇ ପଡି ରହିଛି । ତେବେ ଏଭଳି କାର୍ଯ୍ୟ ଚାଲିଥିବା ବେଳେ ଡ୍ରେନ ର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନ ଉଠିଛି।

# ଶିକ୍ଷାରୁ ବଞ୍ଚିତ ମୁନିଗୁଡ଼ାର ଆଦିବାସୀ ପିଲା

**ରାୟଗଡା, ୧୧।୨ (ସଂଚାର ବ୍ୟୁରୋ) :** ରାୟଗଡା ଜିଲ୍ଲାର ମୁନିଗୁଡ଼ା ବ୍ଲକର ସରଧାପୁର ପଞ୍ଚାୟତର କୁମୁଡ଼ାପଦର ଗ୍ରାମର ଅନେକ



ଆଦିବାସୀ ପିଲାମାନେ ମୌଳିକ ଶିକ୍ଷାରୁ ବଞ୍ଚିତ ରହିଛନ୍ତି। ଏହା ଦେଖାଯାଏ ଯେ, ରମିତା ନୁନ୍ଦୁକା ବୟସ ୧୧, ସପନା ନନ୍ଦୁକା ବୟସ ୧୧, କଞ୍ଚନୀ ନୁଣ୍ଡୁକା ବୟସ ୧୧, ମାଁଙ୍ଗୁ ନୁଣ୍ଡୁକା ବୟସ ୯, ପାର୍ବତୀ ନୁଣ୍ଡୁକା ବୟସ ୯ , ଅନିତା ନୁନ୍ଦୁକା ବୟସ ୮, ଏହି ଭଳି ଝିଅମାନେ କେବେବି ବିଦ୍ୟାଳୟରେ ଯାଇନଥିବା କହିଛନ୍ତି। ଏହା ଏକ ଗଭୀର ଚିନ୍ତାର ବିଷୟ, କାରଣ ଭାରତୀୟ ସଂବିଧାନ ଅନୁଯାୟୀ ୬ ରୁ ୧୪ ବର୍ଷ ବୟସ୍କ ପିଲାମାନଙ୍କ ପାଇଁ ମୌଳିକ ଶିକ୍ଷା ଅଧିକାର

**ସରକାରୀ ଯୋଜନାର ବିଫଳତା ସ୍ପଷ୍ଟ**

ରଉଛି ଏବଂ ସରକାର ଏହାକୁ ସୁନିଶ୍ଚିତ କରିବାକୁ ବାଧ୍ୟତାମୂଳକ। ଏହି ଉଦ୍ଦେଶ୍ୟରେ ଓଡ଼ିଶାର ପୂର୍ବ ସରକାର ଗଣଶିକ୍ଷା ବିଭାଗ ମାଧ୍ୟମରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଯାହା ପାଇଁ ବହୁତ ଅର୍ଥ ମଧ୍ୟ ବ୍ୟୟ ହାଇଥିଲା ତଥାପି ଶିକ୍ଷାର ଉନତି ହଇପାରିଲା ନାହିଁ, ମୁନିଗୁଡ଼ା ବ୍ଲକର ଏହି ପରିସ୍ଥିତି ସରକାରୀ ଯୋଜନାର କାର୍ଯ୍ୟକାରିତା ପ୍ରତି ପ୍ରଶ୍ନ ଉତ୍ଥାପନ କରେ। ଗ୍ରାମ ସ୍ତରରେ ପ୍ରତ୍ୟେକ ପିଲାମାନଙ୍କର ଜନଗଣନା ରେକର୍ଡ ରହିଥିଲେ ମଧ୍ୟ, ସେମାନଙ୍କୁ ବିଦ୍ୟାଳୟରେ ଭର୍ତ୍ତି କରାଯାଇ ନଥିବାରୁ କିଏ ଦାୟୀ ? ଏହାର ଦାୟିତ୍ୱ ମୁନିଗୁଡ଼ା ବ୍ଲକ ଶିକ୍ଷା ବିଭାଗର କର୍ମଚାରୀ, ଅଧିକାରୀ, ସ୍ଥାନୀୟ ଶିକ୍ଷକ, ସିଆରସିସି, ବିଆରସିସି ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଯାଇଥାଏ। ଏହି ପରିସ୍ଥିତିରେ, ଗଣଶିକ୍ଷା ବିଭାଗ ଓ ରାୟଗଡା ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଉଛି ଯେ, ମୁନିଗୁଡ଼ା ବ୍ଲକରେ ଏକ ସ୍ୱତନ୍ତ୍ର କମିଟି ଗଠନ କରି, କେଉଁ ଗ୍ରାମରେ ପିଲାମାନେ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି ସେଥିର ତାଲିକା ପ୍ରସ୍ତୁତ କରିବା ଓ ଆଗାମୀ ଶିକ୍ଷା ବର୍ଷରେ ସେମାନଙ୍କୁ ଆଶ୍ରମ ବିଦ୍ୟାଳୟରେ ଭର୍ତ୍ତି କରିବାର ବ୍ୟବସ୍ଥା କରିବା ଉଚିତ । ଏହା ସହିତ, ଯେଉଁମାନେ ଏଥିରେ ଅବହେଳା କରିଛନ୍ତି, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଉ ଉଚିତ।

## ମୁମ୍ବାଇରୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ



**କଳାହାଣ୍ଡି, ୧୧।୨ (ସଂଚାର ବ୍ୟୁରୋ) :** କଳାହାଣ୍ଡି ଜିଲ୍ଲାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଥମିବାର ନା ନେଉନାହିଁ। ପ୍ରତି ମାସରେ କେଉଁଠି ନା କେଉଁଠି ଦାଦନ ଶ୍ରମିକଙ୍କ ମୃତଦେହ ଘରକୁ ଫେରିବାର ଖବର ମିଳୁଛି। ତେବେ ମଙ୍ଗଳବାର ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି କୁମ୍ଭାରୀ ଗାଁ କୁ ଏକ ଦାଦନ ଶ୍ରମିକଙ୍କ ମୃତ ଦେହ ସୁଦୂର ମୁମ୍ବାଇ ରୁ ଫେରିଛି। ସୂଚନା ଅନୁଯାୟୀ କୁମ୍ଭାରୀ ଗାଁର ବବୁ ପୁଟେଲ କିଛି ମାସ ତଳେ ମୁମ୍ବାଇକୁ ଦାଦନ ଖଟି ଯାଇଥିଲେ। ସେଠାରେ ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିବା ବେଳେ କୌଣସି କାରଣରୁ ତାଙ୍କର ମୃତ୍ୟୁ ହୋଇଛି। ଖବର ପାଇ ଘର ଲୋକେ ଏକ ଗାଡ଼ିରେ ମୁମ୍ବାଇ ପହଞ୍ଚି ଏକ ଆମ୍ବୁଲାନ୍ସ ଯୋଗେ ମଙ୍ଗଳବାର ଅପରାହ୍ନ ୪ଟାରେ ମୃତ ଶରୀର ଧରି କୁମ୍ଭାରୀ ଗାଁକୁ ଆଣି ଶେଷକୃତ୍ୟ ସଂପନ୍ନ କରିଛନ୍ତି। ଗାଁକୁ ଶବ ପହଁଚିବା ପରେ ପଡାସାରାରେ କାନ୍ଦବୋବାଳିରେ ଫାଟି ପଡିଥିଲା। ମୃତ ବବୁଙ୍କ ପରିବାର ଏକ ଗରିବ ଖଟିଖିଆ ଶ୍ରମିକ ଅଟନ୍ତି। ପରିବାର କହିଲେ ସ୍ତ୍ରୀ ତରୁଣୀ ପଟେଲ, ଝିଅ ମନୀଷା ପଟେଲ (୧୫) ଓ ପୁଅ ମନିସ ପଟେଲ (୧୦) ବର୍ଷ ରହିଛନ୍ତି।

## ବୀରମହାରାଜପୁରରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର, ୧୧।୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର କଲ୍ୟାଣ ମଣ୍ଡପ ଠାରେ ବ୍ଲକ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୀରମହାରାଜପୁର ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ଡ଼ଃ ସଞ୍ଜୟ ମହାପାତ୍ର, ବୀରମହାରାଜପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ହିମାଂଶୁ ଶେଖର ପାଢ଼ୀ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଆଶୁତୋଷ ହୋତା, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଅଧିକାରୀ ବିଜୟ ବିଶ୍ୱାଳ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତ ଧରୁଆ ପ୍ରମୁଖ ଯୋଗ ଦେଇଥିଲେ। ଏକ୍ସନଏଡ଼ର ରାଜ୍ୟ ସଂଯୋଜକ ତଥା ସାଧନା କର୍ମୀ ଘାସିରାମ ପଣ୍ଡା ସମାଜରେ ଲିଙ୍ଗଗତ ବୈଷମ୍ୟ ଓ ଭେଦଭାବ କାରଣରୁ ହେଉଥିବା ବିଭିନ୍ନ




ପ୍ରକାରର ହିଂସା, ଏହାର କାରଣ ଓ ନିରାକରଣ ଉପରେ ବକ୍ତବ୍ୟ ଦେଇଥିବା ବେଳେ ଅନ୍ୟତମ ସାଧନା କର୍ମୀ ଜିଲ୍ଲା ଜୁଭିନାଇଲ ଜଷ୍ଟିସ ବୋର୍ଡ ମେମ୍ବର ତଥା ଆଇନଜୀବୀ ରଂଜିତା ସାହୁ ମହିଳା ମାନଙ୍କ ପାଇଁ ରହିଥିବା ବିଭିନ୍ନ ଆଇନ ଏବଂ ସାହାଯ୍ୟକାରୀ ଅନୁଷ୍ଠାନ ଉପରେ ବକ୍ତବ୍ୟ ପ୍ରଦାନ ପୂର୍ବକ ଉପସ୍ଥିତ ସଦସ୍ୟ, ସଦସ୍ୟା, ଆଶା, ଅଙ୍ଗନବାଡ଼ି କର୍ମୀ ସମେତ କଲେଜ ଛାତ୍ରୀ ମାନଙ୍କୁ ସଚେତନ କରିଥିଲେ।

## ଭେଡେନ ଆଞ୍ଚଳିକ କିଷାନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



**ଭେଡେନ, ୧୧।୨ (ସଂଚାର ବ୍ୟୁରୋ):** ଭେଡେନସ୍ଥିତ ଆଞ୍ଚଳିକ କିଷାନ ମହାବିଦ୍ୟାଳୟ ପରିସରରେ ୪୪ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଳା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତାବିରା ନିର୍ବାଚନ ମଣ୍ଡଳୀର ବିଧାୟକ ନିହାର ରଞ୍ଜନ ମହାନନ୍ଦ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବରେ ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟ ଡୁଙ୍ଗୁରୀ ଇଂରାଜି ଅଧ୍ୟାପକ ସୂର୍ଯ୍ୟଭାନୁ ସାହୁଙ୍କ ସହ ଛାତ୍ର ସଂସଦ ଉପଦେଷ୍ଟା ଉପେନ୍ଦ୍ର ଛତର, ସହ ଉପଦେଷ୍ଟା ପ୍ରଜ୍ୱଳ ଶୁଭମ ବ୍ରହ୍ମଚାରି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଟ୍ରଫି ଓ ମାନପତ୍ର ଦେଇ ସମ୍ମାନୀତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# କମାରଯୋଡ଼ା ଜଳାଶୟ ପୁନରୁଦ୍ଧାର ଯୋଜନା ଫେଲ୍

**ଯୋଡା, ୧୧।୨ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଯୋଡା ଇଲାକାର ସର୍ବପୁରାତନ ଓ ସର୍ବବୃହତ୍ କମାରଯୋଡା ଜଳାଶୟର ପୁନରୁଦ୍ଧାର କାର୍ଯ୍ୟ ଫେଲ ମାରିଛି । ଯୋଡା ସହରାଞ୍ଚଳ ଅଧିନସ୍ଥ ୧୧ ନମ୍ବର କାଉନସିଲ ଅନ୍ତର୍ଗତ କମାରଯୋଡା ସ୍ଥିତ ପ୍ରାୟ ୧୪ ଏକର ପରିମିତ ଅଞ୍ଚଳରେ ସରକାରୀ ଉଦ୍ୟମରେ ୧୯୬୨ ମସିହାରେ ଖନନ ହୋଇଥିବା ବିରାଟ ଜଳାଶୟଟି ଦୀର୍ଘ ଦିନ ହେଲା ବ୍ୟବହାର ଅନୁପଯୋଗୀ ହୋଇପଡିଥିବା ସମୟରେ ସମ୍ପ୍ରତି ଏହି ବିରାଟ ପୁରାତନ ପୁଷ୍କରଣୀଟିକୁ ପୁନରୁଦ୍ଧାର ନିମନ୍ତେ ପୌର ପ୍ରଶାସନ ଅଣ୍ଟା ଭିଡିଥିବା ବେଳେ ଏବେ ଏହା ଅଧା ନିର୍ମାଣରେ ଅଟକି ରହିଛି। ଦୀର୍ଘ ୫ ବର୍ଷ ଧରି ନିର୍ମାଣ କାର୍ଯ୍ୟ ଅଧାରେ ପଡି ରହିବା ସହିତ ରାସ୍ତାକଡରେ ଲକ୍ଷ ଲକ୍ଷ ଟଙ୍କା ସିମେଣ୍ଟ ଖତ ଖାଉଛି । ପୋଖରୀ ନିର୍ମାଣ ଶେଷ କରିବା ପାଇଁ ପୌରପାଳିକା ଓ ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନଥିବାରୁ ସ୍ଥାନୀୟ ୱାର୍ଡବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଆଗାମୀ ୭ ଦିନ ମଧ୍ୟରେ ପୋଖରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ନହେଲେ



ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଗଣମାଧ୍ୟମ ଆଗରେ ୱାର୍ଡବାସୀ କଡା ଚେତାବନୀ ଦେଇଛନ୍ତି।

ଏହି ପୋଖରୀ ଯୋଡା ସହରର ସର୍ବପୁରାତନ ପୋଖରୀ ଭାବେ ପରିଚିତ । ପ୍ରାୟ ୧୪ ଏକର ପରିମିତ ଅଞ୍ଚଳରେ ଏହି ପୋଖରୀ ନିର୍ମାଣ କରାଯାଇଥିଲା । ଅଧିକନ୍ତୁ ୧୧ ନମ୍ବର କାଉନସିଲ ଅନ୍ତର୍ଗତ ପେଣ୍ଠୋଇସାହି,ପାତ୍ରସାହି, ଆପଟସାହି, ନବୀଖାନ ହଟିଂ, ବାସୁ ସରକାର ହଟିଂ, କୁଦୁରୁସାହି, ସୁରେଜା ହଟିଂ ସମେତ ସଂଲଗ୍ନ ୧୨ ଓ ୧୩ ନମ୍ବର କାଉନସିଲର ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ପରିବାର ଦୈନନ୍ଦିନ ବ୍ୟବହାର ନିମନ୍ତେ ଏହି ଜଳାଶୟ ଉପରେ ପ୍ରତ୍ୟକ୍ଷ ରୂପେ ନିର୍ଭର କରଥାନ୍ତି । ତତସହିତ ଗୃହପାଳିତ ପଶୁ ଦୈନନ୍ଦିନ ପାଣି ପିଇ ଶୋଷ ମେଣ୍ଟାଇଥାନ୍ତି । ପୋଖରୀର ପଙ୍କ ଉଦ୍ଧାର ଓ କଂକ୍ରିଟ ହିଡ ନିର୍ମାଣ କରିବା ନିମନ୍ତେ ଗତ ୨୦୧୯-୨୦ ଆର୍ଥିକ ବର୍ଷରେ ରାଜ୍ୟ ସରକାର ପୋଖରୀ ପୁନରୁଦ୍ଧାର ଯୋଜନାରେ ଓମ୍ବାଡିସିରୁ ୬.୩୧ କୋଟି ଟଙ୍କା ମଞ୍ଜୁର କରିଥିଲେ । ପୋଖରୀ ନିର୍ମାଣ ନିମନ୍ତେ ଠିକାଦାର ନିଯୁକ୍ତ କରାଯାଇଥିଲା। ଠିକାଦାର ପକ୍ଷରୁ ପୋଖରୀର ପୁରୁଣା ହିଡ କାଟି ପକାଇ ଦେଇଥିବା ବେଳେ ମାତ୍ର କିଛି ଅଞ୍ଚଳ ଖନନ କରି ଛାଡି ପଳାଇଥିବା ସ୍ଥାନୀୟ ୱାର୍ଡବାସୀ ଅଭିଯୋଗ କରିଛନ୍ତି । ପୋଖରୀର କଂକ୍ରିଟ ହିଡ ନିର୍ମାଣ ନିମନ୍ତେ ଅଣାଯାଇଥିବା ସିମେଣ୍ଟ ବ୍ୟବହାର କରାନଯାଇ ରାସ୍ତା କଡରେ ଖତ ଖାଉଛି । ପୋଖରୀ ନିର୍ମାଣ ନିମନ୍ତେ ପୋଖରୀର ହିଡ କାଟି ଦିଆଯାଇଥିବାରୁ ପୋଖରୀରେ ଆଉ ପାଣି ରହୁନାହିଁ । ଫଳରେ କୂଅ ଶୁଖିଯାଉଛି । ଲୋକେ ପାନୀୟ ଜଳ ପାଇବାରୁ ବହୁତ ସମସ୍ୟା ଦେଖାଦେଇଛି । ପରିତ୍ୟକ୍ତ ଅବସ୍ଥାରେ ପୋଖରୀଟି ପଡି ରହିଥିବାରୁ ପୋଖରୀ ଅଞ୍ଚଳରେ ଅସାମାଜିକ ଲୋକଙ୍କର ମୁଖ୍ୟ ଆଡ୍ଡାସ୍ଥଳୀ ପାଲଟିଛି ।

## ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲର ବାର୍ଷିକ ଉତ୍ସବ

**ବାଲିଚନ୍ଦ୍ରପୁର, ୧୧।୨ (ସଂଚାର ବ୍ୟୁରୋ):** ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର କ୍ଲଷ୍ଟର ପତରାଜପୁର ଗ୍ରାମ ପଞ୍ଚାୟତସ୍ଥିତ ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲର ୨୧ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଉପାଧ୍ୟକ୍ଷ ନାରାୟଣ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱ, ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରକାଶ ଚନ୍ଦ୍ର ସାମଲଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ୧୯ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବଟିକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସାମ୍ବାଦିକ ତଥା ସାହିତ୍ୟିକ ଭକ୍ତ ଚରଣ ସାହୁ ସମ୍ମାନିତ ଅତିଥି ଭାବେ ପତରାଜପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ତନୁଶ୍ରୀ ଦାସ, ସମିତି ସଭ୍ୟ କୁଳମଣି ବାରିକ, ପରିଚାଳନା ସମିତି ସଭାପତି ମିର୍ଜା ମନୁୱରଅଲ୍ଲୀ ବେଗ୍, ସମ୍ପାଦିକା ସୌଭାଗ୍ୟଲକ୍ଷ୍ମୀ ବଳ, ସିଆରସିସି ବାଲିଚନ୍ଦ୍ରପୁର କ୍ଲଷ୍ଟର ଏକାଦଶୀ ମଲ୍ଲିକ ପ୍ରମୁଖ ଯୋଗଦେଇ ପ୍ରାଥମିକ ଶିକ୍ଷାରେ ପିତାମାତା ଓ ଶିକ୍ଷକଙ୍କ ଭୂମିକା ତଥା ଉତ୍ତମ ଶିକ୍ଷାନିମିତ ବହୁବିଦ୍ଧ ଶିକ୍ଷାବ୍ୟବସ୍ଥା ତଥା ଆଦର୍ଶ ଛାତ୍ରଛାତ୍ରୀ ଗଠନ ନିମିତ ଏହି ଶିକ୍ଷାନୁଷ୍ଠାନର ଉଦ୍ୟମ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ମାନପତ୍ର, ଟ୍ରଫି ଓ ବ୍ରିଗେଡ୍ ମେଡ଼ାଲ ଦେଇ ସମ୍ମାନିତ କରିଥିଲେ।

